RNI No.ODIODI/2010/33031
୧୭ ବର୍ଷ Volume-17
ISSUE -108 ସଂଖ୍ୟା-୧୦୮
ଭୁବନେଶ୍ୱର, ମଙ୍ଗଳବାର ୦୭ ଜୁଲାଇ ୨୦୨୬
Bhubaneswar, Tuesday 07 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ




ଭୁବନେଶ୍ୱର,୬।୭(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ପୁରୀ ଟାଉନ ହଲ୍ ଠାରେ ଆୟୋଜିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆମର ବୁଦ୍ଧି, ଜ୍ଞାନ, ଦକ୍ଷତା ଓ ଅଭିଜ୍ଞତା- ଏସବୁକୁ ଏକାଠି କରି ସମର୍ପଣ ମନୋଭାବ ନେଇ ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ତଥା ସେବକ ବନ୍ଧୁମାନେ ରଥଯାତ୍ରା ପରିଚାଳନା କରିବା ଆବଶ୍ୟକ। ଏହାଦ୍ୱାରା ରଥଯାତ୍ରା ତ୍ରୁଟିଶୂନ୍ୟ ଭାବେ ସମ୍ପନ୍ନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ସମସ୍ତଙ୍କ ହୃଦୟର ଠାକୁର। ରଥଯାତ୍ରା କେବଳ ପୁରୀ ନୁହେଁ, ସାରା ଓଡିଶା ଓ ସମଗ୍ର ଦେଶ ଓ ବିଶ୍ୱର ଜଗନ୍ନାଥ ଭକ୍ତଙ୍କ ପାଇଁ ସବୁଠାରୁ ପବିତ୍ର ଦିନ। ଏହି ପର୍ବ ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଏକ ସୁରକ୍ଷିତ ରଥଯାତ୍ରା କେବଳ ଏକ ସରକାରୀ କର୍ତ୍ତବ୍ୟ ନୁହେଁ, ଏହା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ଅଧିକାରୀ ନିଜ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହିତ ମହାପ୍ରଭୁଙ୍କ ଆଦେଶ ମନେ କରି ସେବା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁରକ୍ଷା ଓ ଭିଡ ପରିଚାଳନା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଗତ ଦୁଇ ବର୍ଷରେ ଯେଉଁ ଅଭିଜ୍ଞତା ମିଳିଛି ସେସବୁକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସମସ୍ତ କାର୍ଯ୍ୟର ଉପଯୁକ୍ତ ମନିଟରିଙ୍ଗ୍ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମହାପ୍ରଭୁଙ୍କ ସେବକମାନେ ସମୟାନୁବର୍ତ୍ତିତାର ସହ ସମସ୍ତ ନୀତିକାନ୍ତି ସମ୍ପନ୍ନ କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଥିଲେ। ସଚେତନତା ପାଇଁ ବିଭିନ୍ନ ଗଣମାଧ୍ୟମ, ଡାକବାଜି ଯନ୍ତ୍ର ଓ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନୀତିକାନ୍ତି, ଅନ୍ୟାନ୍ୟ ସେବା, ଟ୍ରାଫିକ ଚଳାଚଳର ସଦ୍ୟତମ ସ୍ଥିତି ଏବଂ ଅନ୍ୟାନ୍ୟ ଜରୁରୀ ସୂଚନା ଏଫ୍.ଏମ୍ ରେଡିଓ, ସାମାଜିକ ଗଣମାଧ୍ୟମ, ବିଭାଗୀୟ ୱେବ ସାଇଟ ତଥା ଟେଲିଭିଜନ ମାଧ୍ୟମରେ ପ୍ରଦାନ କରାଗଲେ ଅନେକ ସମସ୍ୟାକୁ ଏଡାଇ ହେବ ବୋଲି ସେ କହିଥିଲେ। ଗୁଜବ ସୃଷ୍ଟିକାରୀଙ୍କ ଉପରେ କଡା ନଜର ରଖି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସେହି ଭାବର ସମ୍ପର୍କକୁ ସମ୍ମାନ ଦେଇ ସମସ୍ତେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ପାଳନ କଲେ ରଥଯାତ୍ରା ଠିକ୍ ଭାବରେ ସମ୍ପନ୍ନ ହୋଇପାରିବ। ସେ କହିଥିଲେ ଯେ, ସମସ୍ତ ଭକ୍ତ ଯେପରି ଏକ ସୁଖଦ ଆଧ୍ୟାତ୍ମିକ ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ କରି ଫେରିବେ, ସେଥିରେ ଆମ ସମସ୍ତଙ୍କର ସଫଳତା ଓ ଆମ ସମସ୍ତଙ୍କର ପୁଣ୍ୟ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ 'ରୂପରେଖ- ରଥଯାତ୍ରା ୨୦୨୬' ପୁସ୍ତିକାର ଉନ୍ମୋଚନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀଗଣ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ସାମଗ୍ରିକ ପ୍ରସ୍ତୁତିର ବିବରଣୀ ପ୍ରଦାନ କରିଥିଲେ ଏବଂ ପୋଲିସ ମହାନିର୍ଦ୍ଦେଶକ ସୁରକ୍ଷା ସମ୍ପର୍କିତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

## ପୁରୀ ରେଳ ଷ୍ଟେସନ ହେବ ବିଶ୍ୱସ୍ତରୀୟ

ପୁରୀ,୬।୭(ନି.ପ୍ର.): ପୁରୀ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା କେନ୍ଦ୍ରରେ ପରିଣତ କରିବା ଲକ୍ଷ୍ୟରେ ଚାଲିଥିବା ପୁନଃବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସମୀକ୍ଷା ବେଳେ ମନ୍ତ୍ରୀ ପ୍ରକଳ୍ପର ଅଗ୍ରଗତି ନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଯାତ୍ରୀଙ୍କ ପାଇଁ ଆଧୁନିକ ସୁବିଧା ସହ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ଝଲକ ରେଳ ଷ୍ଟେସନରେ ପ୍ରତିଫଳିତ ହେବା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ପୁନଃବିକାଶ ପ୍ରକଳ୍ପ ଅନୁଯାୟୀ ଷ୍ଟେସନରେ ପ୍ଲାଟଫର୍ମର ସମ୍ପ୍ରସାରଣ, ଯାତ୍ରୀଙ୍କ ପାଇଁ ଉନ୍ନତ ସୁବିଧା, ଅତ୍ୟାଧୁନିକ ଟିକେଟ୍ ବ୍ୟବସ୍ଥା ଏବଂ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରାଯିବ। ବର୍ଷା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ଅନୁଯାୟୀ ଆଗକୁ ବଢୁଥିବା ନେଇ ଅଧିକାରୀମାନେ ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ପ୍ରତିବର୍ଷ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀକୁ ଆସୁଥିବାରୁ ସେମାନଙ୍କୁ ସୁବିଧାଜନକ ଓ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଏହି ପୁନଃବିକାଶ କାର୍ଯ୍ୟ ଶେଷ ହେଲେ ପୁରୀ ରେଳ ଷ୍ଟେସନ କେବଳ ତୀର୍ଥଯାତ୍ରୀଙ୍କ ପ୍ରବେଶ ଦ୍ୱାର ନୁହେଁ, ବରଂ ଆଧୁନିକ ରେଳ ଭିତ୍ତିଭୂମିର ଏକ ଆଦର୍ଶ କେନ୍ଦ୍ର ଭାବେ ପରିଚିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ଦେଶବ୍ୟାପୀ ରେଳ ଆଧୁନିକୀକରଣ ଅଭିଯାନରେ ପୁରୀ ରେଳ ଷ୍ଟେସନର ଏହି ପୁନଃବିକାଶ ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି।



## ବଢୁଛି ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର

ଭଦ୍ରକ,୬।୭(ନି.ପ୍ର.): ବଢୁଛି ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର। ଏଠାରେ ବିପଦ ସଂକେତ ୧୭.୮୩ ମିଟର ରହିଥିବା ବେଳେ ଦିନ ୧୨ଟା ସୁଦ୍ଧା ଏଠାରେ ୧୭.୯୫ ମିଟର ଉପରେ ଜଳସ୍ତର ପ୍ରବାହିତ ହେଉଛି। ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ନଦୀ କୂଳ ଲୋକଙ୍କୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଏଣେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆସନ୍ତାକାଲି ଆଖୁଆପଦାଠାରେ ବୈତରଣୀ ନଦୀର ଜଳ ସ୍ତର ବିପଦ ସଂକେତ ଛୁଇଁ ପାରେ। ସୋନପୁରରେ ସର୍ବାଧିକ ବର୍ଷା ହୋଇଛି। ଆଜିଠୁ ବର୍ଷା ହେବାର ସମ୍ଭାବନା କ୍ଷୀଣ। ବର୍ଷା ଚାଷୀମାନଙ୍କ ପାଇଁ ଭଲ।

## କୁଖ୍ୟାତ ଆନ୍ତଃରାଜ୍ୟ ଚୋରକୁ ଏନକାଉଣ୍ଟର

ଚମ୍ପୁଆ,୬।୭(ନି.ପ୍ର.): କେଉଁଝର ଏବଂ ମୟୂରଭଞ୍ଜ ଅଞ୍ଚଳରେ ୩୦ରୁ ଅଧିକ ଚୋରି ମାମଲାରେ ଜଡିତ କୁଖ୍ୟାତ ଆନ୍ତଃରାଜ୍ୟ ଚୋର ମହମ୍ମଦ ନାଫିସ (ଝାଡ଼ଖଣ୍ଡ)କୁ ଏନକାଉଣ୍ଟର କରିଛି ଚମ୍ପୁଆ ପୁଲିସ। ଅଭିଯୁକ୍ତ ଆଜି ସକାଳ ପ୍ରାୟ ୫ଟା ସମୟରେ ପତଳା ଜଙ୍ଗଲ ନିକଟରେ ପୁଲିସ ଦଳ ଉପରେ ଗୁଳି ୨ରାଉଣ୍ଡ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ ବେଳେ ଏନକାଉଣ୍ଟର କରିଛି ଚମ୍ପୁଆ ପୁଲିସ। ବିଭିନ୍ନ ସ୍ଥାନରୁ ଚୋରି ପରେ ଚୋରି ସାମଗ୍ରୀ ଚମ୍ପୁଆ ନିକଟସ୍ଥ ପତଳା ଜଙ୍ଗଲରେ ଲୁଚାଇ ରଖିଥିଲା ନାଫିସ। ଗିରଫ ପରେ ଚୋରି ସାମଗ୍ରୀ ଜବତ ପାଇଁ ପୁଲିସ ତାକୁ ଆଜି ସକାଳୁ ପତଳା ଜଙ୍ଗଲକୁ ନେଇଥିଲେ।



ସେଠାରେ ନାଫିସ ପୂର୍ବରୁ ଲୁଚାଇ ରଖିଥିବା ବନ୍ଧୁକରେ ପୁଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ ବେଳେ ବ୍ୟକ୍ତିଗତ ପ୍ରତିରକ୍ଷା ପାଇଁ ପୁଲିସ ଗୁଳି ଚଳାଇଥିଲା, ଯେଉଁଥିରେ ଅଭିଯୁକ୍ତର ଡାହାଣ ଆଣ୍ଠୁରେ ଗୁଳି ଲାଗିଛି । ତାକୁ ଚମ୍ପୁଆର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇ ପରେ କେଉଁଝର ଜିଲ୍ଲାଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।ତା ନିକଟରୁ ଏକ ଦେଶୀ ନିର୍ମିତ ବନ୍ଧୁକ ଜବତ କରାଯାଇଛି । ଚମ୍ପୁଆ ଥାନାରେ ପି.ଏସ୍. ଧାରା ୧୦୯(୧)/୨୯୬ ଇଘଝ କ୍ୱାଙ୍ଗ ୨୫/୨୭ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ମାମଲା ନଂ ୨୫୭/୨୦୨୬ ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଅଭିଯୁକ୍ତଙ୍କ ସହଯୋଗୀ ଏବଂ ଅପରାଧିକ ନେଟୱାର୍କକୁ ଠାବ କରିବା ପାଇଁ ପୁଲିସ ଅଧିକ ତଦନ୍ତ ଜାରି ରହିଛି।

## ଶ୍ରୀକ୍ଷେତ୍ର ସହ ଯୋଡ଼ି ହେଲା ଶାବର ଶ୍ରୀକ୍ଷେତ୍ର

### ଗଡିଲା ପୁରୀ-କୋରାପୁଟ ଏକ୍ସପ୍ରେସ, ସବୁଜ ପତାକା ଦେଖାଇ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀ

ପୁରୀ,୬।୭(ନି.ପ୍ର.): ଓଡ଼ିଶାର ରେଳ ଯୋଗାଯୋଗ ଇତିହାସରେ ଯୋଡ଼ି ହୋଇଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଜି ଶ୍ରୀକ୍ଷେତ୍ର ପୁରୀ ସହ ଶାବର ଶ୍ରୀକ୍ଷେତ୍ର କୋରାପୁଟର ସିଧାସଳଖ ରେଳ ସଂଯୋଗ ସ୍ଥାପିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ



ମାଝୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମିଳିତ ଭାବେ ପୁରୀ ରେଳ ଷ୍ଟେସନରୁ ପୁରୀ-କୋରାପୁଟ ଏକ୍ସପ୍ରେସକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ସହ ବ୍ରହ୍ମପୁର-ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସର ନୈନିକ ଚଳାଚଳର ମଧ ଶୁଭାରମ୍ଭ ହୋଇଛି। ନୂଆ ପୁରୀ-କୋରାପୁଟ ଏକ୍ସପ୍ରେସ ପୁରୀ, ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ଟିଟିଲାଗଡ଼, ରାୟଗଡ଼ା ଓ ଦାମନଯୋଡ଼ି ଦେଇ କୋରାପୁଟକୁ ସଂଯୋଗ କରିବ। ଏହି ଟ୍ରେନ୍ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯାତ୍ରୀ, ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

ଏହି ଅବସରରେ କେନ୍ଦ୍ର ରେଳମନ୍ତ୍ରୀ କହିଥିଲେ ଯେ, ଉପକୂଳ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାକୁ ରେଳପଥରେ ଆହୁରି ମଜବୁତ ଭାବେ ଯୋଡ଼ିବା ପାଇଁ ସରକାର ପ୍ରତିବଦ୍ଧ। ରାଜ୍ୟରେ ପ୍ରାୟ ୯୭ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ୫୦ଟି ରେଳ ଷ୍ଟେସନର ପୁନଃବିକାଶ କାମ ମଧ୍ୟ ଜାରି ରହିଛି। ପୁରୀ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ରୂପ ଦେବା ଦିଗରେ କାମ ଦ୍ରୁତ ଗତିରେ ଆଗେଇ ଚାଲିଛି।ମୁଖ୍ୟମନ୍ତ୍ରୀ ଉତ୍ତର ଓଡ଼ିଶାରୁ ପୁରୀକୁ ଏକ ନୂଆ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଇଥିବା ବେଳେ କେନ୍ଦ୍ର ରେଳମନ୍ତ୍ରୀ ତୁରନ୍ତ ଏହାକୁ ଅନୁମୋଦନ କରି ଖୁବ୍‌ଶୀଘ୍ର ଏହି ସେବା ଆରମ୍ଭ ହେବ ବୋଲି ଘୋଷଣା କରିଛନ୍ତି।ସେହିପରି, ବ୍ରହ୍ମପୁର-ସୁରଟ ଅମୃତ ଭାରତ ଏକ୍ସପ୍ରେସ, ଯାହା ଏପର୍ଯ୍ୟନ୍ତ ସପ୍ତାହକୁ ତିନି ଦିନ ଚଳାଚଳ କରୁଥିଲା, ଏବେଠାରୁ ପ୍ରତିଦିନ ଚାଲିବ। ଏହା ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଯାତାୟାତକୁ ଆହୁରି ସହଜ କରିବା ସହ ପ୍ରବାସୀ ଶ୍ରମିକ, ଛାତ୍ରଛାତ୍ରୀ ଓ ବ୍ୟବସାୟୀଙ୍କ ପାଇଁ ବଡ଼ ସହାୟକ ହେବ।

## ୯ରେ ହୀରାକୁଦରୁ ଛଡ଼ାଯିବ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

ସମ୍ବଲପୁର,୬।୭(ନି.ପ୍ର.): ଲଗାଣ ବର୍ଷା ପ୍ରଭାବରେ ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବଢୁଥିବାବେଳେ ହୀରାକୁଦ ଜଳଭଣ୍ଡାରକୁ ମଧ୍ୟ ବ୍ୟାପକ ପରିମାଣରେ ଜଳ ପ୍ରବେଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ ଜୁଲାଇରେ ହୀରାକୁଦ ବନ୍ଧର ପ୍ରଥମ ଗେଟ୍ ଖୋଲାଯିବ। ଏହା ସହିତ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ମହାନଦୀକୁ ଛଡ଼ାଯିବ। ଦିନ ୧୧ଟା ରେ ହୀରାକୁଦ ବନ୍ଧର ପ୍ରଥମ ଗେଟ୍ ଖୋଲାଯିବା ନେଇ ସୂଚନା ମିଳିଛି।



ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଉପରମୁଣ୍ଡରୁ ବିପୁଳ ପରିମାଣର ପାଣି ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଛି। ଜଳସ୍ତର ବୃଦ୍ଧିକୁ ନଜରରେ ରଖି ବନ୍ଧ କର୍ତ୍ତୃପକ୍ଷ ପରିସ୍ଥିତିର ସମୀକ୍ଷା କରିବା ପରେ ପ୍ରଥମ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଗେଟ୍ ଖୋଲାଯିବା ପରେ ମହାନଦୀର ତଳମୁଣ୍ଡ ଅଞ୍ଚଳରେ ଜଳସ୍ତର ବଢ଼ିବାର ସମ୍ଭାବନା ଥିବାରୁ ନଦୀକୂଳବର୍ତ୍ତୀ ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି। ଜଳ ସମ୍ପଦ ବିଭାଗ ମଧ୍ୟ ତଳିଆ ଅଞ୍ଚଳର ସ୍ଥିତି ଉପରେ କଡ଼ା ନଜର ରଖିଛି। ପ୍ରତିବର୍ଷ ବର୍ଷା ଋତୁରେ ହୀରାକୁଦ ବନ୍ଧରୁ ପ୍ରଥମ ବନ୍ୟାଜଳ ନିଷ୍କାସନକୁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବେ ଦେଖାଯାଏ। ଚଳିତ ବର୍ଷ ମଧ୍ୟ ବର୍ଷାର ତୀବ୍ରତାକୁ ଦୃଷ୍ଟିରେ ରଖି ନିୟନ୍ତ୍ରିତ ଭାବେ ବନ୍ୟାଜଳ ଛାଡ଼ିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

## ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ୍ ହାଫିଜ୍ ସଈଦ

ନୂଆଦିଲ୍ଲୀ,୬।୭: ଜମ୍ମୁ କାଶ୍ମୀର ପହଲଗାମରେ ଧର୍ମ ନାମରେ ହୋଇଥିବା ଆତଙ୍କୀବାଦୀ ଆକ୍ରମଣର ଷଡ଼ଯନ୍ତ୍ର ପାକିସ୍ତାନରେ ହୋଇଥିଲା । ଏହାର ମାଷ୍ଟରମାଇଣ୍ଡ ଲସ୍କର-ଏ-ତୈାଏବାର ମୁଖ୍ୟ ହାଫିଜ୍ ସଈଦ । ସୋମବାର ଜାତୀୟ ତଦନ୍ତ ସଂସ୍ଥା ଏନଆଇଏ ଦାଖଲ କରିଥିବା ସପ୍ଲିମେଣ୍ଟାରୀ ଚାର୍ଜସିଟରେ ଆତଙ୍କୀ ସଙ୍ଗଠନ ଲସ୍କର-ଏ-ତୈାଏବା ଏବଂ ହାଫିଜ ସୟିଦ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି । ଏନଆଇଏ ଅନୁସାରେ ହାଫିଜ ସଈଦ ଏବଂ ଏଲ୍ଇଟିର ପ୍ରତିନଧିଭାବେ କାମ କରୁଥିବା ଦ ରେଜିଷ୍ଟାଣ୍ଟ ଫ୍ରଣ୍ଟ ଉପରେ ମଧ ଅଭିଯୋଗ ଲଗାଯାଇଛି ।

### ଡାହୁକ



ଏମିତି ଅଯୋଗ୍ୟ ରାଜ୍ୟ ସରକାର
ଯୋଗେଇ ପାରୁନି ଭତା
ବୁଢା ବୁଢିଙ୍କର ମୁଣ୍ଡରେ ଚଢ଼କ
କରି ନିଜ ପେଟ ଚିନ୍ତା
ଏମିତି ସମୟେ କୋଟିଏ ଉପରେ
ରାଜସ୍ୱରୁ ଟଙ୍କା ସରି
ପଖାଳ ଦିବସେ ବିରିୟାନି ଖିଆ
କାଙ୍ଗାଳିଆ ଗୁଡା ପରି।

-ବିଧୁ

## ମୁମ୍ବାଇରେ ପ୍ରବଳ ବର୍ଷା, ପୁଣେରେ ଭୟଙ୍କର ଭୂସ୍ଖଳନ

### ବର୍ଷା ବିପ୍ରାତ୍ତରେ ୧୩ ମୃତ

ମୁମ୍ବାଇ,୬।୭(ନି.ପ୍ର.): ମହାରାଷ୍ଟ୍ରରେ ମୌସୁମୀ ବର୍ଷାର ତାଣ୍ଡବ। ଲଗାଣ ବର୍ଷାରେ ବେହାଲ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ଓ ପୁଣେ। ଭୂସ୍ଖଳନ, ବନ୍ୟା ଓ ଜଳବନ୍ଦୀ ସ୍ଥିତି ଯୋଗୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରେଳ ଓ ସଡ଼କ ଯୋଗାଯୋଗ ଠପ୍ ହୋଇଥିବା ବେଳେ ଗତ ୩ରୁ ୪ ଦିନ ମଧ୍ୟରେ ବର୍ଷାଜନିତ ଅଘଟଣରେ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଆଗକୁ ଆହୁରି ବର୍ଷାଥିବାରୁ ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଓ ପୁଣେ ପାଇଁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ।



ଲଗାଣ ବର୍ଷା ଯୋଗୁ ମହାରାଷ୍ଟ୍ରରେ ସାଧାରଣ ଜନଜୀବନ ବିପର୍ଯ୍ୟସ୍ତ। ମୁମ୍ବାଇ ଜଳମଗ୍ନ ହୋଇଥିବା ବେଳେ ପୁଣେରେ ଭୂସ୍ଖଳନ ଯୋଗୁ ଗୋଟିଏ ଘର ମାଟି ତଳେ ପୋତି ହୋଇଯାଇଛି। ଘର ଭିତରେ ତିନି ଜଣ ଫସି ରହିଥିବା ସୂଚନା ମିଳିଛି। ଗତ ୩ରୁ ୪ ଦିନ ମଧ୍ୟରେ ବର୍ଷାଜନିତ ଅଘଟଣରେ ୧୩ ଜଣଙ୍କ ଜୀବନ ଯାଇଥିବା ବେଳେ ମୁମ୍ବାଇ, ପୁଣେ, ପାଲଘର ଓ ରାଇଗଡ଼ରେ ରେକର୍ଡ ବର୍ଷା ହୋଇଥିବା କହିଛନ୍ତି ମହାରାଷ୍ଟ୍ର ମନ୍ତ୍ରୀ ଗିରିଶ ମହାଜନ। ପ୍ରବଳ ବର୍ଷାର ପ୍ରଭାବରେ ମୁମ୍ବାଇ-ପୁଣେ ରେଳ ଓ ସଡ଼କ ଯୋଗାଯୋଗ ପ୍ରାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଭୋର ପ୍ରାୟ ୩.୦୫ ମିନିଟ କରଜତ-ଲୋନାଭାଲାର ଭୋର ଘାଟ ରେଳପଥର ଠାକୁରୱାଡ଼ି ନିକଟରେ ଗୋଟିଏ ବଡ଼ ଭୂସ୍ଖଳନ ଘଟିଛି। ଏହାପରେ ଖଣ୍ଡାଲା ଓ ମଙ୍କି ହିଲ୍ ମଧ୍ୟରେ ଆଉ ଏକ ଭୂସ୍ଖଳନ ହୋଇଥିବା ସୂଚନା ଦେଇଛି ସେଣ୍ଟ୍ରାଲ ରେଲୱେ। ସେଣ୍ଟ୍ରାଲ ରେଳର ମୁଖ୍ୟ ଜନସମ୍ପର୍କ ଅଧିକାରୀ ସ୍ୱପ୍ନିଲ ନିଲାଙ୍କ କହିବା କଥା ଯେ ଭୂସ୍ଖଳନ ଯୋଗୁ ଭୋର ଘାଟରେ ତିନୋଟି ରେଳପଥ-ମୁମ୍ବାଇ ଅପ୍ ଲାଇନ୍, ପୁଣେ ଡାଉନ୍ ଲାଇନ୍ ଓ ମିଡିଲ୍ ଲାଇନ୍ ପ୍ରଭାବିତ ହୋଇଛି। ଦକ୍ଷିଣ-ପୂର୍ବ ଘାଟ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ ସେଣ୍ଟ୍ରାଲ ରେଲୱେ ଅନେକ ଦୂରଗାମୀ ଟ୍ରେନ୍ ବାତିଲ୍ କରିଥିବା ବେଳେ କିଛି ଗାଡିର ରୁଟ୍ ପରିବର୍ତ୍ତନ ଓ ସମୟସୂଚୀରେ ପରିବର୍ତ୍ତନ କରିଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ ରେଳପଥ ପୁନରୁଦ୍ଧାର କାମ ଜାରି ରହିଛି। ପରିସ୍ଥିତିକୁ ଦେଖି ସେଣ୍ଟ୍ରାଲ ରେଲୱେ ୧୬ଟି ଟ୍ରେନ୍ ବାତିଲ୍ କରିଥିବା ବେଳେ ୯ଟି ଟ୍ରେନର ରୁଟ୍ ପରିବର୍ତ୍ତନ କରିଛି। କ୍ଷତିଗ୍ରସ୍ତ ରେଳପଥର ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି।

ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ ଓ ପୁରୁଣା ମୁମ୍ବାଇ-ପୁଣେ ଜାତୀୟ ରାଜପଥରେ ଭୂସ୍ଖଳନ ଓ ଜଳବନ୍ଦୀ ସ୍ଥିତି ଯୋଗୁ ଯାତାୟାତ ବନ୍ଦ ରଖାଯାଇଛି। ଖୋପୋଲି-କୁସଗାଁଓ ମିସିଂ ଲିଙ୍କର ଟନେଲ୍-୨ ନିକଟରେ ଭୂସ୍ଖଳନ ଓ କଂକ୍ରିଟ୍ ଖୁଣ୍ଟ ରାସ୍ତା ଉପରେ ଭୁଶୁଡ଼ି ପଡ଼ିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ପୁଲିସ ପକ୍ଷରୁ ଅତ୍ୟାବଶ୍ୟକ ନ ହେଲେ ମୁମ୍ବାଇ-ପୁଣେ ମଧ୍ୟରେ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ମାଓ୍ୱାଲ ଓ ତାମହିନି ଘାଟ ଅଞ୍ଚଳରେ ମଧ୍ୟ ବନ୍ୟା ପରିସ୍ଥିତି ଦେଖାଦେଇଛି। ଆଗକୁ ଆହୁରି ପ୍ରବଳ ବର୍ଷାର ଆଶଙ୍କା ଥିବାରୁ ମୁମ୍ବାଇ, ପୁଣେ, ଥାଣେ ଓ ପାଲଘର ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଏବଂ ପୌର ସଂସ୍ଥା ପରିଚାଳିତ ସ୍କୁଲ ଓ କଲେଜରେ ସୋମବାର ଛୁଟି ଘୋଷଣା କରାଯାଇଛି।

## ଅଲୀ ଖାମେନେଇଙ୍କ ଅନ୍ତିମ ଯାତ୍ରା

ନୂଆଦିଲ୍ଲୀ,୬।୭୬।୭(ନି.ପ୍ର.): ଆମେରିକା ଓ ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ଇରାନର ସୁପ୍ରିମ ଲିଡର ଅୟତୋଲ୍ଲା ଅଲୀ ଖାମେନେଇଙ୍କୁ ଲକ୍ଷଲକ୍ଷ ଲୋକ ବିଦାନ ଜଣାଉଛନ୍ତି। ଅଲୀ ଖାମେନେଇ ଅନ୍ତିମ ଯାତ୍ରାରେ ଲକ୍ଷଲକ୍ଷ ଲୋକ ସାମିଲ ହୋଇଥିଲେ ହେଁ ତାଙ୍କ ପୁଅ ତଥା ଉତ୍ତରାଧିକାରୀ ମୋଜତବାଙ୍କୁ ଏଯାଏ ଦେଖିବାକୁ ମିଳିନି।ମୋଜତବା ଅନୁପସ୍ଥିତ ରହିଥିଲେ ହେଁ ରବିବାର ଆୟୋଜିତ ପ୍ରାର୍ଥନା ସଭାରେ ଖାମେନେଇଙ୍କ ଅନ୍ୟ ୩ ପୁଅଙ୍କୁ ଦେଖିବାକୁ ମିଳିଛି। ଅଲୀ ଖାମେନେଇଙ୍କ ମୃତ୍ୟୁ ପରେ ଇରାନର ସୁପ୍ରିମ ଲିଡର ଭାବେ ମୋଜତବାଙ୍କୁ ଦାୟିତ୍ୱ ମିଳିଛି। ହେଲେ ଦାୟିତ୍ୱ ମିଳିବା ପରଠାରୁ ତାଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳିନି। ଏବେ ବାପାଙ୍କ ଅନ୍ତିମ ସଂସ୍କାର ବେଳେ ତାଙ୍କ ଅନୁପସ୍ଥିତି ଅନେକ ପ୍ରଶ୍ନ ସୃଷ୍ଟି କରିଛି। ରବିବାର ତେହରାନର ଇମାମ ଖୋମିନି ଗ୍ରାଣ୍ଡ ମୋସାଲ୍ଲାରେ ଅଲୀ ଖାମେନେଇଙ୍କ କଫିନ ନିକଟରେ ବିଶାଳ ପ୍ରାର୍ଥନା ସଭା କରାଯାଇଛି। ଏହି ପ୍ରାର୍ଥନା ସଭାରେ ଅଲୀ ଖାମେନେଇଙ୍କ ୩ ପୁଅ ମୁସ୍ତାଫା, ମେୟସାମ ଓ ମସୁଦ ଖାମେନେଇଙ୍କୁ ଦେଖିବାକୁ ମିଳିଛି। ୩ ପୁଅ ବାପାଙ୍କ କଫିନ ପାଖରେ ଛିଡା ହୋଇ ଲୁହ ଭିଜା ଆଖିରେ ବିଦାୟ ଜଣାଇଛନ୍ତି।

## ଜେଲ୍‌ରେ ରକ୍ତାକ୍ତ ସଂଘର୍ଷ: ୨୫ ମୃତ

କଲମ୍ବୋ,୬।୭(ନି.ପ୍ର.): ଶ୍ରୀଲଙ୍କାର ରାଜଧାନୀ କଲୋମ୍ବୋର ଉତ୍ତର ପ୍ରାନ୍ତର ମୁଖ୍ୟ ଜେଲରେ ରବିବାର ରାତିରେ ଏପରି ଘଟଣା ଘଟିଛି। ଜେଲରେ ବନ୍ଦୀ ଜୀବନ କାଟୁଥିବା ଦୁଇ ନିଶା ବେପାର ଗ୍ୟାଙ୍ଗ ମଧ୍ୟରେ ହୋଇଛି ମାରପିଟ। ସଂଘର୍ଷ ପରେ ଏଥିରେ ପ୍ରଭାବିତ କଏଦୀ, ଗାର୍ଡ ଓ ଅନ୍ୟ କର୍ମଚାରୀମାନଙ୍କୁ ସ୍ଥାନୀୟ ନେଗୋମ୍ବୋ ହସ୍ପିଟାଲକୁ ନିଆଯାଇଥିଲା।

ହସ୍ପିଟାଲର ନିର୍ଦ୍ଦେଶକ ପୁଷ୍ପା ଗାମଲାଥ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଏଠାରେ ୨୫ଟି ମୃତଦେହ ରହିଛି। ସେହିପରି ୧୦୦ରୁ ଅଧିକ କଏଦୀ ଓ ଗାର୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କିଛି ମୃତକଙ୍କ ଦେହରେ ଗୁଳିମାଡ ଓ ଧାରୁଆ ଅସ୍ତ୍ରରେ ହୋଇଥିବା କ୍ଷତ ଚିହ୍ନ ରହିଥିବା ସେ ସ୍ପଷ୍ଟ କରିଛନ୍ତି।

ରବିବାର ସନ୍ଧ୍ୟାରୁ ହିଁ ଜେଲ ଭିତରେ ଗ୍ୟାଙ୍ଗୱାର ଆରମ୍ଭ ହୋଇଥିଲା। ସମୟକ୍ରମେ ଏହା ଭୟଙ୍କର ରୂପ ନେଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ମହିଳା କଏଦୀମାନେ ଜୀବନ ବିକଳରେ ଛାତ ଉପରେ ଚି ଯାଇ ତୁରନ୍ତ ଜେଲରୁ ଖଲାସ କରିବାକୁ ଦାବି କରିଥିଲେ। ତେବେ ଛାତ ଉପରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ କଏଦୀ ପହଞ୍ଚିବାରୁ ଏହାର କିଛି ଅଂଶ ଭୁଶୁଡି ପଡିଥିଲା। ତେଣୁ କିଛି ମହିଳା କଏଦୀ ମଧ୍ୟ ଏଥିରେ ଆହତ ହୋଇଛନ୍ତି।

ଗୋଷ୍ଠୀ ସଂଘର୍ଷର ଖବର ପାଇ କଏଦୀମାନଙ୍କ ସମ୍ପର୍କୀୟ ଓ ସହଯୋଗୀମାନେ ସୋମବାର ସକାଳୁ ଜେଲ ସାମ୍ନାରେ ଭିଡ ଜମାଇଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି ପୂରା ଅଞ୍ଚଳ ଉପରେ ହେଲିକପ୍ଟର ଓ ଡ୍ରୋନ ଦ୍ୱାରା ନଜର ରଖାଯାଉଛି। ଜେଲ ଭିତରୁ ଗୁଳି ମାଡର ଶବ୍ଦ ଶୁଣିଥିବା ମଧ୍ୟ ସ୍ଥାନୀୟ ଲୋକମାନେ କହିଛନ୍ତି।

ଜଣେ ଅଧିକାରୀ କହିଛନ୍ତି, "ଗୋଷ୍ଠୀ ସଂଘର୍ଷକୁ ପ୍ରଶମିତ କରିବା ପାଇଁ ଚେଷ୍ଟା କରିବା ବେଳେ ୪ ଜଣ ଗାର୍ଡଙ୍କ ମୃତ୍ୟୁ ଘଟିଛି। ସ୍ଥିତି ଏବେ ବି ଜେଲ ଭିତରେ ଓ ଜେଲ ବାହାରେ ଉତ୍ତେଜନା ମୂଳକ ରହିଛି। ସ୍ଥିତିକୁ ଦେଖି ଜେଲ ବାହାରେ ପୁଲିସ୍ କମାଣ୍ଡୋଙ୍କୁ ମୁତୟନ କରାଯାଇଛି।"

୨୦୨୦ ଡିସେମ୍ବର ମାସରେ ଶ୍ରୀଲଙ୍କାର ଗୋଟିଏ ଜେଲରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଯୋଗୁ ୧୧ ଜଣ କଏଦୀ ପ୍ରାଣ ହରାଇଥିଲେ ଓ ୧୧୭ ଜଣ ଆହତ ହୋଇଥିଲେ। କରୋନା ମହାମାରୀ ସମୟରେ ଏପରି ଘଟଣା ଘଟିଥିଲା। ଏଥିଯୋଗୁ ସରକାର ଭିଡ ନିୟମନ୍ତ୍ରଣ ପାଇଁ ଅନେକ କଏଦୀଙ୍କୁ ଖଲାସ କରିଥିଲେ। ବର୍ତ୍ତମାନ ଶ୍ରୀଲଙ୍କାର ବିଭିନ୍ନ ଜେଲରେ ୪୧,୨୫୦ ଜଣ କଏଦୀ ରହିଛନ୍ତି।



# ଅବପାତ ଚେତାବନୀ ସତ୍ତ୍ୱେ ଆର୍ଯ୍ୟପଲ୍ଲୀ କୂଳରେ ଅଟକିଛି ୩୪ରୁ ଉର୍ଦ୍ଧ୍ୱ ଆନ୍ଧ୍ର ଟ୍ରଲର
## ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଜାରି

ଛତ୍ରପୁର, ୬।୭:(ମନ୍ଥନ) ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେବା ଫଳରେ ସମୁଦ୍ର ଅଶାନ୍ତ ରହିଛି । ଏହାର ପ୍ରଭାବରେ ସମୁଦ୍ର ମଧ୍ୟରେ ପ୍ରବଳ ବର୍ଷା ହେଉଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ଏହାକୁ ଦୃଷ୍ଟିରେ ରଖି ଚଳିତ ମାସ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରେ ମାଛ ଧରିବା ନିମନ୍ତେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ ଆର ସି) ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଆନ୍ଧ୍ର ପ୍ରଦେଶର କାକିନଡା ଅଞ୍ଚଳର ୩୪ ରୁ ଅଧିକ ମାଛଧରା ପାଇଁ ବ୍ୟବହୃତ ନୌକା ବା ଟ୍ରଲର ସମୁଦ୍ର କୂଳ ନିକଟରେ ରବିବାର ରାତି ଠାରୁ ଫସି ରହିଛନ୍ତି । ସେଥିରେ ମଧ୍ୟ ବହୁ ମତ୍ସ୍ୟଜୀବୀ ଅଛନ୍ତି । ସମୁଦ୍ର ଅଶାନ୍ତ ଥିବାରୁ ସେମାନେ ନିଜ ଅଞ୍ଚଳକୁ ଫେରି ପାରୁନାହାଁନ୍ତି । ଏବେ ପବନର ବେଗ ବଢୁ ଥିବାରୁ ସମୁଦ୍ର ଆହୁରୀ ଅଶାନ୍ତ ହୋଇପଡ଼ିଛି । ଏହି ବିଷୟରେ



ସୂଚନା ପାଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଫସି ରହିଥିବା ମତ୍ସ୍ୟଜୀବୀଙ୍କୁ ଏବଂ ଟ୍ରଲର ଗୁଡ଼ିକୁ ସୁରକ୍ଷିତ ଭାବେ ଗୋପାଳପୁର ବନ୍ଦର ପରିସରରେ ସେମାନଙ୍କୁ ଆଶ୍ରୟ ଦେବାକୁ କୁହାଯାଇଛି । ତଟରକ୍ଷୀ ବାହିନୀ ଏବଂ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ସତର୍କ ରହିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସମୁଦ୍ର ଭିତରେ ଫସିଥିବା ଟ୍ରଲର ଗୁଡ଼ିକୁ ସୁରକ୍ଷିତ ଭାବେ ଗୋପାଳପୁର ବନ୍ଦରରେ ଆଶ୍ରୟ ଦିଆଯାଉଛି । କେତକ ଟ୍ରଲର ପହଁଚି ଯାଇଥିବା ବେଳେ ଆଉ କିଛି ଟ୍ରଲରକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଉଛି ଏବଂ ସେମାନଙ୍କୁ ଉଦ୍ଧାର କରିବା ଦିଗରେ କାର୍ଯ୍ୟ ଚାଲିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## କନ୍ଧମାଳରେ ଚିଠା ଭୋଟର ତାଲିକା ପ୍ରକାଶ
# ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ସର୍ବଦଳୀୟ ବୈଠକ

ଫୁଲବାଣୀ, ୬।୭:(ମନ୍ଥନ)ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (SIR), ୨୦୨୬ ଅନ୍ତର୍ଗତ ଚିଠା ଭୋଟର ତାଲିକା (Draft Electoral Roll) ପ୍ରକାଶ ଉପଲକ୍ଷେ ରବିବାର ପୂର୍ବାହ୍ନ ୧୧ଟାରେ ସଦଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ ଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଚିଠା ଭୋଟର ତାଲିକା ପ୍ରକାଶ, ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ଏବଂ ଜନସଚେତନତା ସୃଷ୍ଟି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ଶ୍ରୀ ବେଦଭୂଷଣ କହିଥିଲେ ଯେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ନିର୍ଭୁଲ ଓ ତ୍ରୁଟିମୁକ୍ତ କରିବା ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରାଥମିକତା । ଏଥିପାଇଁ ରାଜନୈତିକ ଦଳ, ଜନପ୍ରତିନିଧି, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମର ସକ୍ରିୟ ସହଯୋଗ ଅପରିହାର୍ଯ୍ୟ । ସେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଚିଠା ଭୋଟର ତାଲିକାକୁ ଭଲଭାବେ ଯାଞ୍ଚ କରି ଯୋଗ୍ୟ ଭୋଟରଙ୍କ ନାମ ସଂଯୋଜନ, ଅଯୋଗ୍ୟ ଭୋଟରଙ୍କ ନାମ ବିଲୋପ ଓ ତ୍ରୁଟି ସଂଶୋଧନ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବା ସହ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାରରେ




ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ । ବୈଠକରେ ସୂଚନା ଦିଆଯାଇଥିଲା ଯେ କନ୍ଧମାଳ ଜିଲ୍ଲାର ମୋଟ ୫,୭୦,୮୯୮ ଜଣ ଭୋଟରଙ୍କ ମଧ୍ୟରୁ ୫,୩୧,୮୪୨ ଜଣ ଏନୁମେରେସନ ଫର୍ମ ଦାଖଲ କରିଥିବାବେଳେ ୩୯,୦୫୬ଟି ଫର୍ମ ମୃତ, ସ୍ଥାନାନ୍ତରିତ, ଡୁପ୍ଲିକେଟ୍ କିମ୍ବା ଅନୁପସ୍ଥିତ ଭୋଟରଙ୍କ କାରଣରୁ ସଂଗ୍ରହ ହୋଇପାରିନାହିଁ । ଭାରତୀୟ ନିର୍ବାଚନ କମିଶନଙ୍କ ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ବର୍ତ୍ତମାନ ପ୍ରତ୍ୟେକ ଭୋଟଗ୍ରହଣ କେନ୍ଦ୍ରରେ ସର୍ବାଧିକ ୧,୨୦୦ ଜଣ ଭୋଟର ରହିବେ। ପୂର୍ବରୁ ଗୋଟିଏ ବୁଥରେ ପ୍ରାୟ ୧,୫୦୦ ଜଣ ଭୋଟର ରହୁଥିବା ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇଥିବାରୁ ଜିଲ୍ଲାରେ ୧୫୧ଟି ନୂତନ ଭୋଟଗ୍ରହଣ କେନ୍ଦ୍ର ସୃଷ୍ଟି କରାଯାଇଛି । ଏହାଫଳରେ ଜିଲ୍ଲାର ମୋଟ ବୁଥ୍ ସଂଖ୍ୟା ୬୬୧ରୁ ବୃଦ୍ଧି ପାଇ ୮୧୨ରେ ପହଞ୍ଚିଛି । ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ-୨୦୨୬ର କାର୍ଯ୍ୟସୂଚୀ ସମ୍ପର୍କରେ ମଧ୍ୟ ବୈଠକରେ ସୂଚନା ଦିଆଯାଇଥିଲା । ୦୫ ଜୁଲାଇ ୨୦୨୬ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଥିବାବେଳେ ୦୫ ଜୁଲାଇ ୨୦୨୬ରୁ ୦୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ । ୦୫ ଜୁଲାଇ ୨୦୨୬ରୁ ୦୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତିର ଶୁଣାଣି ଏବଂ ସମାଧାନ କରାଯିବ । ଏହାପରେ ୦୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ । ବୈଠକରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ, ଫୁଲବାଣୀ ଶ୍ରୀ ଭିକାରୀ ସାହୁ, ଉପ-ଜିଲ୍ଲା ନିର୍ବଚନ ଅଧିକାରୀ ଶ୍ରୀମତୀ କୁମୁଦିନୀ ମଲ୍ଲିକ, ଡେପୁଟି କଲେକ୍ଟର ଶ୍ରୀ ଅର୍କିତ ଜେନା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅତିନିଆଲ ନାଇକା, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ନିର୍ବାଚନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସମସ୍ତ ରାଜନୈତିକ ଦଳକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ପାଳନ କରି ସ୍ୱଚ୍ଛ, ନିର୍ଭୁଲ ଓ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା ।

# ଯୁବ ସାହିତ୍ୟିକ ବୈଷ୍ଣବ ଚରଣ ଦାଶ ଙ୍କୁ 'ସ୍ୱତନ୍ତ୍ର ପ୍ରତିଭା ସମ୍ମାନ' ପ୍ରଦାନ

ବୁଗୁଡ଼ା, ୬।୭:(ମନ୍ଥନ) ଗଞ୍ଜାମ ଜିଲ୍ଲା ବୁଗୁଡ଼ା ରେ ପ୍ରତିଷ୍ଠିତ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ୩୮ ବର୍ଷ ରେ ପଦାର୍ପଣ କରିବା ଅବସରରେ ଆସିକା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରେ ଅନ୍ତର୍ଜିଲା ସାହିତ୍ୟ ଅନୁଷ୍ଠିତ ହୋଇଯାଇଛିୟ । ଏହି କାର୍ଯ୍ୟକ୍ରମରେ ଉଦଘାଟକ ରୂପେ ଅବସର ପ୍ରାପ୍ତ ପ୍ରାଧାପକ ଡ. ବିନୋଦ ଚନ୍ଦ୍ର ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଦୁର୍ଗା ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ । ଏହି ଅବସରରେ ବୁଗୁଡ଼ା ବୀର ଧନଞ୍ଜୟ ପୁର ଶାସନର ଯୁବ ସାହିତ୍ୟିକ ବୈଷ୍ଣବ ଚରଣ ଦାଶ ଙ୍କୁ 'ସ୍ୱତନ୍ତ୍ର ପ୍ରତିଭା ସମ୍ମାନ' ରେ ସମ୍ମାନିତ କରାଯାଇଥିଲା । ପ୍ରାବନ୍ଧିକ ଶ୍ରୀ ଦାଶ



ଏକାଧାରରେ ଜଣେ ସୁଲେଖକ, କବି, ଶିକ୍ଷକ ଓ କର୍ମକାଣ୍ଡ ବିତ ଭାବେ ଗଞ୍ଜାମ ଜିଲ୍ଲାରେ ଜଣାଶୁଣାୟ ତାଙ୍କରି ତିନୋଟି ପୁସ୍ତକ ବର୍ତ୍ତମାନ ପ୍ରକାଶ ପାଇସାରିଛି । 'ଶାରଦୀୟ ଦୁର୍ଗାପୂଜା ପଦ୍ଧତି', 'ପର୍ବ ଆମ ପରମ୍ପରାର', 'ସଂସ୍କୃତି ସଞ୍ଚୟନ' ପୁସ୍ତକ ତିନୋଟି ସବୁ ବର୍ଗର ପାଠକ ମାନଙ୍କୁ ବେଶ୍ ସହାୟକ ହୋଇପାରିଛି । ଶ୍ରୀ ଦାଶ ଓଡ଼ିଶା ସରକାରଙ୍କ ଠାରୁ ପ୍ରକୃତି ବନ୍ଧୁ ପୁରସ୍କାର ପାଇବା ସହ ଅନେକ ସାରସ୍ୱତ ଅନୁଷ୍ଠାନ ରୁ ସମ୍ବର୍ଦ୍ଧିତ ହୋଇସାରିଛନ୍ତି । ଉକ୍ତ ସମ୍ମିଳନୀକୁ ଶ୍ରୀ ଗୌରୀପତି ଦାଶ ସଭାପତିତ୍ୱ କରିଥିଲାବେଳେ ଡ. ଶ୍ୟାମା ପ୍ରସାଦ ମିଶ୍ର ପରିଚାଳନା କରିଥିଲେ ।

## ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗାଈ ଓ ବାଛୁରୀ ମୃତ

ବୁଗୁଡ଼ା, ୬।୭:(ମନ୍ଥନ) ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡ ପରିସରସ୍ଥ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ହଳେ ଗାଈ ବାଛୁରି ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ରବିବାର ସକାଳେ ନୂଆଁ ବସଷ୍ଟାଣ୍ଡ ପରିସରରେ ସୁରକ୍ଷା ପାଚେରୀ ମଧ୍ୟରେ ଲଟାବୁଦା ଘେରରେ ଥିବା ବିଦ୍ୟୁତଟ୍ରାନ୍ସଫର୍ମର ନିକଟକୁ ଖୋଲା ଫାଟକ ଦେଇ ହଳେ ଗାଈ ଓ ବାଛୁରୀ ଘାସ ଖାଇବାକୁ ପ୍ରବେଶ କରିଥିଲେ । ସେ ଦୁହେଁ ସେଠାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ । ଖବର ପାଇ ବିଦ୍ୟୁତ ବିଭାଗ କର୍ମଚାରୀ ଆସି ସେଠାରୁ ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରିଥିଲେ । ମୃତ ଗାଈ ଓ ବାଛୁରୀକୁ ଏନ୍ଏସି ସଫେଇ କର୍ମଚାରୀମାନେ ଟ୍ରାନ୍ସଫର୍ମର ନିକଟରୁ ବାହାର କରିଥିଲେ । ଗତକାଲି ଦିନରାତି ଲଗାଣବର୍ଷାରେ ଟି.ଭୀମ ପାତ୍ରଙ୍କ ଗାଈ ଓ ବାଛୁରୀ ଦୁଇଟି ଘରକୁ ଫେରିନଥିବା ବେଳେ ଆଜିସକାଳେ ସେ ଦୁହିଁଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ମିଳିଥିଲା ।

# ଦାମୋଦରପୁର ଗ୍ରାମ ସାହିମଝିରେ ଜଳାର୍ଣ୍ଣବ, ସମସ୍ୟାରେ ଅଂଚଳବାସୀ

ଗଞ୍ଜାମ, ୬।୭:(ମନ୍ଥନ)ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ୧୨ ନମ୍ବର ୱାର୍ଡ ରେ ବର୍ଷା ଜଳ ନିଷ୍କାସନ ହୋଇନାପାରି ଜଳାର୍ଣ୍ଣବ ହୋଇପଡୁଥିବା ଦେଖିବାକୁ ମିଳିଛି । ଫଳରେ ସ୍ଥାନୀୟ ଅଂଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି । ବର୍ଷା ସମୟରେ ସାହି ମଝିରେ ଆଣ୍ଠୁଏ ପାଣି ରହୁଥିବା ଲକ୍ଷ କରାଯାଉଛି । ଫଳରେ ଛାତ୍ର ଛାତ୍ରୀ ମାନେ ସ୍କୁଲ ଓ ଟିୟୁସନ ଯିବାଆସିବା ଓ ବରିଷ୍ଠ ନାଗରିକ ଏପରିକି ସାଧାରଣ ଲୋକେ ଯିବାଆସିବା କ୍ଷେତ୍ରରେ ବର୍ଷା ଦିନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ସ୍ଥାନରେ ବର୍ଷା ଜଳ ଜମିରହିବା ଯୋଗୁଁ ଉକ୍ତ ଜଳରେ ସଂସ୍ପର୍ଶ ରେ ଆସି ଚର୍ମ ରୋଗ ସମସ୍ୟାର ସମ୍ମୁଖୀନ ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ଦୀର୍ଘ ବର୍ଷର ଏହି ସମସ୍ୟା ନେଇ



ବାରମ୍ବାର ଏନଏସି କର୍ତ୍ତୃପକ୍ଷ ନିକଟରେ ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ପ୍ରାୟ ୧୦୦ ମିଟର ପକ୍କା ରାସ୍ତା ନିର୍ମାଣ ଓ ଡ୍ରେନେଜ ବ୍ୟବସ୍ଥା କଲେ ଉକ୍ତ ସମସ୍ୟାର ସମାଧାନ ହୋଇପାରିଥାନ୍ତା । ତଥାପି ଏଦିଗରେ କୌଣସି ପଦକ୍ଷେପ ନିଆଯାଇପାରିନାହିଁ । ତୁରନ୍ତ ଏଦିଗରେ ଏନଏସି କର୍ତ୍ତୃପକ୍ଷ ପଦକ୍ଷେପ ନେଇ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ ଦାବୀ ହେଉଛି ।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଚିତ୍ରାଙ୍କନ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ

କାକଟପୁର, ୬।୭:(ମନ୍ଥନ)ଓଡିଶା ର ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆଜି କାକଟପୁର ରାମକୃଷ୍ଣ ଶିଶୁମନ୍ଦିର ପ୍ରାଙ୍ଗଣ ରେ ଏକ ସ୍ମାରକୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ 'ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା'ର ଆୟୋଜନ କରାଯାଇଥିଲା । କାକଟପୁର ବ୍ଲକ ରେ ଥିବା ସରକାରୀ ଓ ବେସରକାରୀ ବିଦ୍ୟାଳୟ ର ଛାତ୍ର,ଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଚିତ୍ରାଙ୍କନ ପାଇଁ ଛାତ୍ର, ଛାତ୍ରୀ ମାନଙ୍କୁ ଗୋପବନ୍ଧୁଙ୍କ ଗ୍ରାମୀଣ ଜନ ଜୀବନ ବିଷୟରେ ଚିତ୍ରାଙ୍କନ କରିବାକୁ ଦିଆଯାଇଥିଲା.ସେମାନେ ନିଜ କଳା ମାଧ୍ୟମରେ ଗୋପବନ୍ଧୁଙ୍କ ଜୀବନୀ, ତ୍ୟାଗ ଏବଂ ସେବା ମନୋଭାବକୁ ସୁନ୍ଦର ଭାବେ ଚିତ୍ରିତ କରିଥିଲେ । ଉତ୍କଳମଣିଙ୍କ ଜୀବନ ଓ କର୍ମଧାରାକୁ ନେଇ ଆୟୋଜିତ ଏହି ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ନିଜର ପ୍ରତିଭା



ପ୍ରଦର୍ଶନ କରିଥିଲେ । ଏହା ଯୁବପିଢ଼ିଙ୍କ ମଧ୍ୟରେ ଗୋପବନ୍ଧୁଙ୍କ ଆଦର୍ଶକୁ ପ୍ରଚାର କରିବାରେ ସହାୟକ ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷା ବିତ ସ୍ୱପ୍ନେଶ୍ୱର ସାହୁ,ପୂର୍ବତନ ବ୍ଲକ ସହ ଶିକ୍ଷା ଧିକାରୀ ସାଧୁ ଚରଣ ବିଶ୍ୱାଳ, କାକଟପୁର ପ୍ରେସ କ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ ରାମକୃଷ୍ଣ ଶିଶୁମନ୍ଦିର ର ପ୍ରଧାନ ଆଚାର୍ଯ୍ୟକ୍ଷ ସଂକୁନ୍ତଳା ଦାସ,ରାମକୃଷ୍ଣ ଶିଶୁମନ୍ଦିର ର ସମ୍ପାଦକ ପ୍ରଭାତ ଦୀକ୍ଷିତ ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ, ଗୋପବନ୍ଧୁ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ । ତାଙ୍କର 'ମିଶ୍ରଣ ଓ ସେବା'ର ବାର୍ତ୍ତା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସୟ ଏହି ଅବସର ରେ ଚିତ୍ରାଙ୍କନ ପ୍ରତିଯୋଗିତା ରେ ଆଦ୍ୟାନୁରୂପା ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସାଇପ୍ରଜ୍ଞା ବେହେରା ଦ୍ୱିତୀୟ, ଓ ଜେନିଫର ନିଶା ତୃତୀୟ ସ୍ଥାନ ଅଧିକାର କରିଥିଲେ ସେହିପରି କୁଇଜ ପ୍ରତିଯୋଗିତା ରେ ଦେଶପ୍ରିୟା ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସମୀକ୍ଷା ଦୀକ୍ଷିତ ଦ୍ୱିତୀୟ ଓ ଅଭିଲିପ୍ସା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଆର୍ଥିକ ରାଶି ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଖୋର୍ଦ୍ଧା ଜିଲ୍ଲାରେ ସକ୍ରିୟ ମୌସୁମୀ ବର୍ଷା; ହାରାହାରି ୩୮.୭୧ ମି.ମି. ବର୍ଷା, ବାଲିପାଟଣାରେ ସର୍ବାଧିକ ୭୦ ମି.ମି.

ଖୋର୍ଦ୍ଧା, ୬।୭:(ମନ୍ଥନ) ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିବା ସହ ଶନିବାର ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରେ ବ୍ୟାପକ ବର୍ଷା ହୋଇଛି । ସକାଳଠାରୁ ଆକାଶ ଘନ କଳାମେଘରେ ଆଚ୍ଛାଦିତ ରହିଥିବା ବେଳେ ଝିପିଝିପି ଏବଂ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାରୁ ପରିବେଶ ସମ୍ପୂର୍ଣ୍ଣ ବର୍ଷାମୁଖର ହୋଇଉଠିଥିଲା । ବର୍ଷା ଫଳରେ ଜିଲ୍ଲାର ତାପମାତ୍ରାରେ ହ୍ରାସ ଘଟିଥିବା ବେଳେ ଲୋକମାନେ ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ପାଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶିତ ବର୍ଷା ପରିସଂଖ୍ୟାନ ଅନୁଯାୟୀ, ଜୁଲାଇ ୪ ତାରିଖ ସକାଳ ସୁଦ୍ଧା ଜିଲ୍ଲାରେ ମୋଟ ୫୪୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୩୮.୭୧ ମିଲିମିଟର ରହିଛି । ବାଲିପାଟଣା ବ୍ଲକରେ ସର୍ବାଧିକ ୭୦ ମିଲିମିଟର ବର୍ଷା ହୋଇଥିବା ବେଳେ ବାଣପୁରରେ ୬୮ ମିଲିମିଟର, ଜଟଣୀରେ ୫୨ ମିଲିମିଟର, ବାଲିଅନ୍ତାରେ ୪୮ ମିଲିମିଟର, ଖୋର୍ଦ୍ଧାରେ ୩୮ ମିଲିମିଟର, ଭୁବନେଶ୍ୱରରେ ୩୬ ମିଲିମିଟର, ବିଏମସି ମୁଖ୍ୟ କାର୍ଯ୍ୟାଳୟରେ ୩୬ ମିଲିମିଟର, ଦକ୍ଷିଣ-ପଶ୍ଚିମ ବିଏମସି ଜୋନରେ ୩୫ ମିଲିମିଟର, ଟାଙ୍ଗୀ ଏବଂ ଦକ୍ଷିଣ-ପୂର୍ବ ବିଏମସି ଜୋନରେ ୩୩ ମିଲିମିଟର ଲେଖାଏଁ, ଚିଲିକାରେ ୩୦ ମିଲିମିଟର, ଉତ୍ତର ବିଏମସି ଜୋନରେ ୨୭ ମିଲିମିଟର, ବେଗୁନିଆରେ ୨୪ ମିଲିମିଟର ଏବଂ ବୋଲଗଡ଼ରେ ସର୍ବନିମ୍ନ ୧୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଦିନସାରା ବର୍ଷା ଜାରି ରହିବା ଫଳରେ ସହରାଞ୍ଚଳର କେତେକ ନିମ୍ନାଞ୍ଚଳରେ ବର୍ଷାଜଳ ଜମିଥିବା ବେଳେ କିଛି ସ୍ଥାନରେ ଯାତାୟାତ ଠପ ହୋଇପଡ଼ିଛି । ତଥାପି କୌଣସି ବଡ଼ ଧରଣର ଅଘଟଣ କିମ୍ବା କ୍ଷୟକ୍ଷତିର ଖବର ମିଳିନାହିଁ । ପ୍ରଶାସନ ପକ୍ଷରୁ ନଦୀ, ନାଳ ଓ ଜଳାଶୟଗୁଡ଼ିକର ସ୍ଥିତି ଉପରେ ନଜର ରଖାଯାଇଥିବା ସହ ବର୍ଷାଜନିତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସମସ୍ତ ବିଭାଗକୁ ସତର୍କ ରହିବାକୁ କୁହାଯାଇଛି । ଅନ୍ୟପକ୍ଷରେ, ଏହି ବର୍ଷା ଖରିଫ ଚାଷ ପାଇଁ ଆଶୀର୍ବାଦ ସଦୃଶ ପ୍ରମାଣିତ ହୋଇଛି । ଚାଷୀମାନେ ଧାନ ବୁଣା ଓ ରୋଇବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଲାଗିପଡ଼ିଛନ୍ତି । ବହୁ ଅଞ୍ଚଳରେ ଚାଷଜମିରେ ପର୍ଯ୍ୟାପ୍ତ ପାଣି ପହଞ୍ଚିଥିବାରୁ କୃଷକମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଜଳସ୍ତର ବୃଦ୍ଧି ହେବା ଫଳରେ ପୋଖରୀ, କେନାଲ ଓ ଅନ୍ୟାନ୍ୟ ଜଳ ଉତ୍ସଗୁଡ଼ିକରେ ମଧ୍ୟ ପାଣି ବଢ଼ିବା ଆରମ୍ଭ ହୋଇଛି, ଯାହା ଆଗାମୀ ଦିନରେ କୃଷି ଓ ପାନୀୟ ଜଳ ଯୋଗାଣ ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଅରବିନ୍ଦନଗର ପେବର ରାସ୍ତାରେ ଜମୁଛି ପାଣି, ଯାତାୟତରେ ଉପୁଜୁଛି ସମସ୍ୟା, ପ୍ରତିକାର ଦାବି

ବୁଗୁଡ଼ା, ୬।୭:(ମନ୍ଥନ)ବୁଗୁଡ଼ା ଏନଏସି ୱାର୍ଡ ନଂ-୩ ଅନ୍ତର୍ଗତ ଅରବିନ୍ଦ ନଗର ପ୍ରଥମ ଲାଇନର ପେବର ରାସ୍ତାରେ ବର୍ଷାଜଳ ଜମିରହିବା ଫଳରେ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସେହି ପେବର ରାସ୍ତା ନିର୍ମାଣ ପରଠୁ ସାହି ମଧ୍ୟରେ ବେଆଇନ ଭାରିଯାନ ଚଳାଚଳ ହେତୁ ପେବର ଗୁଡିକ ଦବିଯାଇ ଖାଲୁଆ ହୋଇଯାଇଥିବାରୁ ପାଣି ଜମିରହୁଛି । ବିଶେଷକରି ବର୍ଷା ପରେ ପାଣି ଜମିରହୁଛି ଏବଂ ସେହି ପାଣିରେ ଗାଈଗୋରୁଙ୍କ ଗୋବର ପଡି ଦୁର୍ଗନ୍ଧ ହେଉଛି ।ସେହି ଅରବିନ୍ଦ ନଗରରେ ପରିବା ବଜାର ସହିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରହିଥିବାରୁ ଛାତ୍ରଛାତ୍ରୀଙ୍କ ସମେତ ବହୁ ଲୋକଙ୍କ ଗମନାଗମନ ମାର୍ଗ ପାଲଟିଥିବା ବେଳେ ରାସ୍ତାରେ ଜମିଥିବା ପୋଚକା ପାଣି ଯୋଗୁଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଯାନବାହାନ ଯାତାୟତ ବେଳେ ରାସ୍ତାରେ ଜମିଥିବା ଦୁର୍ଗନ୍ଧ ପାଣି ଲୋକଙ୍କ ଉପରେ ଛିଟିକି ପଡୁଥିବାରୁ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି । ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ଏଣୁ, ଏନ୍ଏସି କର୍ତ୍ତୃପକ୍ଷ ଏଥି ପ୍ରତି



ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି ।

# କେନ୍ଦ୍ରାପଡାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଚିଠା ପ୍ରକାଶନ

କେନ୍ଦ୍ରାପଡ଼ା, ୬।୭:(ମନ୍ଥନ)ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅନର୍ଗତ ଭୋଟର ତାଲିକା ଚିଠା ପ୍ରକାଶନ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ରଘୁରାମ ଆର. ଆୟର ତଥ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶାଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ୫ ଗୋଟି ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଅନର୍ଗତ ଫର୍ମ ବଣ୍ଟନ, ସଂଗ୍ରହ ଓ ଡିଜିଟାଇଜେସନ କାର୍ଯ୍ୟକ୍ରମ(ଏସଆଇଆର) ଗତ ମଇମାସ ୩୦ ତାରିଖରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । କେନ୍ଦ୍ରାପଡ଼ା ଜିଲ୍ଲାର ୯୬- ପାଟକୁରା, ୯୭- କେନ୍ଦ୍ରାପଡ଼ା, ୯୮-ଆଳି, ୯୯- ରାଜନଗର ଓ ୧୦୦- ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ଆଜି ଅର୍ଥାତ ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ଇଆରଓ କାର୍ଯ୍ୟାଳୟ,ବୁଥ ଲେବୁଲ ଅଧିକାରୀ, ମତଦାନ କେନ୍ଦ୍ର ଏବଂ ସର୍ବୋପରି ଇସିଆଇ ଅନଲାଇନ ପୋର୍ଟାଲରେ ଆଜି ଠାରୁ ଉପଲବ୍ଧ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ସମସ୍ତ ଯୋଗ୍ୟ ମତଦାତାମାନଙ୍କୁ ଖସଡା ଭୋଟର ତାଲିକାରେ ନିଜ ନାମ ଓ ବିବରଣୀ ଯାଞ୍ଚ କରିବାକୁ ସେ ଅନୁରୋଧ କରିଥିଲେ । କୌଣସି ତ୍ରୁଟି କିମ୍ବା ନାମ ଛାଡି ଯାଇଥିଲେ ନିର୍ଦ୍ଧାରିତ ସମୟ ଅର୍ଥାତ ଆଜିଠାରୁ ୨୦୨୬ ଅଗଷ୍ଟ ୪ ତାରିଖ ମଧ୍ୟରେ ଦାବି ଓ ଆପତି ଦାଖଲ କରି ସଠିକ ଓ ତ୍ରୁଟିମୁକ୍ତ




ଭୋଟର ତାଲିକା ପ୍ରସ୍ତୁତିରେ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ପୃଥିବୀରେ ସର୍ବବୃହତ ଗଣତାନ୍ତ୍ରୀକ ରାଷ୍ଟ୍ର ଭାବେ ଭାରତର ସୁନାମ ରହିଛି । ସଶକ୍ତ ଓ ସୁଦୃଢ଼ ଗଣତନ୍ତ୍ର ପ୍ରତିଷ୍ଟ ପାଇଁ ସଠିକ ଓ ତ୍ରୁଟିମୁକ୍ତ ଭୋଟର ତାଲିକାର ଆବଶ୍ୟକତା ରହିଛି । ଏଥିପାଇଁ ଗଣମାଧ୍ୟମର ସାହାଯ୍ୟ ଓ ସହଯୋଗ କାମନା କରିଥିଲେ । ବୁଥ ଲେବୁଲ ଅଧିକାରୀ, ଇଆରଓ/ଏଇଆରଓ କାର୍ଯ୍ୟାଳୟ କିମ୍ବା ସିଟିଜେନ ସର୍ଭିସ ପୋଟାଲ ମାଧ୍ୟମରେ ଯୋଗ୍ୟ ମତଦାତା ମାନେ ନୂତନ ନାମ ସାମିଲ, ବିଲୋପ, ସଂଶୋଧନ, ସ୍ଥାନାନ୍ତରିକରଣ ଇତ୍ୟାଦି କାର୍ଯ୍ୟ ଫର୍ମ-୬, ୭ ଓ ୮ ମାଧ୍ୟମରେ କରିପାରିବେ ଏବଂ ଏହି କାର୍ଯ୍ୟ ନିମନ୍ତେ ହେଲଫ ଲାଇନ ୧୯୫୦ ର ସହାୟତା ମଧ୍ୟ ନେଇପାରିବେ । ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ଉକ୍ତ ଫର୍ମ ଗୁଡିକ ମିଳିପାରିବ । ସୂଚନା ଯୋଗ୍ୟ ଯେ, କେନ୍ଦ୍ରାପଡା ଜିଲ୍ଲାରେ ପୂର୍ବରୁ ୧୪୪୯ଟି ମତଦାନ କେନ୍ଦ୍ର ଥିବା ବେଳେ ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ୧୯୮ବୁଥ ସଂଖ୍ୟା ବୃଦ୍ଧି ପାଇ ୧୬୪୭ ଟି ମତଦାନ କେନ୍ଦ୍ର ସ୍ଥିର ହୋଇଛି । ଆଗରୁ ଯୋଗ୍ୟ ମତଦାତା ସଂଖ୍ୟା ୧୨,୫୧,୧୩୫ ଥିବା ବେଳେ ପରିଗଣନା ଫର୍ମ ସଂଗ୍ରହ ପରେ ଡିଜିଟାଇଜେସନ ହୋଇଥିବା ମତଦାତାଙ୍କ ସଂଖ୍ୟା ୧୧,୯୦,୮୯୫ କୁ କମିଯାଇଛି । ୬୦,୨୪୦ ଜଣ ମତଦାତାଙ୍କ ନାମ ଡିଜିଟାଇଜେସନ ହୋଇପାରିଲା ନାହିଁ । ଅନୁପସ୍ଥିତ, ସ୍ଥାୟୀ ସ୍ଥାନାନ୍ତରିକରଣ, ଏକାଧିକ ସ୍ଥାନରେ ନାମ ଥିବା ମତଦାତା ଓ ମୃତ୍ୟୁ ଜନିତ କାରଣ ଯୋଗୁ ଏମାନଙ୍କ ନାମ ଡିଜିଟାଇଜେସନ ହୋଇପାରି ନାହିଁ । ଗତ ୨୦୦୨ ମସିହାରେ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସହିତ ଚଳିତ ବର୍ଷର ସତନ୍ତ୍ର ସଘନ ସଂଶୋଧନରେ ୪୫,୮୩୨ ଜଣଙ୍କ ନାମ ସଂଯୋଗି କରଣ ହୋଇପାରି ନାହିଁ ଓ ସମଗ୍ର ଜିଲ୍ଲାର ଭୋଟର ତାଲିକାରେ ୧,୫୨,୫୩୪ ଜଣ ମତଦାତାଙ୍କ ନାମ ତ୍ରୁଟି ସଂଶୋଧନ କରାଯିବ ଓ ବୁଥ ସ୍ତରୀୟ ଅଧିକାରୀ ଘରକୁ ଘର ଯାଇ ଏହାର ସଂଶୋଧନ କରିବେ ଓ ଜିଲ୍ଲାରେ ୯୫.୧୯ % ଭୋଟର ତାଲିକା ଡିଜିଟାଇଜେସନ ହୋଇପାରିଛି ବୋଲି ସେ ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ କରିଥିଲେ ।

# ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ

କେନ୍ଦ୍ରାପଡ଼ା, ୬।୭:(ମନ୍ଥନ)ସାଧାରଣ ଜନତାଙ୍କ ଅଭିଯୋଗର ତ୍ୱରିତ ଶୁଣାଣି, ସମାଧାନ ଓ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଜୁଲାଇ-୨୦୨୬ ମାସ ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆୟୋଜନ କରାଯିବ । କାର୍ଯ୍ୟସୂଚୀ ଅନୁଯାୟୀ ୦୬.୦୭.୨୦୨୬ (ସୋମବାର) ଦିନ ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ, ୧୩.୦୭.୨୦୨୬ (ସୋମବାର) ଦିନ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିସରରେ, ୨୦.୦୭.୨୦୨୬ (ସୋମବାର) ଦିନ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଏବଂ ୨୭.୦୭.୨୦୨୬ (ସୋମବାର) ଦିନ ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ପ୍ରତ୍ୟେକ ଶିବିର ପୂର୍ବାହ୍ନ ୧୦.୩୦ମିନିଟରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିବେ ଏବଂ ଯଥାସମ୍ଭବ ସେଠାରେ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଯେଉଁ ଅଭିଯୋଗର ତୁରନ୍ତ ସମାଧାନ ସମ୍ଭବ ହେବ ନାହିଁ ସେଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯିବ ।ଜିଲ୍ଲାର ସମ୍ପୃକ୍ତ ବ୍ଲକ ଏବଂ ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ସେମାନଙ୍କର ବ୍ୟକ୍ତିଗତ, ସାମୂହିକ ଓ ସାଧାରଣ ସ୍ୱାର୍ଥ ସମ୍ବଳିତ ସମସ୍ୟା ଏବଂ ଅଭିଯୋଗଗୁଡ଼ିକୁ ଆବଶ୍ୟକ ପ୍ରମାଣପତ୍ର ସହ ନିର୍ଦ୍ଦିଷ୍ଟ ତାରିଖରେ ଉକ୍ତ ଶିବିରରେ ଉପସ୍ଥାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।



# ସର୍ବ ଭାରତୀୟ ନାଟ୍ୟ ପରଷଦ ଓଡିଶା ପ୍ରଦେଶର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ଯାଜପୁର,୬।୭:(ମନ୍ଥନ) ଯାଜପୁର ଶୁଭଦ୍ରା ଶକ୍ତି ଭବନରେ ସର୍ବ ଭାରତୀୟ ନାଟ୍ୟ ପରଷଦ ଓଡିଶା ପ୍ରଦେଶ ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆହ୍ୱାନ ର ସମ୍ପାଦକ ତଥା ସର୍ବ ଭାରତୀୟ ନାଟ୍ୟ ପରଷଦର ସଦସ୍ୟ ବିଶ୍ୱଜିତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ସଂଗଠନ ର ରାଜ୍ୟ ସଭାପତି ରାମଚନ୍ଦ୍ର ଶାସମଲ, ରାଷ୍ଟ୍ରୀୟ ସଂଗଠକ ରାଜ ଗୋପାଲ ପାଢି ପ୍ରମୁଖ ଯୋଗ ଦେଇ ନାଟ୍ୟ ପରଷଦ ର କାର୍ଯ୍ୟଧାରା, କଳାକାର ମାନଙ୍କ ପାଇଁ ହେବାକୁ ଥିବା ବହୁ ଯୋଜନା ସମେତ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ପ୍ରବଳ ବର୍ଷା ସତ୍ୱେ ଏହି ବୈଠକରେ ରାଷ୍ଟ୍ରୀୟ ସଂଯୋଜକ ସଞ୍ଜୟ ଶତପଥି, ସଦସ୍ୟ ବାବିତା ସ୍ୱାଇଁ, ସି ଏଚ ଦେବଦାସ, କୈଳାସ ପାଣିଗ୍ରାହୀଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାର କଳାକାର ମାନେ ଯୋଗ ଦେଇ କଳାକାର ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କ ରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ସମସ୍ୟା ର ସମାଧାନ ସମ୍ପର୍କରେ ଜିଲାପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆଜିର ବୈଠକରେ ପରଷଦର ସଦସ୍ୟ ମାନେ ଦାବି ରଖିଥିଲେ। ଆଗାମୀ ଦିନରେ କଟକ ରେ ସର୍ବ ଭାରତୀୟ ନାଟ୍ୟ ପରଷଦ ଓଡିଶା ପ୍ରଦେଶର କର୍ମକର୍ତା ଗଠନ ପାଇଁ ନିର୍ବାଚନ ଓ ଚୟନ ପ୍ରକ୍ରିୟା ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଏହି




ଅବସର ରେ ଆହ୍ୱାନ ଓ ବାସୁଦେବ କଳା ପରିଷଦ ସମେତ ଜିଲାର ବହୁ କଳାକାର ସଦସ୍ୟତା ଗ୍ରହଣ କରିଥିଲେ।

# ୭୭ତମ ବନ ମହୋତ୍ସବ ଅବସରରେ ଝରା ରୋପଣ କାର୍ଯ୍ୟକ୍ରମ

ପାରାଦୀପ,୬।୭:(ମନ୍ଥନ)ବିଗିଡି ଚାଲୁଥିବା ପରିବେଶ କୁ ସୁଧାର ଆଣିବା ଦିଗରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରାଯାଉଛି ।ସେହିପରି ଉପକୂଳ ସୁରକ୍ଷା ଦିଗରେ ଲୁଣା ଜଙ୍ଗଲ ସୃଷ୍ଟି କରି ବିଭିନ୍ନ ପଦକ୍ଷେପ ମାନ ହାତକୁ ନେଇଛନ୍ତି ବିଭିନ୍ନ ସାମାଜିକ ଅନୁଷ୍ଠାନ ୭୭ତମ ବନ ମହୋତ୍ସବ ସପ୍ତାହ ଅବସରରେ ପାରାଦୀପରେ ନୀଳଚକ୍ର ୟୁଥ ଟ୍ରଷ୍ଟ, ବିବେକାନନ୍ଦ ୟୁଥ କ୍ଲବ, ସାତ୍ତ୍ୱିକ୍ ସୋଲ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଉପକୂଳ ସୁରକ୍ଷା ଦିଗରେ ଏକ ଲୁଣା ଝରା ରୋପଣ କାର୍ଯ୍ୟକ୍ରମ କରି ସଚେତନତା ବାର୍ତ୍ତା ପ୍ରଦାନ କରାଜାଇଥିଲା ବେଳେ ବିଗିଡି ଚାଲୁଥିବା ପରିବେଶ ପ୍ରତି ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଛନ୍ତି ଏହି ଅବସରରେ ଉପକୂଳ ପରିବେଶର ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନର



ମୁକାବିଲାରେ ଲୁଣା ଜଙ୍ଗଲର ଭୂମିକା ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ସଚେତନତା ସୃଷ୍ଟି କରିଥିଲେ । ଉପସ୍ଥିତ ସମସ୍ତେ ଲୁଣା ଜଙ୍ଗଲର ସଂରକ୍ଷଣ ଓ ସମ୍ପ୍ରସାରଣ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନୀଳଚକ୍ର ୟୁଥ ଟ୍ରଷ୍ଟର ସଭାପତି ଦେବ ମଣ୍ଡଳଙ୍କ ସହ ସଦସ୍ୟ ବଳରାମ ରାଉତ, ନରେଶ ପାତ୍ର ଓ ଜ୍ୟୋତି ରଞ୍ଜନ ଜେନା ଯୋଗଦେଇଥିଲେ। ବିବେକାନନ୍ଦ ୟୁଥ କ୍ଲବର ସଭାପତି ଜଗନ୍ନାଥ ହାଲଦାରଙ୍କ ସହ ସଦସ୍ୟ ଜୟଦେବ ମାନ୍ନା, କାର୍ତ୍ତିକ ମାଝି, ମଣିଶଙ୍କର ମଣ୍ଡଳ ଓ ସୁକୁଦେବ ମାନ୍ନା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେୟସାତ୍ତ୍ୱିକ୍ ସୋଲ ଫାଉଣ୍ଡେସନ, ଜଗତସିଂହପୁରର କୋଅର୍ଡିନେଟର ବିଶ୍ୱଜିତ ସାମଲଙ୍କ ସହ ଧର୍ମପଦ ବାଡୋଇ, ଅବନୀ କୁମାର ପାଇଟାଲ, ନିରଞ୍ଜନ ପାୀ, ଅବିନାଶ ଦାଶ, ପ୍ରମୋଦ କୁମାର ବାରିକ ଓ ସିଦ୍ଧାର୍ଥ ବାରିକ ମଧ୍ୟ ଉପସ୍ଥିତ ରହି ଝରା ରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମସ୍ତ ସ୍ୱେଚ୍ଛାସେବୀ ଲୁଣା ଝରାର ଯତ୍ନ ନେବା ସହ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ଲୋକଙ୍କୁ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ।

# ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ଯାଜପୁର ସହର

ଯାଜପୁର,୬।୭:(ମନ୍ଥନ)ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହାଲ ଯାଜପୁର ସହର । ଗତ ଦୁଇ ହେବ ଲଗାଣ ବର୍ଷା ଫଳରେ ବିଭିନ୍ନ ଜାଗାରେ ବର୍ଷା ପାଣି ଜମିରହିଛି । ରାସ୍ତା ଘାଟ ସବୁଠି ଚାଲିଛି ପାଣିର ସୁଅ। ବିଶେଷ କରି ତଳିଆ ଅଞ୍ଚଳ ଓ ଚାଷ ଜମିରେ ବର୍ଷା ପାଣି ନିଷ୍କାସନ ନହୋଇ ପାରି ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଜିଲ୍ଲାରେ ଆଜି ୧୨୨.୫୧ମିମି ବର୍ଷା ହୋଇଥିବା ବେଳେ ଯାଜପୁର ବରାହନ୍ନାଥ ମନ୍ଦିର ବେଢା ଭିତରେ ୧ ଫୁଟର ପାଣି ଜମି ରହିଛି। ପ୍ରଭୁ ବରାହନ୍ନାଥଙ୍କ ସିଂହାସନକୁ ବର୍ଷା ପାଣି ସ୍ପର୍ଶ କରିଛି । ମନ୍ଦିର ବେଢା ଭିତରେ ବର୍ଷା ପାଣି ପଶିଯିବା ଫଳରେ ପ୍ରଭୁଙ୍କ ପୂଜାର୍ଚ୍ଚନାରେ ବାଧା ସୃଷ୍ଟି ହୋଇଛି । ଅତ୍ୟଧିକ ପାଣି ଯୋଗୁଁ ମନ୍ଦିର ଭିତର ଓ ବାହାର ପରିସର ଏବେ ଜଳମଗ୍ନ ହୋଇଛି । ସେହିଭଳି ଯାଜପୁର ବିରଜା ଅଗ୍ନେଶ୍ୱର ହାଟ ପ୍ରଭାବିତ ହୋଇଛି । ବର୍ଷା ପ୍ରଭାବରେ ଫିକା ପଡିଛି ବିରଜା ହାଟ। ଅନ୍ୟପଟେ ବର୍ଷା କୁ ନେଇ ଯାଜପୁର ଜିଲ୍ଲାପାଳ ପ୍ରତିକ୍ରିୟା ରଖିଛନ୍ତି । ଜଳବନ୍ଦୀ ଓ ପାଣି ଜମିରହିଥିବା ସ୍ଥାନ ମାନଙ୍କରେ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବର୍ଷା ଚାଷୀ ଙ୍କୁ ଖୁସି ଦେଇଥିବା ବେଳେ ଜନଜୀବନ ବ୍ରଧାପ୍ରାପ୍ତ ହୋଇଛି ବୋଲି କହିଛନ୍ତି ଜିଲ୍ଲାପାଳ।

# ପ୍ରକାଶ ପାଇଲା ନୂତନ ଚିଠା ଭୋଟର ତାଲିକା

ଯାଜପୁର,୬।୭:(ମନ୍ଥନ)ଆଜି ପ୍ରକାଶ ପାଇଛି ନୂତନ ଚିଠା ଭୋଟର ତାଲିକା। ଏସଆଇଆର ପ୍ରକ୍ରିୟାର ଦ୍ୱିତୀୟ ଶୋପାନ ଅନୁଯାୟୀ ଯାଜପୁର ଜିଲ୍ଲାରେ ବାଦ ପଡିବେ ୧ ଲକ୍ଷ ୫ହଜାର ଭୋଟର। ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ଜିଲ୍ଲାପାଳ। ଏହି ସମ୍ମିଳନୀରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ ନୂତନ ଚିଠା ଭୋଟର ତାଲିକା (ଭୋଟର ଡ୍ରାଫ୍ଟ ଇଲୋକ୍ଟୋରାଲ ରୋଲ ) ପ୍ରକାଶ କରିବା ପରେ ଏ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ



ଉପସ୍ଥାପନ କରିଥିଲେ। ଜିଲ୍ଲାର ନିର୍ବାଚନ ପ୍ରକ୍ରିୟା ଓ ସଂଶୋଧନ ସମ୍ପର୍କିତ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ, ନିର୍ବାଚନ ବିଭାଗର ଅଧିକାରୀ ଅଶୋକ କୁମାର ଦେଉରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ କର୍ମକର୍ତା ମାନେ ଯୋଗ ଦେଇଥିଲେ। ଆସନ୍ତା ଅଗଷ୍ଟ ୪ ତାରିଖ ସୁଦ୍ଧା ଯେଉଁ ଭୋଟର ମାନଙ୍କ ପ୍ରକାଶିତ ଚିଠା ଭୋଟର ତାଲିକାରୁ ବାଦ ପଡିଥିବେ ସେମାନେ ସମ୍ପୃକ୍ତ ପଞ୍ଜିକରଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିପାରିବେ। ସେଥିପାଇଁ ଜିଲ୍ଲାର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ଆସନ୍ତା ସେପଟ୍ଟେମ୍ବର ୬ର ତାରିଖ ଜିଲ୍ଲାର ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

# ଯାଜପୁରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ

ଯାଜପୁର,୬।୭:(ମନ୍ଥନ) ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କ ଆଇନଗତ ଅଧିକାରର ସୁରକ୍ଷା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ଓ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସ୍ୱେଚ୍ଛାସେବୀ ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ସଚେତନତା ସଭାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ରାଜ୍ୟ କମିଶନର ବ୍ରତତୀ ହରିଚନ୍ଦନ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସଶକ୍ତିକରଣ ଉପରେ ସ୍ୱତନ୍ତ୍ର ଆଲୋକପାତ କରିବା ସହ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମାଜରେ ସମାନ ମର୍ଯ୍ୟାଦା ଓ ଅଧିକାର ଦେବା ଆମ ସମସ୍ତଙ୍କର ସାମାଜିକ ତଥା ସାମ୍ବିଧାନିକ ଦାୟିତ୍ୱ ବୋଲି କହିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି




ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି କେବଳ ସହାନୁଭୂତି ଦେଖାଇଲେ ହେବନାହିଁ, ବରଂ ସେମାନଙ୍କୁ ସମ୍ବେଦନଶୀଳତାର ସହ ସମ୍ମାନ ଓ ଅଧିକାର ଦେବାକୁ ହେବ ବୋଲି କହିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମରେ ମୁଖ୍ୟ ରିସୋର୍ସ ପର୍ସନ ରାମ କିଶୋର ଶର୍ମା ଯୋଗଦେଇ ଉପସ୍ଥିତ ସମସ୍ତ ଅଧିକାରୀ ଓ ଜନସାଧାରଣଙ୍କୁ ଜଟଙ୍ଗଉ ଇମସ୍ପ, ୨୦୧୬ ର ଜଟିଳ ଆଇନଗତ ଦିଗଗୁଡ଼ିକୁ ଅତି ସରଳ ଭାଷାରେ ବୁଝାଇଥିଲେ। ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ।

# ଖଦି ଉତ୍ପାଦନର ବୈଷୟିକ ଜ୍ଞାନ କୌଶଳ ପ୍ରଶିକ୍ଷଣ ଶିବିର

ଡେଲାଙ୍ଗ,୬।୭:(ମନ୍ଥନ) ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ମୁନିନ୍ଦା ଗ୍ରାମପଂଚାୟତ ଅଧୀନରେ ଥିବା ଚନ୍ଦୋଳ ଗ୍ରାମରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଭାରତ ସରକାର ଭୁବନେଶ୍ୱର ଓ ହେଲପିଙ୍ଗ ହ୍ୟାଣ୍ଡସ ଟ୍ରଷ୍ଟ, ପୁରୀ, ଓଡ଼ିଶାଙ୍କ ମିଳିତ ଆନୁକୂଲ୍ୟରେ ଖଦି ଉତ୍ପାଦନର ବୈଷୟିକ ଜ୍ଞାନ କୌଶଳ




ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ନିର୍ଦ୍ଦେଶକ ଡ଼ଃ ସୁବାଷ ଛେତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଟ୍ରଷ୍ଟର ଅଧ୍ୟକ୍ଷା ସୁଶ୍ରୀ ମଧୁସ୍ମିତା ସେନାପତିଙ୍କ ଉପସ୍ଥିତ ରେ ଉଦଘାଟନ ହୋଇଥିଲା ଓ ଏହି କାର୍ଯ୍ୟକ୍ରମରେ ୩୦ଜଣ ମହିଳା ଓ ପୁରୁଷଙ୍କୁ ଏକ ମାସ ଧରି ଖଦିର ଉତ୍ପାଦନ ଉପରେ ପ୍ରଶିକ୍ଷଣ ଶିବିର ଅବ୍ୟାହତ ରହିବ । ଏହି ଶିବିରକୁ ସରପଞ୍ଚ ଶ୍ରୀ ଶେଷଦେବ ବାରିକ ଓ ନୀଳାଞ୍ଚଳ କୃଷକ ମହାସଂଘର ଉପସଭାପତି ପ୍ରକାଶ କୁମାର ନାୟକ, ଡେଲାଙ୍ଗ ବ୍ଲକ ସମ୍ପାଦକ ଉଲ୍ଲାସ ନାୟକ ଓ ଯୁଗ୍ମ ସମ୍ପାଦକ ଚନ୍ଦ୍ରକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିର ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।ଅଧ୍ୟକ୍ଷା ସୁଶ୍ରୀ ମଧୁସ୍ମିତା ସେନାପତି ସଭା ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସମ୍ପାଦିକା ଶ୍ରୀମତୀ ଅନ୍ନପୂର୍ଣ୍ଣା ରାଉତରାୟ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

# ତିନି ପଞ୍ଚାୟତର ଜୀବନ ରେଖା ଅଟକିଲା,ଅଧପନ୍ତରିଆ ରାସ୍ତା ଦେଉଛି ଯନ୍ତ୍ରଣା

ମୋରଡ଼ା,୬।୭:(ମନ୍ଥନ)ଗ୍ରାମାଞ୍ଚଳର ଲୋକଙ୍କୁ ସୁରକ୍ଷିତ ଯାତାୟତ ସୁବିଧା ଯୋଗାଇଦେବା ପାଇଁ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ କିଛି ଅସାଧୁ ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକରେ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ କାର୍ଯ୍ୟ ଅଧପନ୍ତରିଆ। ପଡ଼ିରହିଛି । ଫଳରେ ତିନି ପଞ୍ଚାୟତର ଲୋକେ ଯାତାୟତରେ ନାକେଦମ୍ ହେଉଛନ୍ତି । ଶୁଳିଆପଦା ବ୍ଲକ ଭାଲିଆଡ଼ିହ ଆଦର୍ଶ ବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ବଣକାଟି ଦେଇ ସାନ ତେଲିଅ। ପର୍ଯ୍ୟନ୍ତ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଏହି ରାସ୍ତା ବହୁ ବର୍ଷ ଧରି ସୀମାନ୍ତ ବାସୀଙ୍କ ଦାବି ଥିଲା । ପୂର୍ବ



ସରକାର ଏହି ଦାବିକୁ ଅଣଦେଖା କରିଥିଲେ ହେଲେ ନୂତନ ଡବଲ ଇଞ୍ଜିନ ସରକାର ସୀମାନ୍ତ ବାସୀଙ୍କ ଦୁଃଖ ଶୁଣି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତାକୁ ଅନୁମୋଦନ କରିଥିଲେ । ଠିକାଦାର ପଙ୍କଜ କୁମାର ପଣ୍ଡା ଙ୍କ ଦ୍ୱାରା ଚୁକ୍ତିନାମା ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଜନ,ବାରିପଦା ନିରୀକ୍ଷଣ କରୁଛନ୍ତି । ଯୋଜନା ଅନୁଯାୟୀ ୨୧/୫/ ୨୦୨୫ ରେ କାର୍ଯ୍ୟ ଆରମ୍ଭ ହୋଇ ୨୦/୨/ ୨୦୨୬ ମଧ୍ୟରେ ସମାପ୍ତ ହେବାକଥା । କିନ୍ତୁ ଧାର୍ଯ୍ୟ ତାରିଖ ପାର ହୋଇ ୫ ମାସ ବିତିଯାଇଥିଲେ ବି କାର୍ଯ୍ୟ ମାତ୍ର ୫୦% ହୋଇପାରିନାହିଁ । ଅଭିଯୋଗ ହେଉଛି ଠିକାଦାର କେବଳ କେତେକ ସ୍ଥାନରେ ମାଟି, ମେଟାଲ ଓ ଚିପ୍ସ ପକାଇ କାମ ଛାଡ଼ି ଚାଲିଯାଇଛନ୍ତି । ଆଉ କିଛି ସ୍ଥାନରେ ତ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। ଶୁଳିଆପଦା ବ୍ଲକ ମୁଖ୍ୟାଳୟରେ ବ୍ଲକ କାର୍ଯ୍ୟାଳୟ, ତହସିଲ, ଡାକ୍ତରଖାନା, ସ୍କୁଲ ଓ କଲେଜ ଥିବାରୁ ଏହି ରାସ୍ତା କଣ୍ଟିସାହି, ଉଫାଲଗଡିଆ। ଓ ମହାବିଲା ଆଦି ତିନୋଟି ପଞ୍ଚାୟତ ସମେତ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳରେ ବାସବାସ କରୁଥିବା ଲୋକଙ୍କ ମୁଖ୍ୟ ଯୋଗାଯୋଗ ମାଧ୍ୟମୟ ରାସ୍ତା ଅଧାପନ୍ତରିଆ। ହୋଇଥିବାରୁ ବର୍ଷା ଦିନେ କାଦୁଅ ଓ ଖରା ଦିନେ ଧୂଳି ଯୋଗୁଁ ରୋଗୀ, ଛାତ୍ରଛାତ୍ରୀ ଓ ବ୍ୟବସାୟୀମାନେ ପ୍ରତିଦିନ ଅସୁବିଧା ଭୋଗୁଛନ୍ତି । ଗର୍ଭବତୀ ମହିଳା ଓ ଅତ୍ୟାବଶ୍ୟକ ରୋଗୀଙ୍କୁ ଡାକ୍ତରଖାନା ନେବାକୁ ମଧ ଘଣ୍ଟା ଘଣ୍ଟା ଲାଗୁଛ । ସ୍ଥାନୀୟ ଲୋକେ କହିଛନ୍ତି, ସରକାର ରାସ୍ତା ଦେଲେ କିନ୍ତୁ ଠିକାଦାର ଓ ଅଧିକାରୀଙ୍କ ମିଳିଭଗତ ଯୋଗୁଁ ଆମ ଭାଗ୍ୟ ବଦଳିଲା ନାହିଁୟ ଯାତାୟତରେ ଅକଥନୀୟ ଯନ୍ତ୍ରଣା ପାଉଛୁ । ଏହି ଅବହେଳାକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେମାନେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ତୁରନ୍ତ ହସ୍ତକ୍ଷେପ କରି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଉନ୍ନତ ଗୁଣାତ୍ମକ ମାନରେ ଯଥାଶୀଘ୍ର ରାସ୍ତା କାର୍ଯ୍ୟ ସମାପ୍ତ କରିବାକୁ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ଚେତାବନୀ ଦେଇଛନ୍ତି ।

# ସମାଜ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୬।୭:(ମନ୍ଥନ)କେନ୍ଦ୍ରାପଡ଼ା ସହରର ଗୋପ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ଲୋକ ସେବକ ମଣ୍ଡଳ ଓ ସମାଜ ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁଇଜ ପ୍ରତିଯୋଗିତାରେ ଗୋଗୁଆ ସ୍ଥିତ ଅଭିରାମ ନୋଡାଲ ଉଚ୍ଚ ଶିକ୍ଷାଶ୍ରମର ଛାତ୍ର ସାଇ ପ୍ରତୀକ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନ୍ଦ୍ରାପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜିଜ୍ଞାସା ତ୍ରିପାଠୀ ଦ୍ୱିତୀୟ ଓ ଗୋପ ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ରୀ ସୋନାକ୍ଷୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତରେ ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ର ପ୍ରଭୂଶ୍ରୀ ମିଶ୍ର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଡ୍ରିମ ଇଣ୍ଡିଆ ସ୍କୁଲର ଛାତ୍ରୀ ଶୁଶ୍ରୀ ଦିବ୍ୟାଂସି ଦ୍ୱିତୀୟ ଓ ସେଣ୍ଟ ଜାଭିୟର ହାଇସ୍କୁଲର ଛାତ୍ରୀ ପ୍ରୀତିଶ୍ରୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗୋପବନ୍ଧୁଙ୍କ ସମୟର ଗ୍ରାମୀଣ ଜନ ଜୀବନ ବିଷୟ ବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଦେଶ ବିଦେଶର ତଥ୍ୟକୁ ନେଇ ପ୍ରଶ୍ନଉତ୍ତର(କୁଇଜ୍) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମାଜସେବୀ ରାଜେଶ ଦାସ, ଶିକ୍ଷାବିତ ଭୂବନ ମୋହନ ଜେନା, ଜାଭିୟର ସ୍କୁଲର ପ୍ରତିଷ୍ଠାତା ଶିକ୍ଷାବିତ ନିରଞ୍ଜନ ବେହେରା,ସମାଜସେବୀ ଶରତ ବେହୁରା, ଶିକ୍ଷାବିତ ପଣ୍ଡିତ ହୃଷିକେଶ ରଥ, ଶିକ୍ଷାବିତ ପ୍ରାଧ୍ୟାପକ ଡ. ଚୈତନ୍ୟ ଚରଣ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ସମୟରେ ଗ୍ରାମୀଣ ଜୀବନ ଅତ୍ୟନ୍ତ ସରଳ ଥିଲା ବୋଲି କହିଥିଲେ। ଅତିଥିମାନେ କହିଲେ ଯେ ଉତ୍କଳମଣିଙ୍କ ସେବା ମନୋଭାବ ଓ ତାଙ୍କ ଆଦର୍ଶ କେବଳ ରାଜ୍ୟ କିମ୍ବା ଦେଶ ଭିତରେ ସୀମିତ ନାହିଁ ଏହା ସୁଦୂର ପ୍ରସାରି ହୋଇପାରିଛି। ଯାହା ଫଳରେ ସେ ଚିରଦିନ ପାଇଁ କୋଟି କୋଟି ଲୋକଙ୍କ ହୃଦୟରେ ରହିପାରିଛନ୍ତି। ସେବାର କଥା ଯେତେବେଳେ ମନକୁ ଆସେ ସେତେବେଳେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ କଥା ମନେପଡେ। ତେଣୁ ଆଜିର ଯୁବପିଢି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁଷ୍ପଗୁଚ୍ଛ, ପ୍ରମାଣପତ୍ର ଓ ଅର୍ଥରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରାଧ୍ୟାପକ ଡ. ସର୍ବେଶ୍ୱର ସେଣ, ଶିକ୍ଷୟିତ୍ରୀ କାକୁଲି ମଲ୍ଲିକ, ଶିକ୍ଷାବିତ ନୃସିଂହ ଚରଣ ତ୍ରିପାଠୀ, ଅଧ୍ୟାପକ ଦୀପକ କୁମାର ଓଝା, ଶିକ୍ଷକ ସୁଭାଂଶୁ କୁମାର ଦାସ, ଖ୍ୟାତନାମା ଚିତ୍ରଶିଳ୍ପୀ ଅଶୋକ କୁମାର ନାୟକ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିନିଧି ସୋମନାଥ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତରଞ୍ଜନ ଦାସ, ସାବିର ଖାନ୍, ଶିକ୍ଷକ ବିକାଶ ସାହୁ, ଅଶୋକ ଜେନା, ସଞ୍ଜୟ ମଥାନ, ଅଞ୍ଜନା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ନୟାଗଡ଼ରେ ଏସଆଇଆର ରେ ୫୮, ୯୭୯ଭୋଟରଙ୍କ ନାମ କଟିବା ସମ୍ଭାବନା

ନୟାଗଡ଼, ୬।୭:(ମନ୍ଥନ)ଠିକ୍ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର) ପରେ ରବିବାର ନୟାଗଡ଼ ଜିଲାର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ଏହି ତାଲିକାରୁ ପ୍ରାୟ ୫୮, ୯୭୯ ଭୋଟରଙ୍କ ନାମ କଟିବା ସମ୍ଭାବନା ରହିଛି।ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜନୈତିକ ଦଳର ନେତୃବୃନ୍ଦଙ୍କ ଉପସ୍ଥିତିରେ ଚିଠା ତାଲିକା ପ୍ରକାଶ କରାଯାଇଛି । ପ୍ରଶାସନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୫୮,୯୭୯ ଭୋଟରଙ୍କ ନାମ ବାଦ ପଡ଼ିବାକୁଯାଉଥିବା ବେଳେ ଏଥିରୁ ୧୮୦୩୪ ଜଣଙ୍କର ମୃତ୍ୟୁ ହୋଇସାରିଛି । ସେହିପରି ୨୬, ୫୬୮ ଜଣ ସ୍ଥାୟୀ ଭାବେ ଜିଲାରୁ ସ୍ଥାନାନ୍ତରିତ ହୋଇଥିବା ବେଳେ ୭,୫୭୩ ଜଣ ଅନୁପସ୍ଥିତ ଅଛନ୍ତି । ପୁଣି ୪୧୩୭ ଜଣ ପୂର୍ବରୁ ଅନ୍ୟତ୍ର ପଞ୍ଜୀକରଣ କରିସାରିଛନ୍ତି । ଜିଲାର ୪ଟି ନିର୍ବାଚନମଣ୍ଡଳୀ ଦଶପଲ୍ଲା, ରଣପୁର, ନୟାଗଡ଼ ଓ ଖଣ୍ଡପଡ଼ାରେ ୭ ଲକ୍ଷ ୯୭ ହଜାର ୨୮୯ ଭୋଟର ଥିବାବେଳେ ୨୮ ଜୁନ ସୁଦ୍ଧା ୭ ଲକ୍ଷ ୩୮ ହଜାର ୩୧୦ ଜଣଙ୍କଠାରୁ ଗଣନା ଫର୍ମ ସଂଗ୍ରହ ହୋଇଛି । ମେ ୩୦ରୁ ଆରମ୍ଭହୋଇଥିବା ଏହି କାର୍ଯ୍ୟରେ ୯୩୮ ବୁଥ୍ ୯୩୮ ଜଣ ବୁଥ ଲେବୁଲ ଅଫିସର ଘରଘର




ବୁଲିଥିଲେ । ଚିଠା ଭୋଟର ତାଲିକା ରବିବାର ପ୍ରକାଶ ପାଇଥିବାରୁ ଦାବି ଓ ଆପରି ଅବଧି ରବିବାରଠାରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ରହିଛି । ତେବେ ଶୁଣାଣି ଜୁଲାଇ ୫ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ରହିଛ । ଚୂଡ଼ାନ୍ତ ତାଲିକା ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ । ଯେଉଁମାନଙ୍କ ନାମ ତାଲିକାରେ ନାହିଁ ସମ୍ପୃକ୍ତ ଭୋଟରମାନେ ଅବଧି ମଧ୍ୟରେ ବିଏଲଓ କିମ୍ବା ଇସିନେଟ ଆପ୍ ମାଧ୍ୟମରେ ଦାବି ଦାଖଲ କରିପାରିବେ । ଉପଯୁକ୍ତ ନୋଟିସ ଓ ଶୁଣାଣି ବିନା କାହାର ନାମ ବାଦ ପଡ଼ିବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଛି । ବୈଠକରେ ଜିଲା ପରିସଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲାପାଳ ରୋଜିନା ଦାସ ଓ ବିଜୟାନନ୍ଦ ମଲିକ, ଉପଜିଲାପାଳ କର୍ଣ୍ଣଦେବ ସମଦାର, କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ, ବିଜେଡି ଜିଲା ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ବିଜେଡି ନେତା ଗଙ୍ଗାଧର ପଣ୍ଡା, ଭାଜପାର ସୌମ୍ୟ ରଞ୍ଜନ ପ୍ରଧାନ ଓ ଜିପିଆଇଏମର ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସର୍ବ ସାଧାରଣ ରାସ୍ତା ଅବରୋଧ, ତଦନ୍ତ କରି ଉଚ୍ଛେଦ କରିବାକୁ ଦାବି

ନବରଙ୍ଗପୁର,୬।୭:(ମନ୍ଥନ) ନବରଙ୍ଗପୁର ପୌରାଞ୍ଚଳ ର ଦାରୁବନ୍ଧ ସାହି ଓ ଇଚ୍ଛାବତିଗୁଡା କୁ ସଂଯୋଗ କରୁଥିବା ମୁଖ୍ୟ ସର୍ବସାଧାରଣ ରାସ୍ତା ଅବରୋଧ ହୋଇଥିବା ନେଇ ଅଭିଯୋଗ ହୋଇଛି । ଗତ ଏପ୍ରିଲ ୨୭ ତାରିଖ ରେ ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ସାହି ବାସିନ୍ଦା ପକ୍ଷରୁ ଏକ ଲିଖିତ ଅଭିଯୋଗ କରାଯାଇଥିଲା । ଅଭିଯୋଗ କୁ ଭିତ୍ତି କରି ଅବରୋଧ କାରୀଙ୍କ ଘରେ ପୌରପାଳିକା ପକ୍ଷରୁ ଏକ ନୋଟିସ ଦିଆଯାଇଥିଲା। ଆଜିକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲା ସୁଦ୍ଧା ଅବରୋଧ ରାସ୍ତା କୁ ଉଚ୍ଛେଦ କରାଯାଇପାରିନାହିଁ । ଉକ୍ତ ରାସ୍ତା ସଂକୁଚିତ ହେବା ଯୋଗୁଁ ୯ ନଂ ୱାର୍ଡ ଓ ୧୭ ନଂ ୱାର୍ଡ ର ଜନସାଧାରଣ, ସ୍କୁଲ ବସ୍,ଛାତ୍ର ଛାତ୍ରୀ, ପୌର ସଫେଇ ଗାଡି, ଏମ୍ବୁଲାନ୍ସ ଓ ଦମକଳ ଗାଡି ଯାତାୟାତ କରିବାରେ ବାହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତା ଦେଇ ପ୍ରତିଦିନ ଇଚ୍ଛାବତିଗୁଡାର ଶହ ଶହ ଲୋକ ଯାତାୟାତ କରୁଛନ୍ତି । ଉକ୍ତ ରାସ୍ତାର ପଶ୍ଚିମ ପାର୍ଶ୍ୱ ରେ ଥିବା ଘର ମାଲିକ ନିଜ ମାଲିକାନା ରେ ଥିବା ପ୍ଲଟ ନଂ ୪୦୩୦/ ୧୪୧୬, ୪୦୩୦/୧୩୮୨ ପୂର୍ବକୁ ଘରର ପିଣ୍ଡା, ପାହାଚ ଓ ସିମେଣ୍ଟ ପ୍ଲେଟ ପାଚେରୀ ନିର୍ମାଣ କରି ସର୍ବସାଧାରଣ ରାସ୍ତା କୁ ଅବରୋଧ କରିଛନ୍ତି । ଆଜିକୁ ପ୍ରାୟ ୪୦ ବର୍ଷ ରୁ ଉର୍ଦ୍ଧ ବର୍ଷ ହେବ ଉକ୍ତ ରାସ୍ତା ଦେଇ ଇଚ୍ଛାବତିଗୁଡା ଓ ଦାରୁବାନ୍ଧସାହି ବାସିନ୍ଦା ଯାତାୟାତ କରି ଆସୁଛନ୍ତି । ଅବରୋଧ ରାସ୍ତାର ଉଭୟ ପାର୍ଶ୍ୱ ରେ ଘର ନିର୍ମାଣ କରୁଥିବା ମାଲିକଙ୍କ ଉଭୟଙ୍କ ସେଲ ଡିଡ଼ ବା ଦଲିଲ ରେ ପୂର୍ବକୁ ୧୨ ଫୁଟ ଓ ପଶ୍ଚିମ କୁ ୧୨ ଫୁଟ ରାସ୍ତା ଥିବା ଦର୍ଶାଇ ଥିବା ବେଳେ ବର୍ତ୍ତମାନ ଅବରୋଧ ପରେ ରାସ୍ତା ୭ ଫୁଟ ରହିଛି । ରାସ୍ତାର ଉଭୟ ପାର୍ଶ୍ୱ ରେ ଘର ନିର୍ମାଣ କରିଥିବା ଘର ମାଲିକ କିଏ ଉକ୍ତ ରାସ୍ତାକୁ ଅବରୋଧ କରିଛନ୍ତି । ସେ ନେଇ ତଦନ୍ତ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି ।ତହସିଲଦାର ଓ ପୌର ଅଧିକାରୀ ଉକ୍ତ ସ୍ଥାନକୁ ଆସି ଉକ୍ତ ଜାଗା ମାଲିକଙ୍କ ହାଲ ରେକର୍ଡ, ନକ୍ସା ମୁତାବକ ସର ଜାମିନ ତଦନ୍ତ କରିବାକୁ ପୌର ଉପାଧକ୍ଷା ସୌମ୍ୟା ମହାପାତ୍ର , କାଉନସିଲର ଏ. ସତୀଶ, ପୂର୍ବତନ କାଉ ନସିଲର ଗୁଲୁ ମହାପାତ୍ର, ଇଚ୍ଛାବତିଗୁଡା ନିବାସୀ ସତ୍ୟନାରାୟଣ ସାହୁ, ସୌମ୍ୟ ପଟ୍ଟନାୟକ, ରବି ନାରାୟଣ ମିଶ୍ର, ରାକେଶ ନାୟକ, ନିତ୍ୟା ତ୍ରିପାଠୀ, ବୁଲୁ ଜେନା, ନରେନ୍ଦ୍ର ନାୟକ, ସୁବାଷ ଚନ୍ଦ୍ର ସାହୁ, ରୋଶନ ଦଳେଇ, ଶଙ୍କର ରାଓ ପ୍ରମୁଖ ଦାବି କରିଛନ୍ତି । ଯଥାଶୀଘ୍ର ତଦନ୍ତ କରି ସର୍ବ ସାଧାରଣ ଅବରୋଧ ରାସ୍ତାକୁ ଉଚ୍ଛେଦ କରି ଜନସାଧାରଣ ଯାତାୟାତ ର ସୁବିଧା କରିବେ ବୋଲି ସାହି ବାସିନ୍ଦା ପ୍ରଶାସନ କୁ ଅନୁରୋଧ କରିଛନ୍ତି । ଆଗାମୀ ଦିନରେ କୌଣସି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ସାହି ବାସିନ୍ଦା ଚେତାବନୀ ଦେଇଛନ୍ତି ।

ମଙ୍ଗଳବାର ୦୭, ଜୁଲାଇ ୨୦୨୬, ଭୁବନେଶ୍ୱର
Tuesday, 07 July 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ରାସ୍ତାରେ ଗାତ ମରଣ ଯନ୍ତା

ମୁମ୍ବଇରେ ବର୍ଷାଜଳରେ ବୁଡି ରହିଥିବା ଘୋଡଣି ନଥିବା ଏକ ଡ୍ରେନ ଗର୍ତ (ମ୍ୟାନହୋଲ)ରେ ପଡି ଜଣେ ଲୋକର ମୃତ୍ୟୁ ଘଟିବା ପୁଣି ଥରେ ମୌସୁମୀ ଦେଶର ସାର୍ବଜନୀନ ଭିତିଭୂମି ଢାଂଚା ଭାରତର ବିପଦପୂର୍ଣ୍ଣ ସ୍ଥିତିର ପର୍ଦ୍ଦାଫାଶ କରିଛି ବୋଲି କୁହାଯାଇପାରିବ। କେବଳ ମୁମ୍ବାଇ ନୁହେଁ, ମୌସୁମୀ ଋତୁରେ ଦେଶର ବିଭିନ୍ନ ଅଂଚଳରେ ପ୍ରତିବର୍ଷ ଏଭଳି ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବାବେଳେ ନବ ନିର୍ମିତ ଦିଲ୍ଲୀ-ଡେରାଡୁନ ଏକ୍ସପ୍ରେସୱେ ମଧ୍ୟ ଏଥିରୁ ପୃଥକ ନୁହେଁ। ଦୁଃଖଦ ସ୍ଥିତି ଏହା ଯେ, ସରକାରୀ ଅବହେଳା ଏବଂ ଦୁର୍ବଳ ଇଂଜିନିୟରି ତଥା ଭିତିଭୂମି ପ୍ରତିବର୍ଷ ବର୍ଷା ଋତୁରେ ଜନଜୀବନ ପ୍ରତି ବିପଦର କାରଣ ହୋଇଛି। ମୁମ୍ବାଇରେ ନିକଟରେ ଘଟିଥିବା ଟ୍ରାଜେଡି ନିବାରଣ ଯୋଗ୍ୟ। ପରିଚାଳନା ତଥା ଦୂରଦୃଷ୍ଟିର ଅଭାବ ଯୋଗୁଁ ଗୋଟିଏ ଗର୍ତ ଘୋଡଣି ବିହିନ ରହିବା ଏକ ଅଦୃଶ୍ୟ ମୃତ୍ୟୁ ଯନ୍ତାରେ ପରିଣତ ହୋଇଛି। ଏଳଭି ଘଟଣାରେ ପ୍ରଶାସନିକ ଅଧିକାରୀଙ୍କୁ ନିଲମ୍ବନ ଓ ଠିକାଦାରକୁ କଳାତାଲିକା ଭୁକ୍ତ କରାଯିବା ଜରୁରୀ । ଅବଶ୍ୟ ଜଣଙ୍କର ଜୀବନ ଯିବା ପରେ ମହାରାଷ୍ଟ୍ର ସରକାର ୪ଜଣ ପଦସ୍ଥ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଆମ ଦେଶରେ ପ୍ରତିବର୍ଷ ମୁକୁଳା ଡ୍ରେନ ଜୀବନ ନେଉଥିବାବେଳେ ବିରୋଧିଦଳ ହୋ ହାଲା କରେ, ରାସ୍ତାରୋକ ହୁଏ, ନିଲମ୍ବନ ହୁଏ ତଦନ୍ତ ହୁଏ, ପରେ ସବୁ ଶାନ୍ତ ହୋଇଯାଏ। ପ୍ରତିବର୍ଷ ଏହିଭଳି ଦୁର୍ଘଟଣା ଘଟୁଥିବାବେଳେ ସରକାର କିମ୍ବା ପ୍ରଶାସନ ଏଥିରୁ କିଛି ଶିକ୍ଷା କରିଥିବା ଭଳି ମନେହୁଏ ନାହିଁ। କହିବା ବାହୁଲ୍ୟ ଯେ, ଗତବର୍ଷ ଜାତୀୟ ରାଜଧାନୀ ଦିଲ୍ଲୀରେ ମୁକୁଳା ଡ୍ରେନରେ ବର୍ଷା ଜଳ ସ୍ରୋତରେ ଜଣେ ମହିଳା ଓ ତାଙ୍କର ୩ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ଘଟିଥିଲା। ବର୍ଷା ଜଳରେ ସ୍କୁଟରଟି ସ୍ଲିପ୍ କରିଯିବାରୁ ସେମାନେ ଡ୍ରେନ ଭିତରକୁ ଖସି ପଡିଥିଲେ। ଦେଶର ଆଇଟି ହବ୍ ଭାବେ ପରିଚିତ ବେଙ୍ଗାଲୁରରେ ସ୍ପଷ୍ଟ ଦିବାଲୋକରେ ବର୍ଷାଜଳରେ ରାସ୍ତାରେ ଥିବା ଖାଲରେ ପଡି ଜଣେ ଯୁବ ଇଂଜିନିୟରଙ୍କ ଜୀବନ ଯିବା ଘଟଣା ବୋଧହୁଏ କେହି ପାଶୋରି ନଥିବେ। ଆମ ରାଜ୍ୟରେ ମୁକୁଳା ଡ୍ରେନ ମୃତ୍ୟୁ ଆଜି ମଧ୍ୟ କିଛି କମ୍ ନୁହେଁ କି ନୂଆ ନୁହେଁ। ରାଜଧାନୀ ଭୁବନେଶ୍ୱରରେ କିଛି ବର୍ଷ ତଳେ ଟିଉସନ ଯାଉଥିବା ସମୟରେ ବର୍ଷା ଜଳରେ ଭରପୁର ଏକ ମୁକୁଳା ଡ୍ରେନରେ ଭାସିଯାଇ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ଘଟଣାରେ ଜଣେ ୭ବର୍ଷର ବାଳକର ଜୀବନ ଯାଇଥିଲା। ସହସ୍ର ବର୍ଷର ସହର ଧବଳ ନଗର କଟକରେ ମୁକୁଳା ଡ୍ରେନ ମୃତ୍ୟୁ ଯନ୍ତାରେ ପରିଣତ ହୋଇଥିବା କହିଲେ, ଅତିରଂଜିତ ହୋଇନପାରେ। ରାଜଧାନୀରେ ଗତ ବର୍ଷେ ହେଲା ଡ୍ରେନ ମରାମତି ଚାଲିଥିବାବେଳେ ବହୁ ଡ୍ରେନ ଏବେ ମୁକୁଳା ରହିଛି। ଆହୁରି ମଧ୍ୟ ବିଭିନ୍ନ କମ୍ପାନୀ ରାସ୍ତା କଡରେ ବଡ ବଡ ଗାତ ଖୋଳି ପାଇପ ବିଛାଇବାରେ ବ୍ୟସ୍ତ। ଏବେ ବର୍ଷା ଋତୁରେ ରାସ୍ତା ଉପରେ ବନ୍ୟାର ସ୍ରୋତ ଲାଗି ରହିଛି। କେତେବେଳେ ମୁକୁଳା ଅଧପନ୍ତରିଆ ଡ୍ରେନ, ଗାତ କାହାର ଜୀବନ ନେବା କିଛି କହିହେବ ନାହିଁ । ଏହା ନିସନ୍ଦେହ ଯେ, ଭାରତୀୟ ସହରଗୁଡିକରେ ବର୍ଷ ପରେ ବର୍ଷ ଏଭଳି ଦୁର୍ଘଟଣା ଘଟି ଚାଲିଥିବା ବେଳେ କର୍ତୃପକ୍ଷ ଆଖିବୁଜି ଦେଇଥିବା କହିଲେ ଭୁଲ ହୋଇନପାରେ । ଦେଶର ଅର୍ଥନୈତିକ ସହର ଭାବେ ପରିଚିତ ମୁମ୍ବାଇ ମୌସୁମୀ ବର୍ଷାରେ ଜଳାର୍ଣ୍ଣବ ହେବା ସହ ଜୀବନ ଯାତ୍ରା ଠପ୍ ହୋଇଯାଇଥିଲା। କେବଳ ମୁମ୍ବାଇ ନୁହେଁ, ଦେଶର ସମସ୍ତ ସହରରେ ଅନୁରୂପ ଅବସ୍ଥା ଲାଗି ରହିଛି। ଚାରି ବର୍ଷ ତଳେ ଦିଲ୍ଲୀରେ ଘର ଭିତରେ ବର୍ଷା ଜଳରେ ବୁଡି ୩ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟଣା ବୋଧହୁଏ କେହି ଭୁଲି ନଥିବେ। ୨୦୧୫ରେ ଚେନ୍ନାଇରେ ରାଜରାସ୍ତା ତଥା ଗଳି କନ୍ଦିରେ ଡଙ୍ଗା ଚାଲିବା ଭାରତୀୟ ସହରଗୁଡିକର ଭିତିଭୂମି ସମ୍ପର୍କରେ ସଂକେତ ପ୍ରଦାନ କରେ। ଉପଯୁକ୍ତ ବୈଷୟିକ ବିଦ୍ୟା, ଇଞ୍ଜିନିୟରିଂ ତଥା ନକସାର ଅବହେଳା ନିମ୍ନମାନର କାମ ଏ ସବୁ ପାଇଁ ଦାୟୀ। ରାସ୍ତା ନିର୍ମାଣର ମାସକ ମଧ୍ୟରେ ପିଚୁ ଉଠି ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହେବା ଦେଶରେ ପରମ୍ପରାଗତ ହୋଇଗଲାଣି। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ନାହିଁ। କାର୍ଯ୍ୟରେ ନିୟୋଜିତ ଇଂଜିନିୟର ଓ ଠିକାଦାରଙ୍କୁ ଉତରଦାୟୀ କରାଯିବାର ସମୟ ଏବେ ଆସିଛି। ଅନ୍ୟଥା ରାସ୍ତାରେ ଗାତ ପ୍ରତିବର୍ଷ ମରଣଯନ୍ତାରେ ପରିଣତ ହେବା ସାର ହେବ।

# କୁନ୍ତଳା କୁମାରୀ ସାବତ

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା**

ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ଏହା ପଛର କାରଣ ହେଉଛି ଆଜି ହେଉଛି ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କଙ୍କ ଜନ୍ମଦିନ, ସେ ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିଲେ ଓ ତାଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ ।

ଭାରତରେ ସର୍ବପ୍ରଥମେ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ଅନେକ ହୁଏତ ଜାଣିନଥିବେ କୁନ୍ତଳା କୁମାରୀ ସାବତ ଜଣେ ଓଡ଼ିଆ କବି ନଥିଲେ। କବିତା ଲେଖିବା ସହିତ ବୃତ୍ତିଗତ କ୍ଷେତ୍ରରେ ସେ ଥିଲେ ଜଣେ ଡାକ୍ତର। ତତ୍କାଳୀନ ଓଡ଼ିଶାରେ ନାରୀ ଶିକ୍ଷା ଅତ୍ୟନ୍ତ କଷ୍ଟକର ଥିଲା ଓ ଅନେକ ଆହ୍ୱାନପୂର୍ଣ୍ଣ ମଧ୍ୟ ଥିଲା। ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ କେତେଜଣ ନାରୀ କବିଙ୍କର ଆର୍ବିଭାବ ଘଟିଥିଲା ତନ୍ମଧ୍ୟରୁ କୁନ୍ତଳା କୁମାରୀ ସାବତ ଅନ୍ୟତମ । ସେ ଓଡ଼ିଶାର ପ୍ରଥମ ମହିଳା ଡାକ୍ତର । ସେ ୧୯୦୧ ମସିହା ଓଡ଼ିଶାର ବସ୍ତର ଜିଲ୍ଲାର ଜଗଦଳପୁର ଗ୍ରାମରେ (ଏବେ ଏହା ଛତିଶଗଡ଼ରେ ରହିଛି) ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଡାନିଏଲ୍ ସାବତ । ଜାତିରେ ସେ ବ୍ରାହ୍ମଣ ଥିଲେ । କୁନ୍ତଳା ପିତାଙ୍କ ବସ୍ତର ଥିବା ସମୟରେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ । ପରେ ସେ ବର୍ମା ଚାଲିଯାଇଥିଲେ । କୁନ୍ତଳା ୧୪ବର୍ଷ ବୟସ ହେଲା ପର୍ଯ୍ୟନ୍ତ ସେ ସେଠାରେ ରହିଥିଲେ । ବର୍ମାରୁ ଫେରି କୁନ୍ତଳା କିଛି ଦିନ ଖୋର୍ଦ୍ଧାରେ ରହିଥିଲେ । ସେ ରେଭେନ୍ସା ଗାର୍ଲସ୍ ସ୍କୁଲରେ ପାଠ ପଢୁଥିଲେ ।

ପରେ ସେ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ପାଠ ପଢ଼ିଥିଲେ । ୧୯୨୧ ମସିହାରେ ସେ ସ୍ୱର୍ଣ୍ଣପଦକ ସହ ଏଲ.ଏମପି ଡିଗ୍ରୀ ହାସଲ କରିଥିଲେ । ମେଡ଼ିକାଲ ଶିକ୍ଷା ପରେ ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ ୧୯୨୧ରୁ ୧୯୨୮ ପର୍ଯ୍ୟନ୍ତ ଡାକ୍ତରୀ ସେବାରେ ଯୋଗ ଦେଇଥିଲେ । ଏହାପରେ ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ । ୧୯୨୫ ମସିହାରେ ସେ ରେଡ଼କ୍ରସ ସୋସାଇଟିର ଲେଡ଼ି ହେଲଥ୍ ଭିଜିଟର ଥିଲେ । ୧୯୨୮ରେ ସେ ଦିଲ୍ଲୀ ଚାଲିଗଲେ । ସେ ଡାକ୍ତର କୈଳାସ ଚନ୍ଦ୍ରଙ୍କୁ ବିବାହ କରିବା ପାଇଁ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ବିବାହ କରିପାରି ନଥିଲେ । ତାପରେ ସେ ଆର୍ଯ୍ୟ ଧର୍ମ ଗ୍ରହଣ କରି ବ୍ରହ୍ମଚାରୀ କୃଷ୍ଣ ପ୍ରସାଦ ଦାସଙ୍କୁ ୧୯୨୮ରେ ବିବାହ କରିଥିଲେ । ତାଙ୍କର ଦୁଇପୁତ୍ର ଓ ଦୁଇକନ୍ୟା ଥିଲେ । ଜାତିପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ । ଚିକିତ୍ସକ ଦିବସ ଅବସରରେ ତାଙ୍କ ପ୍ରତି ଆମର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର,
ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬

# ଶ୍ରାବଣ ଯାତ୍ରା : ବୋଲ୍‌ବମ୍

**ଅଭୟ କୁମାର ଦାସ ■**

ବୋଲବମ୍ କହିଲେ ଶ୍ରାବଣ ମାସରେ ଜଳାଭିଷେକ କରିବା ପାଇଁ ଶିବ ମନ୍ଦିର ଉଦ୍ଦେଶ୍ୟରେ କରାଯାଉଥିବା ଧାର୍ମିକ ପଦଯାତ୍ରାକୁ ବୁଝାଯାଏ। ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଉତ୍ସବ ପାଳନ କରାଯାଇଥାଏ। ଆଷାଢ଼ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମସ୍ତ ସୋମବାରରେ ବିଭିନ୍ନ ଶିବାଳୟରେ ଭକ୍ତମାନେ ଶିବଙ୍କ ମସ୍ତକରେ ଜଳ ଢ଼ାଳିଥାନ୍ତି। ବୋଲ୍‌ବମ୍ ଯାତ୍ରାରେ ଭାଗ ନେଉଥିବା ଭକ୍ତ ମାନଙ୍କୁ କାଉଡିଆ କୁହାଯାଏ। ଭକ୍ତମାନେ ଗେରୁଆବସ୍ତ୍ର ପରିଧାନ କରି କାନ୍ଧରେ କଳସୀ ଭାର ଧରି ଚାଲି ଚାଲି ସଂପୂର୍ଣ୍ଣ ପଥ ଅତିକ୍ରମ କରିଥାନ୍ତି। ସେମାନେ କୌଣସି ନଦୀ ବା ଜଳାଶୟରୁ ଜଳନେଇ ମହାଦେବ ମନ୍ଦିରର ଶିବଲିଙ୍ଗ ଉପରେ ଜଳ ଢ଼ାଳନ୍ତି। ବିଶେଷକରି ଶ୍ରାବଣ ମାସର ପ୍ରତି ସୋମବାରରେ କାଉଡିଆଙ୍କ ଯାତ୍ରା ନର୍ମଦାରୁ ମହାକାଳ ପର୍ଯ୍ୟନ୍ତ, ଗଙ୍ଗାରୁ ନୀଳକଣ୍ଠ ମହାଦେବ, ବୈଦ୍ୟନାଥ ଧାମ, ଗୋଦବରୀରୁ ତ୍ରୈମ୍ବକ, ଗଙ୍ଗାରୁ କେଦାରେଶ୍ୱର ପର୍ଯ୍ୟନ୍ତ ଦୃଶ୍ୟମାନ ହୋଇଥାନ୍ତି।

ଏ ପରମ୍ପରା କେବେଠୁ ଆରମ୍ଭ ହୋଇଛି ତାହାର କୌଣସି ପ୍ରମାଣ ନାହିଁ। ତେବେ ପୁରାଣମାନଙ୍କରେ ଏହାର ପ୍ରମାଣ ଅଛି। ଦେବତା ଓ ଅସୁରମାନଙ୍କ ଦ୍ୱାରା କରାଯାଇଥିବା ସମୁଦ୍ର ମନ୍ଥନ ଯୋଗୁଁ ଶ୍ରାବଣ ମାସ ଅମାବାସ୍ୟା ଦିନ ସମୁଦ୍ରରୁ ଅମୃତ ଓ ବିଷ ପ୍ରାପ୍ତ ହୋଇଥିଲା। ଦେବତାମାନଙ୍କ ଅନୁରୋଧକ୍ରମେ ମହାଦେବ ସେହି ବିଷପାନ କରିଥିଲେ। ଫଳରେ ବିଷର ଉତ୍କଟ ଜ୍ୱାଳାରେ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା। ବିଷପାନ ଯନ୍ତ୍ରଣାରୁ ଲାଘବ କରିବା ପାଇଁ ଦେବତାଗଣ, ମହାଦେବଙ୍କ ମସ୍ତକରେ ସୁବାସିତ ଜଳ ଢ଼ାଳିଥିଲେ। ଶିବଙ୍କ ଠାରୁ କୃପା ଲାଭ କରିବା ଶ୍ରାବଣମାସରେ ପ୍ରତିବର୍ଷ ନୀଳକଣ୍ଠଙ୍କ ଜଳଲାଗି ଉତ୍ସବ ପାଳନ କରାଯାଇଆସୁଛି। ଭଗବାନ ଶିବ ଗଙ୍ଗାଜଳ ସ୍ନାନ ଦ୍ୱାରା ପ୍ରସନ୍ନ ହୋଇଥାଆନ୍ତି, ତାଙ୍କୁ ଧୂପ, ଦୀପ, ନୈବେଦ୍ୟ ତଥା ଫୁଲ ଚଢ଼ାଇବା ଦ୍ୱାରା ସେତିକି ପ୍ରସନ୍ନ ହୋଇନଥାନ୍ତି। ଏହି କାରଣରୁ ପୂର୍ବେ ଭକ୍ତମାନେ ବଦ୍ରିନାରାୟଣରୁ ଗଙ୍ଗାଜଳ ବହିଆଣି ରାମେଶ୍ୱର ଯାଇ ଶିବଙ୍କ ଶିରରେ ଜଳ ଲଗାନ୍ତି। ସେମାନେ ଏ ଜଳକୁ ଯେଉଁ ଭାରରେ ବୁହାନ୍ତି, ତାକୁ କୁହନ୍ତି କାଉଡି ବା କାଉଁରି ଭାର। କାଉଡି ବା କାଉଁରି ଅର୍ଥ ବାହୁଙ୍ଗି। ଏହାକୁ ଯେଉଁମାନେ ମୁହାନ୍ତି, ସେମାନଙ୍କୁ କୁହାଯାଏ କାଉଡିଆ ବା କାଉରିଆ। ଏମାନେ ଭାର ବୋହିକି ନେଲାବେଳେ କିଛି ଶବ୍ଦ ବା ସ୍ୱର ଉଚ୍ଚାରଣ କରୁଥାନ୍ତି। ତାହା ହେଉଛି – ବୋଲେବମ୍ ହରେବମ୍ ବମ୍ ବମ୍ ଭୋଲେ। ତା' ସହିତ ଭୋଲେ ବାବା ରକ୍ଷାକରେ, ଭୋଲେ ବାବା ପାରକରେ ଇତ୍ୟାଦି ଶବ୍ଦ ବା ବାକ୍ୟ ବ୍ୟବହାର କରନ୍ତି। ବମ୍ ବମ୍ ହେଉଛି ଗାଲ ବାଦ୍ୟର ଶବ୍ଦ। ଭିନ୍ନ ଅର୍ଥରେ ଶିବପୂଜା ବାଦ୍ୟ। ଏମିତି ଡ଼ାକି ଡାକି କାଉଡିଆମାନେ ରାସ୍ତାସାରା ଚାଲିଥାନ୍ତି। ଏହାଦ୍ୱାରା ମଧ୍ୟ ପଥଚଲା କଷ୍ଟ ଲାଘବ ହୋଇଯାଏ। ଏମାନଙ୍କର ପୋଷାକ ସ୍ୱତନ୍ତ୍ର। ନାଲି ଅଥବା ହଳଦିଆ। ଖାଲି ପାଦ। କାନ୍ଧରେ ଭାର। ସବୁରେ ଶିବ ସଂକେତ। ସେମାନେ ଯେଉଁ ଢ଼ଙ୍ଗରେ ଯାଆନ୍ତି, ତାହାକୁ ଶାସ୍ତ୍ରରେ ଏହିପରି ଲେଖାଯାଇଛି 'ସ୍କନ୍ଧେଚ ବାମରଂ ଦୃତ୍ୱା ବମ୍‌ବମ୍ ପ୍ରୋଜ୍ୟ କ୍ଷଣେକ୍ଷଣେ, ପଦେ ପଦେ ଅଶ୍ୱମେଧସ୍ତ ଅକ୍ଷୟ ପୁଣ୍ୟମ୍ ସୁତେ।' କାନ୍ଧରେ କାଉଡି ଭାରବୋହି ବୋଲବମ୍ ଡାକଦେଇ ଯିବା ଦ୍ୱାରା ଭକ୍ତ ଅଶ୍ୱମେଧ ଯଜ୍ଞସମ ପୁଣ୍ୟ ଲାଭ କରିଥାଏ। ଆନନ୍ଦ ରାମାୟଣରେ ଲେଖାଅଛି ଯେ, ତ୍ରେତୟା ଯୁଗରେ ଭଗବାନ ରାମ କାଉଡିଆ ସାଜି ସୁଲତାନ ଗଞ୍ଜ ନିକଟ ଗଙ୍ଗାରୁ ଜଳ ସଂଗ୍ରହ କରି ବୈଦ୍ୟନାଥ ଧାମରେ ଭଗବାନ ଶିବଙ୍କୁ ଜଳାଭିଷେକ କରୁଥିଲେ। ଲଙ୍କାପତି ରାବଣ ମଧ୍ୟ କାଉଡିଆ ସାଜି ଶିବଙ୍କୁ ଜଳାଭିଷେକ କରୁଥିଲେ କାରଣ ସେ ଥିଲେ ପରମ ଶିବ ଭକ୍ତ। ଏହିପରି ଆଉ ଜଣେ ହେଲେ ଭୂତନାଥ ଭୈରବ। ସେ ମଧ୍ୟ ଶିବଙ୍କୁ କାଉଡି ଜଳରେ ସ୍ନାନ କରାଉଥିଲେ। ଏଥିରୁ ପ୍ରମାଣିତ ହୁଏ ଯେ, କାଉଡିଆଙ୍କ ଜଳାର୍ପଣ ପରମ୍ପରା ବହୁତ ପ୍ରାଚୀନ। ଏହା କେବଳ ଆମ ରାଜ୍ୟରେ ସୀମାବଦ୍ଧ ନୁହେଁ। ସମଗ୍ର ଭାରତରେ ହିନ୍ଦୁ ଶିବଭକ୍ତ ମଧ୍ୟରେ ଏହା ପ୍ରଚଳିତ।

ଓଡ଼ିଶାରେ ଏହି ଯାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କେଉଁ କେଉଁ ଭକ୍ତମାନେ କଟକରୁ ମହାନଦୀର ଗଡ଼ଗଡ଼ିଆ ଘାଟରୁ ପାଣି ଆଣି ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଜଳ ଢ଼ାଳନ୍ତି ତ ଆଉ କିଏ ପୁରୀର ଲୋକନାଥ ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ଢ଼େଙ୍କାନାଳର କପିଳାସ ମନ୍ଦିର ଆଦିରେ ପାଣି ଢ଼ାଳନ୍ତି। ଏହି ଧାର୍ମିକ ଯାତ୍ରାରେ କାଉଡିଆଙ୍କ ସେବା ଶୁଶ୍ରୁଷା ତଥା ଯାତ୍ରା କଷ୍ଟ ଲାଘବ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ତଥା ସାଧାରଣ ଜନତା ରାସ୍ତାକଡ଼ରେ ବିଶ୍ରାମସ୍ଥଳ ଓ ଜଳଯୋଗର ବ୍ୟବସ୍ଥା ମଧ୍ୟ କରିଥାନ୍ତି। କାଉଡିଆ ପାଇଁ କିଛିଟା ସ୍ୱତନ୍ତ୍ର ନିୟମ ଅଛି। ଏହି ନିୟମାନୁଯାୟୀ ଭାରବୋହି ନେଲାବେଳେ ଭାରକୁ ଭୂମିରେ ଥୋଇବେ ନାହିଁ, ସେମାନେ ଏହି କାଳରେ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବେ। ଅର୍ଥାତ୍ ମଦ, ମାଂସ ଓ ମାଛ ଇତ୍ୟାଦି ଖାଦ୍ୟ ଗ୍ରହଣ କରିବେ ନାହିଁ। ମନରେ ମନ୍ଦ ବା ଅଶ୍ଳୀଳ ଅଥବା ପରର ଅନିଷ୍ଟ ଚିନ୍ତା କରିବେ ନାହିଁ। କ୍ରୋଧ, ଲୋଭ, ମୋହ ଅଥବା କୁକର୍ମ ତ୍ୟାଗ କରିବା ଉଚିତ। ଅନ୍ୟର ଜଳ ଗ୍ରହଣ କରିବା ଠାରୁ ଦୂରେଇ ରହିବା, ନିୟମିତ ସ୍ନାନ ଓ ପୂଜା କରିବା, କେଶ ଓ ନଖ କାଟିବା ଅନୁଚିତ, ଭୂମିରେ ବସ୍ତ୍ର ବିଛେଇ ଶୟନ କରିବା, ଦେହ ଓ ମନରେ କେବଳ ଶିବଙ୍କୁ ରଖିଲେ ଏ ଯାତ୍ରା ସଫଳ ହୁଏ। କାଉଡିଆ ଯାତ୍ରାରେ ନିତ୍ୟ କର୍ମରେ ଶୁଦ୍ଧ ଓ ପବିତ୍ର ହୋଇ ବରୁଣ ଦେବତାଙ୍କୁ ପୂଜନ କରି ଜଳକୁ ତମ୍ବା, ପିତ୍ତଳ, ଚାନ୍ଦି ପାତ୍ରରେ ଜଳ ଭରି କରାଯାଇଥାଏ। ମାଟି ପାତ୍ରରେ ସଂଗୃହୀତ ଜଳରେ ବ୍ରହ୍ମା ରହିଥାନ୍ତି। କିନ୍ତୁ ଏହାର ପବିତ୍ରତା ଉପରେ ସତର୍କତା ଅବଲମ୍ବନ କରିବା ଉଚିତ। ଜଳସ୍ରୋତରୁ ଥରେ ଜଳ ଭରିକରି ତାକୁ ଅଭିଷ୍ଟ କର୍ମ ପୂର୍ବ ଅର୍ଥାତ୍ ଶିବଙ୍କୁ ଅର୍ପଣ କରିବା ପୂର୍ବରୁ ଭୂମିରେ ରଖିବା ଅନୁଚିତ। ଅଶୌଚ ସମୟରେ କାଉଡିଆମାନେ ନିଜ ସାଥୀଙ୍କୁ ଧରାଇବା ବା କୌଣସି ଉଚ୍ଚ ଯାଗାରେ ରଖିବା ଉଚିତ। ଯେପରି ଭାରଟି ଭୂମିକୁ ସ୍ପର୍ଶ କରୁନଥିବ। ଯଦି କୌଣସି ବଶତଃ କାଉଡିଆ ଯାତ୍ରା କରିବା ସମୟରେ ଅଶୌଚ ହୋଇଥିବ ସେ ପୁଣି ଥରେ ନଦୀରେ ସ୍ନାନ କରି ମନ୍ତ୍ରଉଚ୍ଚାରଣ କରି ଜଳ ଭରି ଯାତ୍ରା କରିବା ଉଚିତ। ସୂର୍ଯ୍ୟୋଦୟର ଦୁଇ ଘଣ୍ଟା ପୂର୍ବରୁ ଓ ସୂର୍ଯ୍ୟାସ୍ତର ଦୁଇଘଣ୍ଟା ପରେ କାଉଡିଆ ଯାତ୍ରା କରିବାର ନିୟମ ରହିଛି। ରାତ୍ର ସମୟରେ ବିଶ୍ରାମ ସ୍ଥଳରେ ରହି କାଉଡିଆମାନେ ମହାଦେବଙ୍କ ମନ୍ତ୍ର ତଥା ଭଜନ କରିବା ଉଚିତ। ପାପ ପୁଣ୍ୟ ବ୍ୟକ୍ତିଗତ କର୍ମର ଫଳ। ଏଣୁ ଜଣେ ଭକ୍ତ ନିଜ ଭକ୍ତିର ପରାକାଷ୍ଠା ନେଇ ତା'ଫଳ ପାଏ। ଜଣେ କାଉଡିଆ ଯଦି ନିଜେ ଭକ୍ତ, ସେ ତା'ର ପୁଣ୍ୟ ଫଳ ଅବଶ୍ୟ ପାଇବ। ବିଧିପୂର୍ବକ ଭାବେ ମହାଦେବଙ୍କୁ ଜଳାଭିଷେକ କରି ତିନିଥର ସେହି ଜଳକୁ ଗ୍ରହଣ କରିବା ଉଚିତ। ଏହାଦ୍ୱାରା ଶାରୀରିକ, ମାନସିକ ସ୍ତରରେ ଥିବା ସମସ୍ତ ଦୋଷ ଦୂର ହୋଇଯାଇଥାଏ। ଧର୍ମ-ଅର୍ଥ-କାମ-ମୋକ୍ଷ ସମ୍ବନ୍ଧିତ ସମସ୍ତ ଇଚ୍ଛା ତୁରନ୍ତ ପୂର୍ଣ୍ଣ ହୋଇଥାଏ। ଏହି ଯାତ୍ରା କରିବା ଦ୍ୱାରା ଭକ୍ତଙ୍କୁ ମାନସିକ ପ୍ରସନ୍ନତା, ମନରୋଗ, ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଦିନକୁ ଦିନ କାଉଡିଆଙ୍କ ସଂଖ୍ୟା ବଢ଼ି ଚାଲିଛି। ଏବେ ତ ଉଭୟ ପୁରୁଷ ଓ ନାରୀ କାଉଡିଆମାନେ ଏଥିରେ ସଂପୃକ୍ତ। ଏହି ଯାତ୍ରା ସଫଳ କରିବାପାଇଁ ବିଭିନ୍ନ ସଂସ୍ଥା ମଧ୍ୟ କିଛି ମହତ କାର୍ଯ୍ୟ କରିଥାନ୍ତି। ଯେପରି କାଉଡିଆ ପାଇଁ ପୋଷାକ, ବିଶ୍ରାମସ୍ଥଳ, ଖାଦ୍ୟ ଓ ସେବା ଶୁଶ୍ରୁଷା ଇତ୍ୟାଦି କରିଥାନ୍ତି। ଏହା ପଛରେ ଲୋକଙ୍କ ମନରେ ଶ୍ରଦ୍ଧା, କର୍ମ ଧର୍ମ ଭାବ ଜାଗ୍ରତ ହୋଇଥାଏ। ନିଃସ୍ୱାର୍ଥ ଭାବରେ ଯେଉଁ ସେବାକରନ୍ତି ତାହା ଭଗବାନଙ୍କ ସେବା ବୋଲି ଲୋକମାନେ ମନେ କରିଥାନ୍ତି। କାଉଡିଆମାନେ ଜଳପାତ୍ରକୁ ପ୍ରଣାମ କରିବା ଉଚିତ।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# ବର୍ଷାଦିନିଆ ନାସା-ଗଳା-କର୍ଣ୍ଣ ସଂକ୍ରମଣ ସମସ୍ୟା

**ନାରାୟଣ ଚନ୍ଦ୍ର ବିଶ୍ୱାଳ ■**

ବର୍ଷାଋତୁରେ ପ୍ରାୟତଃ ଅନେକ ଓଦାରେ ଜଡ଼ଷଡ଼ ହୋଇଯାଆନ୍ତି। ଲଗାଣ ବର୍ଷା ହେଉ ବା ଆଂଶିକ ବର୍ଷା, ଏହି ବର୍ଷା ଋତୁ କିନ୍ତୁ ବିଶେଷକରି କାନ, ନାକ ଓ ଗଳାରେ କେତେକ ସାଧାରଣ ରୋଗ ଦେଖାଇଥାଏ। ଆସନ୍ତୁ ଜାଣିବା ସେ ନେଇ କ'ଣ କହୁଛନ୍ତି ବିଶେଷଜ୍ଞ ଡାକ୍ତର।

ଆପଣଙ୍କ ପୂର୍ବରୁ କାନ ପାଚିବା ସମସ୍ୟା ଥିଲେ ଯଦି ବର୍ଷାରେ ଆପଣ ତିନ୍ତି ଯାଇ ବର୍ଷା ପାଣି ଆପଣଙ୍କ କାନ ଭିତରେ ପଶେ ତେବେ ଏହା ଅନେକ ପରିପାର୍ଶ୍ୱିକ ସମସ୍ୟା ଓ ଆପଣଙ୍କ ପୂର୍ବ କାନ ପଚାର ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଇଥାଏ। କାନରୁ ପୂଜ, ଦୁର୍ଗନ୍ଧଯୁକ୍ତ ପାଣି ବା ଲସା ବାହାରିବା କାନପଚା ରୋଗର ମୁଖ୍ୟ ଲକ୍ଷଣ। କାନ ପାଚିଲେ ଅନେକ ସମୟରେ ଅସହ୍ୟ ଯନ୍ତ୍ରଣା ହୁଏ। ବ୍ୟାକ୍ଟେରିଆ, ଭାଇରସ ଓ ଫଙ୍ଗସ ସଂକ୍ରମଣ ଏହି ରୋଗର ମୁଖ୍ୟ କାରଣ। ଯେତେ ଶୀଘ୍ର ସମ୍ଭବ ନାସା-ଗଳା-କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ କରିବା ଜରୁରୀ।

ବର୍ଷା ଋତୁରେ ପାଣିପାଗ ଥଣ୍ଡାଳିଆ ରହୁଥିବାରୁ ଏବଂ ଏହି ସମୟରେ ବର୍ଷାରେ ଭିଜିଗଲେ ଅନେକଙ୍କ ଗଳା ଦରଜ ସମସ୍ୟା ଦେଖା ଦେଇଥାଏ। କେହି କେହି ପ୍ରାଥମିକ ଭାବେ ଏହାକୁ ହାଲକା ଭାବେ ଗ୍ରହଣ କରିଥାନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଏହା ଅତ୍ୟନ୍ତ ଯନ୍ତ୍ରଣା ଦାୟକ ସାବ୍ୟସ୍ତ ହୋଇଥାଏ। ଗଳାର ଭିତର ପାଖରେ ଟନସିଲାଇଟିସ, ଫାରିଞ୍ଜାଇଟିସ, ଲାରିଞ୍ଜାଇଟିସ, ବ୍ରୋଙ୍କାଇଟିସ ଇତ୍ୟାଦି ରୋଗ ହେଲେ ତଣ୍ଟି ଦରଜ ହେବା ସହ ଜ୍ୱର ହୋଇଥାଏ। ତଣ୍ଟି ବସିଯାଏ। ଏହିପରି କିଛି ଲକ୍ଷଣ ଦେଖିଲେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ଖାଇବା ଉଚିତ।

ବର୍ଷା ଦିନରେ ଅନେକ ଲୋକଙ୍କ ଠାରେ ନାକ ଚୁଣ୍ଟି ହେବା ଓ ନାକରୁ ରକ୍ତ ବାହାରିବାର ସମସ୍ୟା ଦେଖାଯାଇଥାଏ। ତେବେ ମୁଖ୍ୟ କଥା ହେଉଛି, ଏ ଗୁଡ଼ିକ କ୍ରନିକ ରାଇନାଟିସ ରୋଗର କେତେକ ସାଧାରଣ ଲକ୍ଷଣ। ଏହି ରୋଗର ସାମୂହିକ ଉପଶମ ପାଇଁ ଉଷୁମ ଲୁଣ ପାଣି ପକାଇ ନାକ ଭିତରକୁ ସଫା କରିବା ଏବଂ ନାକ ଚୁଣ୍ଟି ନହେବା ପାଇଁ ସାଧାରଣ ନାଜାଲ ଡ୍ରପ ପକାଇବା ଦରକାର। ଜରୁରୀ ଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଶଲ୍ୟ ଚିକିତ୍ସା ମଧ୍ୟ କରାଯାଇପାରେ। ତେବେ ଏହା ଆପଣଙ୍କ ସମସ୍ୟାକୁ ଦେଖି ଡାକ୍ତର ନିର୍ଣ୍ଣୟ ନେଇଥାନ୍ତି।

ସେହିପରି ଏହି ଋତୁରେ ଅନେକ ପିଲାମାନଙ୍କ ଠାରେ ଥ୍ରୋଟ୍ ଇନଫେକ୍ସନ ହୋଇଥାଏ। ଆମେ ସେମାନଙ୍କୁ ଆଣ୍ଟିବାୟୋଟିକ ଦେଇଥାଉ। ଥ୍ରୋଟ ଇନଫେକ୍ସନ ହେଲେ ଆମେ ଗରମ ଲୁଣ ପାଣି ନେଇ ଗଳ ଗଳ କରିବାକୁ କହିଥାଉ। ସେଥିରେ ନ କମିଲେ ଆଣ୍ଟିବାୟୋଟିକ ଖାଇବାକୁ ଦିଆଯାଏ। ବର୍ଷା ଦିନରେ ପିଲାଙ୍କୁ ଯଥା ସମ୍ଭବ ଥଣ୍ଡାଖାଦ୍ୟ, ଥଣ୍ଡା ପାନୀୟ ଓ ଫ୍ରିଜରେ ରହିଥିବା ଖାଦ୍ୟ ଦିଅନ୍ତୁ ନାହିଁ। ତେବେ ଡାକ୍ତରଙ୍କ ପରାମର୍ଶ ବିନା ପୁଣି ଥରେ ସମାନ ଆଣ୍ଟିବାୟୋଟିକ୍ ଖାଇବା ଅନୁଚିତ।

ବର୍ଷା ଋତୁରେ ଅନେକ ନାସା-ଗଳା-କର୍ଣ୍ଣ ସଂକ୍ରମଣ ଭୋଗୁଥିବା ରୋଗୀମାନେ ଅନେକ ଜଟିଳ ଉଭୟ ନାକ ଓ ଗଳା ସମ୍ବନ୍ଧୀୟ ଯନ୍ତ୍ରଣା ସାମ୍ନା କରିଥାନ୍ତି। ବାରମ୍ବାର ନାସା ଓ ଗଳା ସଂକ୍ରମଣ ହେଉଥିଲେ ନାକ ଭିତରକୁ ଲୁଣ ପାଣିରେ ଧୋଇ ସଫା ରଖନ୍ତୁ। କାନରେ କିଛି ସମସ୍ୟା ହେଲେ ଦୋକାନରୁ ଡ୍ରପସ କିଣି ପକାଇଦେବା କିମ୍ବା ଯନ୍ତ୍ରଣା ନିବାରକ ଔଷଧ ଖାଇବା ଅନୁଚିତ। ବେଳେ ବେଳେ କାନରେ ଫଙ୍ଗାଲ ଇନଫେକ୍ସନ ହୋଇଥାଏ, ସେତେବେଳେ ଜାଣି ନପାରି ଔଷଧ ଖାଇବା ଓ ପକାଇବା ଦ୍ୱାରା ରୋଗୀ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ।

ବର୍ଷା ଋତୁଟି ଉଭୟ ଥଣ୍ଡା ଓ ବର୍ଷାର ସମସ୍ୟା ରହିବା ସହ ଲଗାଣ ବର୍ଷାରେ ଘଣ୍ଟା ଘଣ୍ଟା ଧରି ତିନ୍ତିବା ଓ ଏହାର ପାଣି ନାକ ବା କାନରେ ପଶିବା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଯଥା ସମ୍ଭବ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରୁହନ୍ତୁ। ପୂର୍ବରୁ କୌଣସି କାନ ସମସ୍ୟା ଥିଲେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆମ ଶରୀରରେ କାନ-ନାକ-ଗଳା ଏପରି ଏକ ଶରୀର ତତ୍ତ୍ୱ ଯାହାକି କୌଣସି ଗୋଟିଏ ଶାରୀରିକ ସମସ୍ୟା ଅନୁଭବ କଲେ ତାହା ଅନ୍ୟ କ୍ଷେତ୍ରକୁ ସଂକ୍ରମିତ କରିବାର ସମ୍ଭାବନା ଅଛି। ତେଣୁ ବର୍ଷା ଦିନଟି ବିଶେଷକରି କର୍ଣ୍ଣ-ନାକ-ଗଳାକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଥିଲେ ଉପରୋକ୍ତ ପରାମର୍ଶ ଗ୍ରହଣ କରିବା ଜରୁରୀ।

**ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ' କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**

# ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନା

**ସୌର ଚନ୍ଦ୍ର ମହାପାତ୍ର ■**

କ୍ଷଣଭଙ୍ଗୁର ଜୀବନରେ ବିଶ୍ୱର କଲ୍ୟାଣ ପାଇଁ ଐଶ୍ୱରୀୟ ଚେତନା ଜୀବନସ୍ରୋତରେ ମିଶାଇ ସମାଜର କଲ୍ୟାଣ ପାଇଁ ଏବଂ ଧରାପୃଷ୍ଠରୁ ଅଶୋଭନୀୟତାର ଚିତ୍ରକୁ ବଦଳାଇ ଜଗତର ସର୍ବବିଧ ମଙ୍ଗଳ ପାଇଁ ଯେଉଁ ନିଃସ୍ୱାର୍ଥପର ଆଧ୍ୟାତ୍ମିକ ଚେତନାର ମାର୍ଗଦର୍ଶକ ତଥା ସ୍ରଷ୍ଟା ହେଉଛନ୍ତି ଭଗବାନ ଶ୍ରୀ ସତ୍ୟସାଇ ବାବା। ଭଗବାନ ଶ୍ରୀ ସତ୍ୟସାଇଙ୍କ ବାର୍ତ୍ତା ଏବଂ ଉଦାରତା ଦ୍ୱାରା ଅତିମାତ୍ରାରେ ବିହ୍ୱଳିତ ଅନେକ ବ୍ୟକ୍ତିମାନେ ନିଜର ବ୍ୟକ୍ତିଗତ ଉନ୍ନତି ଏବଂ ରୂପାନ୍ତରଣ ଲାଭ କରିଛନ୍ତି ତାଙ୍କ ଦିବ୍ୟ ସାନ୍ନିଧ୍ୟ ଲାଭ କରି । ବିଶ୍ୱପ୍ରେମ ଓ ତାହାକୁ ଅବଲମ୍ବନ କରିବା ଉପରେ ଶ୍ରୀ ସତ୍ୟସାଇଙ୍କଙ୍କ ପ୍ରଦତ୍ତ ଦିବ୍ୟ ବାଣୀ ଓ ଉପଦେଶ, ଓଡ଼ିଶା ତଥା ବିଭିନ୍ନ ରାଜ୍ୟ ତଥା ସମଗ୍ର ପୃଥିବୀର ଲକ୍ଷ ଲକ୍ଷ ହୃଦୟରେ ପହଞ୍ଚିଗଲାଣି ।

ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଶିକ୍ଷା, ସମସ୍ତ ସୀମା ସରହଦର ଅତୀତକୁ ଯାଇ, ଜାତି, ଧର୍ମ ଓ ସମ୍ପ୍ରଦାୟକତାର ଉର୍ଦ୍ଧ୍ୱରେ ପହଞ୍ଚିଗଲାଣି । ସାମାଜିକ ଦାୟିତ୍ୱକୁ ଆନନ୍ଦର ସହ ବହନ କରି, ବହୁ ବିବିଧତା ମଧ୍ୟରେ ଏକତା ଅନୁସନ୍ଧାନ କରିବା ପାଇଁ ସେ ତାଙ୍କ ଆଶ୍ରିତମାନଙ୍କୁ କହିଥାନ୍ତି । ଲକ୍ଷ ଲକ୍ଷ ଆଶ୍ରିତମାନଙ୍କ ସହ ଶ୍ରୀ ସତ୍ୟସାଇ ଆଜି ଜଣେ ବିଶ୍ୱଗୁରୁ ଭାବେ ଏବଂ ମାନବିକତାର ପ୍ରତୀକ ଭାବେ ଉଭା ହୋଇଛନ୍ତି । ତାଙ୍କ 'ସର୍ତ୍ତଶୂନ୍ୟ ପ୍ରେମ'ର ବାଣୀ ଆଜି ନିଃସ୍ୱାର୍ଥ ସେବାକର୍ମର ସାକାର ରୂପ ଭାବେ ପ୍ରକାଶିତ ହୋଇ ସମଗ୍ର ବିଶ୍ୱବ୍ୟାପ୍ତ ସତ୍ୟସାଇ ସଙ୍ଗଠନର ସଦସ୍ୟମାନଙ୍କଠାରେ ସହସ୍ରାଧିକ ସ୍ୱେଚ୍ଛାସେବୀମାନଙ୍କୁ ଉଦ୍‌ବୁଦ୍ଧ କରୁଛି । ଏହି ଅତୁଳନୀୟ ଆଧ୍ୟାତ୍ମିକବାଦର ଉଦ୍‌ଘୋଷକ ସେହି ବ୍ୟକ୍ତିତ୍ୱ ଯିଏ ଏକା ଏକା ଶିକ୍ଷା ପଦ୍ଧତିକୁ ସଂଶୋଧନ କରି ତାହାକୁ ମୂଲ୍ୟବୋଧଭିତ୍ତିକ କଲେ, ବିଶ୍ୱାତ୍ମକ ସ୍ୱାସ୍ଥ୍ୟସେବାର ନୂତନ ସଂଜ୍ଞା ନିରୂପଣ କଲେ ଏବଂ ସମାଜସେବା ସହ ଆଧ୍ୟାତ୍ମିକତାକୁ ସମନ୍ୱିତ କଲେ । ତାଙ୍କ ଜୀବନ ଓ ବାର୍ତ୍ତା ଏଭଳି ଶକ୍ତିଶାଳୀ ଯେ, ବହୁ ଉଚ୍ଚଶିକ୍ଷିତ ଏବଂ ଉଚ୍ଚକୁଳଜାତ ପୁରୁଷ ଓ ମହିଳା ତଥା ଦରିଦ୍ରତମ ବ୍ୟକ୍ତିମାନେ ମଧ୍ୟ ତାଙ୍କୁ ସେମାନଙ୍କ ପଥ ପ୍ରଦର୍ଶକ ଭାବେ ଗ୍ରହଣ କରିସାରିଲେଣି । ତାଙ୍କର ଅସୀମ ପ୍ରେମଭାବ, ଆନ୍ତର୍ଜାତୀୟ ସୁଖ୍ୟାତି ଏବଂ ଆଦୃଷ୍ଟପୂର୍ବ ଯଶକୀର୍ତ୍ତି ଦେଖି ଅନେକ ପ୍ରଶ୍ନ କରିବାକୁ ବାଧ୍ୟ ହେଲେଣି ଯେ, ''ପ୍ରକୃତରେ ସେ କିଏ ?''

'ମୁଁ ଦିବ୍ୟସତ୍ତା ଏବଂ ତୁମ୍ଭେମାନେ ମଧ୍ୟ । ଆମ ଭିତରେ ପାର୍ଥକ୍ୟ ଏତିକି ଯେ, ମୁଁ ଜାଣେ ମୁଁ ଜଣେ ଦିବ୍ୟସତ୍ତା ତୁମ୍ଭେମାନେ ନିଜେ ଦିବ୍ୟସତ୍ତା ବୋଲି ଜାଣିନାହଁ ।' ତାଙ୍କ ପରିଚୟ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଏହା ଥିଲା ଭଗବାନ ଶ୍ରୀ ସତ୍ୟସାଇଙ୍କ ପ୍ରଦତ୍ତ ଉତ୍ତର । ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ଦିବ୍ୟ ସ୍ୱଭାବ ହିଁ ତାଙ୍କ ମିଶନର ଆଧାର ଶୀଳା । ତାଙ୍କ ଆଶ୍ରିତ ଓ ଅନୁଗାମୀ ମାନଙ୍କୁ ସମ୍ଭାଷଣ ପ୍ରଦାନ କଲାବେଳେ ସେ ସମସ୍ତଙ୍କୁ ଦିବ୍ୟସ୍ୱରୂପ ବୋଲି ସମ୍ବୋଧନ କରିଥାନ୍ତି । ତାଙ୍କ ମିଶନ୍‌କୁ ସ୍ପଷ୍ଟ କରିବାକୁ ଯାଇ ସେ କହନ୍ତି, 'କୌଣସି ଧର୍ମକୁ ନଷ୍ଟ ବା ବ୍ୟାଘାତ ପହଞ୍ଚାଇବା ପାଇଁ ମୁଁ ଆସି ନାହିଁ; ବରଂ ପ୍ରତ୍ୟେକଙ୍କୁ ନିଜ ନିଜ ଧର୍ମରେ ପୁନଃପ୍ରତିଷ୍ଠିତ କରିବାକୁ ଆସିଛି । ଫଳରେ ଜଣେ ଖ୍ରୀଷ୍ଟିୟାନ୍ ଆହୁରି ଭଲ ଖ୍ରୀଷ୍ଟିଆନ୍ ହେବ, ମୁସ୍‌ଲିମ୍ ଆହୁରି ଭଲ ମୁସଲିମ୍ ହେବ ଏବଂ ହିନ୍ଦୁ ଆହୁରି ଭଲ ହିନ୍ଦୁ ହୋଇପାରିବ ।'

ତାଙ୍କ ନିଜ ଭାଷାରେ ସେ କହନ୍ତି, 'ସମଗ୍ର ମାନବଜାତିକୁ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ଏକ ପରିବାରଭୁକ୍ତ କରିବା, ପ୍ରତ୍ୟେକ ଜୀବର ଅନ୍ତର୍ନିହିତ ସତ୍ୟକୁ ଆଲୋକିତ ତଥା ପ୍ରତିପାଦିତ କରିବା, ଯେଉଁ ଦୈବତ୍ୱ ସମଗ୍ର ଜଗତର ଆଧାର ତାହା ଦର୍ଶାଇ ଦେବା, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ଦିବ୍ୟ ବନ୍ଧନକୁ ଚିହ୍ନାଇବା ପାଇଁ ସାଇ ଆସିଛନ୍ତି, ଯାହା ଫଳରେ ମଣିଷ, ତା'ଜୀବନର ଲକ୍ଷ, ଦୈବୀସ୍ତରକୁ ଉତ୍‌ଥିତ ହୋଇପାରିବ । ମଣିଷ ସାର୍ଥକ ଜୀବନ ଯାପନ କରିବା ପାଇଁ ସେ ଯେଉଁ ସୂତ୍ର ଯୋଗାଇ ଦେଇଛନ୍ତି ତାହା ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ରୂପକ ପଞ୍ଚାଙ୍ଗମାର୍ଗ । 'ଦୈବ ପ୍ରୀତି, ପାପଭୀତି ଓ ସଂଘ ନୀତି' ହେଉଛି ଏ ପୃଥିବୀକୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ତାଙ୍କ ପ୍ରଦତ୍ତ ଔଷଧାଦିର ବ୍ୟବସ୍ଥା ପତ୍ର । ତାଙ୍କ ଦ୍ୱାରା କରାଯାଇଥିବା ଅସଂଖ୍ୟ ସେବା ପ୍ରକଳ୍ପ ତାଙ୍କ ଅନୁକମପାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେ ନିର୍ମଳ ପ୍ରେମର ଏକ ଅସରନ୍ତି ଭଣ୍ଡାର । 'ମୋ ଜୀବନ ହିଁ ମୋର ବାର୍ତ୍ତା ।' ଏହି ଉଦ୍‌ଘୋଷଣାକୁ ସତ୍ୟ ପ୍ରକାଶିତ କରି ନିଃସ୍ୱାର୍ଥ ସେବା ଦ୍ୱାରା ମୁକ୍ତିଲାଭ କରିବାକୁ ଉପଦେଶ ଦେଇ ସେ କହନ୍ତି, 'ମାନବର ସେବା ହିଁ ମାଧବର ସେବା ।' ଆଜି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଦଳଗତ ସେବାକାର୍ଯ୍ୟ, ସ୍ଥାନୀୟ, ସାମାଜିକ ଅନୁଷ୍ଠାନ ମାଧ୍ୟମରେ ଦେଶ ତଥା ବିଶ୍ୱର ଉପକାର ସମ୍ପାଦନ କରିଚାଲିଛି । ଭଗବାନ ଶ୍ରୀ ସାଇ ହେଉଛନ୍ତି ସର୍ବରୂପୀ ହରି। ସେ ପ୍ରତିଷ୍ଠା କରିଥିବା ଦେବାଳୟ, ବିଦ୍ୟାଳୟ, ଚିକିତ୍ସାଳୟ ଓ ନ୍ୟାୟାଳୟ ଭିତରେ ଆମ୍ଭେମାନେ ଯେଉଁମାନେ ଆଧ୍ୟାତ୍ମିକ ପିପାସୁମାନେ ଦେବାଳୟକୁ ପ୍ରଥମ ଭାବେ ଗ୍ରହଣ କରିବା ଉଚିତ। ଭଗବାନ ଶ୍ରୀ ସାଇ ତାଙ୍କ ସମ୍ଭାଷଣରେ କହିଛନ୍ତି ଆଇନ ହେଉଛି ତିନି ପ୍ରକାର। ଗୋଟିଏ ହେଉଛି ଗଡ଼ ମେଡ଼ ଲ', ଦ୍ୱିତୀୟଟି ହେଉଛି ମ୍ୟାନ ମେଡ଼ ଲ', ତୃତୀୟଟି ହେଉଛି ନେଚର ମେଡ଼ ଲ'। ଆମ୍ଭେମାନେ ଗଡ଼ ମେଡ଼ ଲ'କୁ ଗୁରୁତ୍ୱ ଓ ପ୍ରାଧାନ୍ୟ ଦେବା ଦରକାର।

ଆଜିକାଲିର ଲୋଭ, ଦୁର୍ନୀତି, ହିଂସା, ଆତଙ୍କପୂର୍ଣ୍ଣ ପରିବେଶରେ କୋଟି କୋଟି ଲୋକ ସାର୍ଥକ ଜୀବନଯାପନ କରିବା ସକାଶେ ଧରିତ୍ରୀ ମାତା ଏବଂ ଜୀବଜଗତ ଏବଂ ନିଜ ସହ ସମନ୍ୱୟ ରକ୍ଷା କରି ଚଳିବା ପାଇଁ ତାଙ୍କୁ ଆଦର୍ଶ ମାନିଛନ୍ତି । ତାଙ୍କ ବାର୍ତ୍ତା ହିଁ ଏକ ଆଧ୍ୟାତ୍ମିକ ମହୌଷଧି ଯାହା ଆତ୍ମସଂସ୍କାର ରୂପକ ବ୍ୟାଧିରୁ ମାନବ ଜାତିକୁ ଉଦ୍ଧାର କରିପାରିବ । ନିର୍ମଳ ପ୍ରେମର ପ୍ରତିମୂର୍ତ୍ତି ସେ । ଆମର ଅନ୍ତର୍ନିହିତ ପବିତ୍ରତାକୁ ଚିହ୍ନି ତା'ର ପରିଚାଳନା ନିମନ୍ତେ ଉଦାହରଣ ମାଧ୍ୟମରେ ଆମ୍ଭମାନଙ୍କୁ ଅଗ୍ରସର କରାଇନେବା ପ୍ରକୃତରେ କ୍ୱଚିତ୍ ଦେଖାଯାଇଥାଏ । ସମାଜରେ ସମସ୍ତଙ୍କ ଭିତରେ ରୂପାନ୍ତରଣ ସହ ମାନବ ସେବା ହିଁ ମାଧବ ସେବାର ମହାମନ୍ତ୍ରକୁ ଅବଲମ୍ବନ କରି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ବିଶ୍ୱର ସବୁଠି ପହଞ୍ଚି ପାରିଛି । ଭଗବାନ କଳିଯୁଗର ଅବତାର ଶ୍ରୀ ସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ତୁମେ ମୋତେ ଯେ କୌଣସି ନାମରେ ଡାକିପାର। ମୁଁ ସବୁଥିରେ ଜବାବ ଦେବି, କାରଣ ସବୁ ନାମ ମୋରି। ତୁମ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେ ବି ମୁଁ ତୁମ ପଛେ ପଛେ ଥିବି। ସୂର୍ଯ୍ୟଙ୍କୁ ପ୍ରତ୍ୟାଖ୍ୟାନ କଲେ ସୂର୍ଯ୍ୟ କ'ଣ କୁଆଡ଼େ ଚାଲି ଯାଆନ୍ତି। ମୋତେ ମାପିବାକୁ ଚେଷ୍ଟା କରନାହିଁ, କେବଳ ବିଫଳ ହେବ। ବରଂ ତୁମ ନିଜର ମାପ ଜାଣିବାକୁ ଚେଷ୍ଟା କର। ଭଗବାନ ତ ଅସୀମ। ଭଗବାନଙ୍କୁ ଜାଣିବା, ନିଜେ ଭଗବାନ ପାଲଟିଯିବା, ସମାନ। ମୋତେ ଜାଣିବାକୁ ଉଦ୍ୟମ କଲେ ତୁମେ ମୋ ଭିତରେ ବୁଡ଼ିଯାଅ। ସସୀମ, ଅସୀମ ଭିତରେ ଲୀନ ହୋଇଯାଏ। ସତ୍ୟ ଓ ପ୍ରେମ ମାଧ୍ୟମରେ ମାନବିକତାର ପୁନରୁଦ୍ଧାର ମୋର ଦାୟିତ୍ୱ। ମୁଁ ତୁମକୁ ଉଭୟ ଧର୍ମ ଓ ବ୍ରହ୍ମ ମାର୍ଗ ଦେଖାଇବାକୁ ଆସିଛି। ତୁମେ ମୋ ଆଡ଼କୁ ପାଦେ ଆଗେଇଲେ ମୁଁ ତୁମ ଆଡ଼କୁ ଦଶପାଦ ଆଗେଇବି। ଚେଷ୍ଟା କରିବା ଓ ଉଦ୍ୟମ କରିବା ମଣିଷର କର୍ତ୍ତବ୍ୟ। ସଫଳତା ବା ବିଫଳତା ଈଶ୍ୱରଙ୍କ କୃପା ଉପରେ ନିର୍ଭର କରେ। ଭଗବାନ ସଶରୀରରେ ତୁମ ପାଖେ ଅଛନ୍ତି ଏହି ବିଶ୍ୱାସର ସହ ତୁମକୁ ଦିଆଯାଇଥିବା କର୍ମ କରିଯାଅ। ନାମ ସ୍ମରଣରେ ନିୟୋଜିତ ହୋଇ ରହି ତାହା ହିଁ ସର୍ବୋତ୍ତମ ସାଧନା। ତାହା ହିଁ ସର୍ବୋଚ୍ଚ ଜପ ସର୍ବାଧିକ ଲାଭପ୍ରଦ ତପସ୍ୟା। ନାମକୁ ପ୍ରେମପୂର୍ଣ୍ଣ କରିଦିଅ ଓ ଭକ୍ତି ବିଜଡ଼ିତ କରିଦିଅ। ତାହା ହିଁ ତୁମ ସମସ୍ତଙ୍କ ପାଇଁ ସହଜତମ ମାର୍ଗ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ
: ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬,
କଟକ,



## ଫ୍ରାନ୍ସ ସଂଗ୍ରହାଳୟରୁ ୪୦ କୋଟିର ଅଳଙ୍କାର ଲୁଟି ନେଲେ ଚୋର

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):**ଫ୍ରାନ୍ସର ଲାଲିକ୍ ସଂଗ୍ରହାଳୟରେ ଚୋରମାନେ ଏକ ବଡ଼ ଧରଣର ଡକାୟତି କରିଛନ୍ତି । ଉଚ୍ଚ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ, ଚୋରମାନେ ସଂଗ୍ରହାଳୟରୁ ପ୍ରାୟ ୨୦ ଅଳଙ୍କାର ଚୋରି କରି ନେଇଛନ୍ତି । ଚୋରି ହୋଇଥିବା ଅଳଙ୍କାରର ମୂଲ୍ୟ ପ୍ରାୟ ୪୦ ଲକ୍ଷ ୟୁରୋ (ପ୍ରାୟ ୪୦ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଉଛି । ରବିବାର ସ୍ଥାନୀୟ ସମୟ ପ୍ରାୟ ସକାଳ ସାଢ଼େ ୫ଟା ସମୟରେ ଉତ୍ତର-ପୂର୍ବ ଫ୍ରାନ୍ସର ୱିଙ୍ଗେନ-ସୁର-ମୋଡରରେ ଥିବା ପ୍ରସିଦ୍ଧ ଲାଲିକ୍ ସଂଗ୍ରହାଳୟରେ ମୁଖା ପିନ୍ଧି ଚୋରମାନେ ପ୍ରବେଶ କରି କବାଟ ଭାଙ୍ଗି ଅଳଙ୍କାର ଲୁଟ୍‌କରି ଯାଇଥିଲେ । ଚୋରମାନେ ପ୍ରାୟ ୨୦ଟି ସ୍ଫଟିକ ଅଳଙ୍କାର ନେଇ ଯାଇଛନ୍ତି ଓ ଚୋରମାନଙ୍କୁ ଧରିବା ପାଇଁ ତଦନ୍ତ ଚାଲିଛି । ଚୋରି ପରେ ସଂଗ୍ରହାଳୟ କିଛି ଦିନ ପାଇଁ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି ।ଆଲାରାମ ବାଜିବା ପରେ ସୁରକ୍ଷା କମ୍ପାନୀ ତଦନ୍ତ କରିଥିଲାୟ ଜଣେ ମହିଳା ସଫେଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ । କିନ୍ତୁ ଆଲାରାମ ସତ୍ତ୍ୱେ ପୁଲିସ ପହଞ୍ଚିବା ପୂର୍ବରୁ ଚୋରମାନେ ଖସିଯିବାରେ ସଫଳ ହୋଇଥିଲେ। ୨୦୧୧ ମସିହାରେ ଖୋଲିଥିବା ଲାଲିକ୍ ସଂଗ୍ରହାଳୟଟି ପ୍ରସିଦ୍ଧ ଫରାସୀ ଅଳଙ୍କାର ଏବଂ କାଚ ଶିଳ୍ପୀ ରେନେ ଲାଲିକ୍ ଏବଂ ତାଙ୍କ ଉତ୍ତରାଧିକାରୀଙ୍କ କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ । ସଂଗ୍ରହାଳୟରେ ଆର୍ଟ ନୁଭାଉ, ଆର୍ଟ ଡେକୋ ଏବଂ ଆଧୁନିକ ସ୍ଫଟିକ କଳାର ୬୫୦ ରୁ ଅଧିକ କଳାକୃତି ପ୍ରଦର୍ଶିତ ହୋଇଛି ।

# ବଢ଼ିବ ନୌସେନାର ଶକ୍ତି

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):** ଭାରତୀୟ ନୌସେନାରେ ଯୁଦ୍ଧ କ୍ଷମତାକୁ ଆହୁରି ସୁଦୃଢ଼ କରିବା ପାଇଁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଆସନ୍ତା ୧୧ ଜୁଲାଇ ୨୦୨୬ରେ ବିଶାଖାପାଟଣାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରୋଜେକ୍ଟ ୧୭A ଅଧୀନରେ ନିର୍ମିତ ଷଷ୍ଠ ସ୍ୱଦେଶୀ ଷ୍ଟିଲ୍ଥ ଫ୍ରିଗେଟ୍ INS Mahendragiri - F୩୮ କୁ ବିଧିବଦ୍ଧ ଭାବେ ନୌସେନାରେ ସାମିଲ କରାଯିବ । ଓଡ଼ିଶାର ପୂର୍ବଘାଟ ପର୍ବତମାଳାର ଗୌରବ 'ମହେନ୍ଦ୍ରଗିରି' ଶୃଙ୍ଗ ନାମରେ ନାମିତ ଏହି ଯୁଦ୍ଧପୋତ ପ୍ରତିରକ୍ଷା କ୍ଷେତ୍ରରେ ଭାରତର 'ଆତ୍ମନିର୍ଭରତା'ର ଏକ ଜ୍ୱଳନ୍ତ ଉଦାହରଣ । ଏହା କେବଳ ନୌସେନାର ପ୍ରହାର କ୍ଷମତା ବଢ଼ାଇବ ନାହିଁ, ବରଂ ଭାରତ ମହାସାଗର ଅଞ୍ଚଳରେ ଦେଶକୁ ଏକ ପ୍ରମୁଖ ସୁରକ୍ଷା ପ୍ରଦାନକାରୀ ଭାବେ ପ୍ରତିଷ୍ଠିତ କରିବ । ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନକୌଶଳ ଓ ପ୍ରତିଭାରେ ନିର୍ମିତ ଏହି ଯୁଦ୍ଧପୋତ ବିଶ୍ୱସ୍ତରରେ ଭାରତର ବୈଷୟିକ ଦକ୍ଷତା ପ୍ରଦର୍ଶନ କରୁଛି । ଏହାର ବ୍ଲୁ-ପ୍ରିଣ୍ଟ ଭାରତୀୟ ନୌସେନାର ନିଜସ୍ୱ ସଂସ୍ଥା 'ୱାରସିପ୍ ଡିଜାଇନ୍ ବ୍ୟୁରୋ' (WDB) ଦ୍ୱାରା ପ୍ରସ୍ତୁତ କରାଯାଇଛି । ମୁମ୍ବାଇ ସ୍ଥିତ 'ମାଜାଗାଓଁ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ୍' (MDL) ଏହାର ସଫଳ ନିର୍ମାଣ କରିଛି । ଏହି ଯୁଦ୍ଧପୋତରେ ବ୍ୟବହୃତ ୭୫ ପ୍ରତିଶତରୁ ଅଧିକ ସାମଗ୍ରୀ ସମ୍ପୂର୍ଣ୍ଣ ସ୍ୱଦେଶୀ । ଏଥିରେ ଦେଶର ବଡ଼ ବଡ଼ ଶିଳ୍ପ ସଂସ୍ଥା ସହିତ ଅନେକ କ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସହଯୋଗ କରିଛନ୍ତି, ଯାହା ଦେଶରେ ରୋଜଗାର ସୃଷ୍ଟି କରିବା ସହ ଘରୋଇ ପ୍ରତିରକ୍ଷା ଭିତ୍ତିଭୂମିକୁ ମଜବୁତ କରିଛି । ପ୍ରୋଜେକ୍ଟ ୧୭ଭ ଶ୍ରେଣୀର ଏହି ଯୁଦ୍ଧପୋତ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଓ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଯାହା ଶତ୍ରୁ ପାଇଁ ଯମ ସଦୃଶ ହେବ । ଏଥିରେ ଉନ୍ନତ ଷ୍ଟିଲ୍ଥ ଫିଚର୍ସ ରହିଛି, ଯାହା ଫଳରେ ଶତ୍ରୁ ପକ୍ଷର ରୋଡାର୍ ଏହାକୁ ସହଜରେ ଚିହ୍ନଟ କରିପାରିବ ନାହିଁ । ଶତ୍ରୁର ଆଖିରେ ଧୂଳି ଦେଇ ହଠାତ ଆକ୍ରମଣ କରିବାରେ ଏହା ସକ୍ଷମ । ଏହି ଜାହାଜ ଏକ ଆଧୁନିକ କମ୍ବାଇଣ୍ଡ ଡିଜେଲ କିମ୍ବା ଗ୍ୟାସ୍ ପ୍ରୋପଲସନ୍ ସିଷ୍ଟମ ଦ୍ୱାରା ପରିଚାଳିତ । ଏହା ଜାହାଜକୁ ତୀବ୍ର ଗତି ପ୍ରଦାନ କରିବା ସହ ଦୀର୍ଘ ସମୟ ଧରି ସମୁଦ୍ରରେ ମୁତୟନ ରହିବାକୁ ଶକ୍ତି ଦେଇଥାଏ । ଏଥିରେ ସ୍ଥଳଭାଗରୁ ସ୍ଥଳଭାଗ ଏବଂ ଆକାଶ ମାର୍ଗକୁ ଟାର୍ଗେଟ୍ କରାଯାଇପାରୁଥିବା କ୍ଷେପଣାସ୍ତ୍ର, ଆଡଭାନ୍ସଡ୍ ଇଲେକ୍ଟ୍ରୋନିକ୍ ୱାରଫେୟାର ସୁଟ୍ ଏବଂ ଆଣ୍ଟି-ସବମାରିନ ୱାରଫେୟାର ସିଷ୍ଟମ ଲଗାଯାଇଛି, ଯାହା ଏକ ସମନ୍ୱିତ କମ୍ବାଟ୍ ମ୍ୟାନେଜମେଣ୍ଟ ସିଷ୍ଟମ ସହ ଜଡ଼ିତ । INS Mahendragiri - F୩୮ କେବଳ ଯୁଦ୍ଧ କ୍ଷେତ୍ରରେ ନୁହେଁ, ବରଂ ବହୁମୁଖୀ ଅଭିଯାନରେ ବ୍ୟବହୃତ ହେବ । ଏହା ଏକାସଙ୍ଗେ ଆକାଶ, ଜଳପଥ ଏବଂ ସବମରିନ୍ ଶତ୍ରୁର ମୁକାବିଲା କରିପାରିବ । ଏହା ସହିତ ସାମୁଦ୍ରିକ ସୁରକ୍ଷା, ମାନବୀୟ ସହାୟତା, ବିପର୍ଯ୍ୟୟ ପରିଚାଳନା ଏବଂ ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେସନରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ବର୍ତ୍ତମାନର ଭୂ-ରାଜନୈତିକ ସ୍ଥିତିରେ, ଯେଉଁଠି ଭାରତ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ଏକ ମୁଖ୍ୟ ସୁରକ୍ଷା ସହଯୋଗୀ ସାଜିଛି, ସେଠାରେ 'ମହେନ୍ଦ୍ରଗିରି' ଭାରତର ସାମୁଦ୍ରିକ ସ୍ୱାର୍ଥ ରକ୍ଷା କରିବା ସହ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାରେ ଏକ 'ଫୋର୍ସ ମଲ୍ଟିପ୍ଲାୟର' ସାବ୍ୟସ୍ତ ହେବ । ନିଜର ମୂଳ ମନ୍ତ୍ର Mighty-Majestic-Matchless ସହ ଏହି ଯୁଦ୍ଧପୋତ ଦେଶ ସେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ।

## ଭାଙ୍ଗି ଆତଙ୍କୀ ମଡ୍ୟୁଲର ୬ ସନ୍ଦିଗ୍ଧଙ୍କୁ ଧରିଲା ଦିଲ୍ଲୀ ପୁଲିସ

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):** ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନର ଆଇଏସ୍ଆଇର ଏଜେଣ୍ଟ ସହଜାଦ ଭଟ୍ଟି ନେଟୱର୍କର ଦୁଇଟି ପୃଥକ୍ ପୃଥକ୍ ମଡ୍ୟୁଲର ପର୍ଦ୍ଦାଫାସ କରି ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି । ଗୋଟିଏ ଗୋଷ୍ଠୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିବାବେଳେ ଅନ୍ୟଟି ଅବୈଧ ଅସ୍ତ୍ରଶସ୍ତ୍ର ତସ୍କରୀ ମାମଲାରେ ସାମିଲ ଥିଲା । ଦିଲ୍ଲୀ ପୁଲିସ ଏକ ବଡ଼ ଅପରେସନ ପରେ ଏହି ସଫଳତା ପାଇଥିଲା ଓ ଦିଲ୍ଲୀ ଏବଂ ପଞ୍ଜାବରୁ ୬ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି । ଏମାନେ ଦୁଇଟି ପୃଥକ୍ ନେଟୱର୍କ ପାଇଁ କାମ କରୁଥିଲେ । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଅନେକ ପିସ୍ତଲ ଓ ପେଟ୍ରୋଲ ବୋମା ଜବତ କରିଛି । ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ନେଟୱର୍କ ସଙ୍ଗଠିତ ଭାବେ କାମ କରୁଥିଲେ । ଅଭିଯୁକ୍ତମାନଙ୍କର ବିଭିନ୍ନ ରାଜ୍ୟରେ ନେଟୱର୍କ ରହିଥିବା ଦିଲ୍ଲୀ ପୁଲିସ କହିଛି । ସୂଚନାଯୋଗ୍ୟ, ଏହାପୂର୍ବରୁ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସମର୍ଥିତ ଆତଙ୍କବାଦୀ ଓ ଅସ୍ତ୍ରଶସ୍ତ୍ର ନେଟୱର୍କର ପର୍ଦ୍ଦାଫାସ କରି ୪ ଜଣଙ୍କୁ ଗିରଫ କରିଥିଲେ । ଏମାନଙ୍କ ମଧ୍ୟରୁ ୩ ଜଣଙ୍କୁ ପଞ୍ଜାବ ଓ ଜଣଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା। ସନ୍ଦିଗ୍ଧମାନଙ୍କୁ ଆଇଏସ୍ଆଇ ପକ୍ଷରୁ ଦିଲ୍ଲୀରେ ବିଭିନ୍ନ ଧାର୍ମିକ ସ୍ଥଳ ଓ ପୁଲିସ ପ୍ରତିଷ୍ଠାନ ବୁଲି ତଥ୍ୟ ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଥିଲା ।

## ଜୁନରେ କାର୍ ବିକ୍ରି ୨୯% ବୃଦ୍ଧି

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ଇଲେକ୍ଟ୍ରିକ୍, ହାଇବ୍ରିଡ୍ ଓ ସିଏନ୍‌ଜି ଗାଡ଼ିର ଚାହିଦା ଯଥେଷ୍ଟ ବଢ଼ିଛି । ଗତ ଜୁନ ମାସରେ ଏହି ଧରଣର ଗାଡ଼ିଗୁଡ଼ିକର ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ମୋଟ୍ କାର୍ ବିକ୍ରିରେ ଏଭଳି ବିକଳ୍ପ ଇନ୍ଧନରେ ଚାଲୁଥିବା ଗାଡ଼ିଗୁଡ଼ିକର ଭାଗ ଉଲ୍ଲେଖନୀୟ ୪୦.୩୫ ପ୍ରତିଶତ ରହିଛି ଯାହା ଗୋଟିଏ ମାସ ପୂର୍ବରୁ ୩୮ ପ୍ରତିଶତ ରହିଥିଲା ।ଗତ ମେ ମାସରେ ପେଟ୍ରୋଲ ଓ ଡିଜେଲ ଦାମ୍ ବିବା ପରେ ନୂଆ ଗାଡ଼ି ମାଲିକମାନେ ବିକଳ୍ପ ଇନ୍ଧନରେ ଚାଲୁଥିବା ଗାଡ଼ି କିଣିବାକୁ ଅଧିକ ଆଗ୍ରହ ଦେଖାଇଛନ୍ତି ।ଏ ସମ୍ପର୍କରେ ଅଟୋମୋବାଇଲ୍ ଡିଲର ମହାସଂଘ ବା ଏଫ୍ଏଡିଏର ସଭାପତି ସି ଏସ୍ ବିଗ୍ନେଶ୍ୱର କହିଛନ୍ତି ଯେ ଗ୍ରାହକମାନେ ଆବେଗ ଦ୍ୱାରା ପରିଚାଳିତ ହୋଇ ଏଭଳି ଗାଡ଼ି କିଣିବାକୁ ନିଷ୍ପତ୍ତି ନେଇଛନ୍ତି ନା ଅନ୍ୟ କିଛି ତାହା ଆଗାମୀ ଦିନରେ ଅଭିବୃଦ୍ଧି ବଜାୟ ରହିଲେ ଜଣାପଡ଼ିବ । ଜୁନରେ ସାରା ଦେଶରେ ୨୬ ନିୟୁତରୁ ଅଧିକ ଗାଡ଼ି ବିକ୍ରି ହୋଇଛି । କାର୍ ବିକ୍ରି ୨୮.୬ ପ୍ରତିଶତ ବି ୪,୧୦,୮୫୩ରେ ପହଞ୍ଚିଛି। କାରଗୁଡ଼ିକ ମଧ୍ୟରେ ସିଏନ୍‌ଜି ମଡେଲ୍ ବିକ୍ରି ୨୪.୩ ପ୍ରତିଶତ, ହାଇବ୍ରିଡ୍ ୮.୩ ପ୍ରତିଶତ ଓ ଇଭି ବିକ୍ରି ୭.୮ ପ୍ରତିଶତ ବଢ଼ିଛି। ଗତ ମାସରେ ମାରୁତି ସୁଜୁକି ପକ୍ଷରୁ କୁହାଯାଇଥିଲା ଯେ ତେଲ ଦର ବିବା ପରେ କମ୍ପାନିର ସିଏନ୍‌ଜି ମଡେଲ୍ ବୁକିଂରେ ୪୦ ପ୍ରତିଶତ ବୃଦ୍ଧି ହୋଇଥିଲା । ତାହାର ପ୍ରତିଫଳନ ମାସ ଶେଷ ବିକ୍ରି ତଥ୍ୟରେ ଦେଖିବାକୁ ମିଳିଛି । ଯୁଦ୍ଧ ବନ୍ଦ କରିବାକୁ ଇରାନ ଓ ଆମେରିକା ମଧ୍ୟରେ ଅନ୍ତରୀଣ ଶାନ୍ତି ଚୁକ୍ତି ହୋଇଥିବାରୁ ତେଲ ଦରରେ ବୃଦ୍ଧି ଓ ଯୋଗାଣ ଶୃଙ୍ଖଳରେ ଦେଖାଦେଇଥିବା ସମସ୍ୟା ଦୂର ହେବାକୁ ଯାଉଛି। ତେଣୁ ଆସନ୍ତା କିଛି ମାସ ମଧ୍ୟରେ ବଜାର ସ୍ୱାଭାବିକ ହୋଇଯିବ ବୋଲି ବିଗ୍ନେଶ୍ୱର ଆଶା ପ୍ରକଟ କରିଛନ୍ତି ।

# ମହାରାଷ୍ଟ୍ରରେ ବର୍ଷା ବିପ୍ରାତ: ଦୁଇ ଦିନରେ ୧୩ ମୃତ

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):** ମହାରାଷ୍ଟ୍ରରେ ଗତ ତିନି ଦିନ ହେଲା ବର୍ଷା ଲାଗି ରହିଥିବାବେଳେ ରାସ୍ତାଘାଟ ପାଣିରେ ବୁଡ଼ି ରହିଛି । ବିଭିନ୍ନ ନଦୀର ପୋଲ ଉପରେ ପାଣି ପ୍ରବାହିତ ହେଉଛି । ରେଳ ଓ ବିମାନ ସେବା ପ୍ରଭାବିତ ହୋଇଛ । ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଯୋଗୁ ନଦୀଗୁଡ଼ିକରେ ପ୍ରବଳ ପାଣି ପ୍ରବାହିତ ହେଉଥିବାବେଳେ ସୋମବାର ଥାଣେର ଭିୱାଣ୍ଡିରେ କାମଭରୀ ନଦୀରେ ଜଣେ ୧୦ ବର୍ଷର ବାଳକ ଭାସି ଯାଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ଏହା ଦ୍ୱିତୀୟ ଘଟଣା । ଏହାପୂର୍ବରୁ ରବିବାର ଜଣେ ୧୭ ବର୍ଷର ବାଳକ ଏହି ନଦୀରେ ଭାସି ଯାଇଥିଲା । ସୋମବାର ବୁଡ଼ି ଯାଇଥିବା ୧୦ ବର୍ଷର ବାଳକଟି ନଦୀ ନିକଟରେ ଘରର ଅଳିଆ ପକାଇବାକୁ ଯାଇଥିବା ବେଳେ ନଦୀର ପ୍ରଚଣ୍ଡ ସ୍ରୋତରେ ସେ ଭାସି ଯାଇଥିଲେ । ଅନ୍ୟପକ୍ଷରେ ରବିବାର ଭାସି ଯାଇଥିବା ନାବାଳକ ସାଙ୍ଗମାନଙ୍କ ସହିତ କଙ୍କଡ଼ା ଧରିବାକୁ ଯାଇଥିବାବେଳେ ଏହି ଅଘଟଣ ଘଟିଥିଲା । କଂଗ୍ରେସ ବିଧାୟକ ପାର୍ଟି ନେତା ବିଜୟ ୱାଡେଟ୍ଟିବାର ସୋମବାର ମହାରାଷ୍ଟ୍ର ବିଧାନସଭାରେ ବର୍ଷାଜନିତ ମୃତ୍ୟୁ ପ୍ରସଙ୍ଗ ଉଠାଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ । ୱାଡେଟ୍ଟିବାର କହିଥିଲେ, ମୁମ୍ବାଇରେ ଗତ ଦୁଇ ଦିନରେ ବର୍ଷାଜନିତ କାରଣରୁ ଅତିକମରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି । ମାନଖୁର୍ଦ୍ଦରେ ଖୋଲା ମ୍ୟାନହୋଲରେ ପଡ଼ି ଜଣଙ୍କର ମୃତ୍ୟୁ ହୋଇଛି । ୱାଡେଟ୍ଟିବାର ବର୍ଷା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି ଉପରେ ପ୍ରଶ୍ନ ଉଠାଇଥିଲେ। ମୁମ୍ବାଇ-ପୁଣେ ରେଳ ମାର୍ଗରେ କରଜାତ-ଲୋନାୱାଲା ଭୋର ଘାଟ ସେକ୍ସନରେ



ଦୁଇଟି ସ୍ଥାନରେ ଭୂସ୍ଖଳନ ଘଟିଛି, ଯାହା ଫଳରେ ତିନୋଟି ରେଳ ଲାଇନ ପ୍ରଭାବିତ ହୋଇଛିୟ କୋଡ଼ିଏଟି ଟ୍ରେନ ବାତିଲ କରାଯାଇଛି । ମୁମ୍ବାଇ-ପୁଣେ ଏକ୍ସପ୍ରେସୱେ ମଧ୍ୟ ଭୂସ୍ଖଳନ ଯୋଗୁଁ ବିଭିନ୍ନ ସ୍ଥାନରେ ବନ୍ଦ ହୋଇଛି । ସତାରା ଜିଲ୍ଲାର ମହାବଳେଶ୍ୱରରେ ବେଣା ନଦୀରେ ଏକ ପୋଲ ଭୁଶୁଡ଼ି ପଡ଼ିବାରୁ ୧୦-୧୨ ଜଣ ପର୍ଯ୍ୟଟକ ଫସି ରହିଥିଲେ । ଏକ କ୍ରେନ୍ ସାହାଯ୍ୟରେ କାରଗୁଡ଼ିକୁ ବାହାର କରାଯାଇଥିଲା । ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ସମସ୍ତ ସରକାରୀ ସ୍କୁଲ ଓ ଘରୋଇ ସ୍କୁଲ, କଲେଜ ଛୁଟି କରାଯାଇଛି । ମୁମ୍ବାଇ ବିମାନବନ୍ଦରରେ ୧୭ ବିମାନ ବାତିଲ ହୋଇଛି । ମୁମ୍ବାଇରେ ଘରୋଇ କ୍ଷେତ୍ରର କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମର କାମ କରିବା କୁହାଯାଇଛି । ସୋମବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ ମହାରାଷ୍ଟ୍ରର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ପ୍ରବଳ ପବନ ହେବାର ଚେତାବନୀ ଦେଇ ରେଡ୍ ଆଲର୍ଟ ଜାରି କରାଯାଇଛି । ମୁମ୍ବାଇ ହାଇ ଆଲର୍ଟରେ ରହିଛି । ମୁମ୍ବାଇରେ ୧୬ଟି ଟ୍ରେନ୍ ବାତିଲ କରାଯାଇଥିବାବେଳେ ୯ଟିର ମାର୍ଗ ପରିବର୍ତ୍ତନ କରାଯାଇଛି। ଆଇଏମ୍ଡି ମୁମ୍ବାଇ ପାଇଁ ଅରେଞ୍ଜ ଆଲର୍ଟ ଓ ପୁଣେ ପାଇଁ ରେଡ ଆଲର୍ଟ ଜାରି କରିଛି। ପୁଣେରେ ଭୂସ୍ଖଳନ ଘଟି ଗୋଟିଏ ଘର ପୋତି ହୋଇପଡ଼ିଛି । ପୁଣେ ଜିଲ୍ଲାର ପାଟନ ଗାଁରେ ଘଟିଥିବା ଭୂସ୍ଖଳନ ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ଦୁଇଜଣ ନିଖୋଜ ଅଛନ୍ତି। ଲଗାଣ ବର୍ଷା ଯୋଗୁ ମୁମ୍ବାଇ ଓ ପୁଣେ ମଧ୍ୟରେ ସଡ଼କ ଓ ରେଳ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି ।

## ଖେମିନିଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିବାରୁ ଭାରତକୁ ଧନ୍ୟବାଦ ଜଣାଇଲା ଇରାନ

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):** ଇରାନର ଦିବଂଗତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ସୟଦ ଅଲି ଖେମିନିଙ୍କ ରାଷ୍ଟ୍ରୀୟ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିବାରୁ ଇରାନ ସରକାର ଭାରତ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେୟାର କରାଯାଇଥିବା ଏକ ଲମ୍ବା ପୋଷ୍ଟରେ, ଇରାନୀ ଦୂତାବାସ ଭାରତକୁ ଧନ୍ୟବାଦ ଜଣାଇ ଏହାକୁ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସମ୍ମାନର ଏକ ପ୍ରଦର୍ଶନ ବୋଲି କହିଛି । ଭାରତର ବନ୍ଧୁତା, ସହାନୁଭୂତି ଏବଂ ସମ୍ମାନର ଏହି ଭାବନାକୁ ତେହେରାନ କେବେ ଭୁଲିବ ନାହିଁ। ଏହି ଦୁଃଖର ମୁହୂର୍ତ୍ତରେ ଭାରତର ସମର୍ଥନ ବନ୍ଧୁତାର ମୂଳଦୁଆକୁ ଆହୁରି ମଜବୁତ କରିବ । ଦୂତାବାସ କହିଛି, ଭାରତୀୟ ରାଜନୈତିକ ନେତା, ସାଂସଦ, ବିଦ୍ୱାନ ଏବଂ ଧାର୍ମିକ ନେତାଙ୍କ ଉପସ୍ଥିତି ଦୁଇ ଦେଶ ମଧ୍ୟରେ ଥିବା ଗଭୀର ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କକୁ ପ୍ରତିଫଳିତ କରିଛି। ଶୁକ୍ରବାର ଏକ ଉଚ୍ଚସ୍ତରୀୟ ଭାରତୀୟ ପ୍ରତିନିଧି ଦଳ ଦିବଂଗତ ଇରାନୀ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ତେହେରାନରେ ପହଞ୍ଚିଥିଲେ। ପ୍ରତିନିଧି ଦଳରେ ବିହାର ରାଜ୍ୟପାଳ, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ସୟଦ ଆତା ହାସନେନ୍ ଏବଂ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପାବିତ୍ରା ମାର୍ଗେରିଟା ସାମିଲ ଥିଲେ। ଏହା ବ୍ୟତୀତ କଂଗ୍ରେସ ନେତା ସଲମାନ ଖୁର୍ସିଦ, ପୂର୍ବତନ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଏବଂ ପିଡିପି ମୁଖ୍ୟ ମେହବୁବା ମୁଫତିଙ୍କ ସମେତ ଭାରତର ଶିଖ, ହିନ୍ଦୁ, ମୁସଲିମ ଏବଂ ଖ୍ରୀଷ୍ଟିଆନ ଧର୍ମର ପ୍ରମୁଖ ଗୁରୁମାନେ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ପ୍ରଶାନ୍ତ ମହାସାଗରରେ ବୁଡ଼ାଜାହାଜରୁ ସଫଳତାର ସହ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଚୀନ୍

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):**ପ୍ରଶାନ୍ତ ମହାସାଗରରେ ଏକ ପରମାଣୁ ବୁଡ଼ାଜାହାଜରୁ ସଫଳତାର ସହ ଚୀନ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି । ଏହାର କିଛି ଘଣ୍ଟା ପରେ ଚୀନ୍ ସୂଚନା ପ୍ରଦାନ କରିଛି। ଡମି ୱାରହେଡ୍ ବହନ କରିଥିବା କ୍ଷେପଣାସ୍ତ୍ର ସଫଳତାର ସହିତ ଲକ୍ଷ୍ୟଭେଦ କରିଥିବା ଚୀନ୍ ପିପୁଲ୍ସ ଲିବରେସନ୍ ଆର୍ମି(ପିଏଲଏ)ର ନୌସେନାର ଏକ ବିବୃତି ଆଧାରରେ ସରକାରୀ ଗଣମାଧ୍ୟମ ଜିନହୁଆ ନ୍ୟୁଜ୍ ରିପୋର୍ଟ କରିଛି । ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ଚୀନ୍ ପକ୍ଷରୁ ଆୟୋଜିତ ଏକ ନିୟମିତ ବାର୍ଷିକ ସାମରିକ ତାଲିମ ଅଭ୍ୟାସ କାର୍ଯ୍ୟକ୍ରମ ଅନ୍ତର୍ଗତ ହୋଇଛି । ଏହି ପରୀକ୍ଷଣ ଅନ୍ତର୍ଜାତୀୟ ଆଇନ ଏବଂ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଅଭ୍ୟାସ ଅନ୍ତର୍ଗତ କରାଯାଇଛି । ଏଥିରେ କୌଣସି ନିର୍ଦ୍ଦିଷ୍ଟ ଦେଶ କିମ୍ବା ଲକ୍ଷ୍ୟସ୍ଥଳକୁ ଟାର୍ଗେଟ୍ କରାଯାଇ ନାହିଁ ବୋଲି ଜିନହୁଆର ରିପୋର୍ଟରେ କୁହାଯାଇଛି । ସ୍ଥାନୀୟ ସମୟ ମଧ୍ୟାହ୍ନ ପ୍ରାୟ ୧୨.୦୧ ସମୟରେ (୦୪୦୧ଜିଏମଟି) କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଥିଲା । ସେପ୍ଟେମ୍ବର ୨୦୨୪ ରେ ପ୍ରଶାନ୍ତ ମହାସାଗରରେ ଏକ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇସିବିଏମ) ପରୀକ୍ଷା କରିବା ପରେ ଏହା ହେଉଛି ଚୀନ୍‌ର ଦ୍ୱିତୀୟ ରଣନୈତିକ କ୍ଷେପଣାସ୍ତ୍ର ପରୀକ୍ଷଣ। ବେଜିଂ ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଏବଂ ଜାପାନର ଗଣମାଧ୍ୟମ ରିପୋର୍ଟକୁ ନିଶ୍ଚିତ କରି କହିଛନ୍ତି ଯେ, ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ପରମାଣୁ କ୍ଷମତାସମ୍ପନ୍ନ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷା ହେବା ପୂର୍ବରୁ ସମ୍ପୃକ୍ତ ଦେଶର ସରକାରଙ୍କୁ ଚୀନ୍ ସୂଚିତ କରିଥିଲା । ଅଷ୍ଟ୍ରେଲିୟ ବ୍ରଡକାଷ୍ଟିଂ କର୍ପୋରେସନ ଅନୁଯାୟୀ, ସାମୁଦ୍ରିକ ଗୁଇନ୍ଦା କମ୍ପାନି ଷ୍ଟାରବୋର୍ଡ ଦ୍ୱାରା ପ୍ରକାଶିତ ଚିତ୍ର ଦର୍ଶାଉଛି ଯେ,ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚୀନ୍‌ର ଦୁଇଟି ସାଟେଲାଇଟ୍ ଜାହାଜକୁ ଟ୍ରାକିଂ କରାଯାଉଛି । ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରକ୍ଷେପଣ ଉପରେ ନଜର ରଖିବା ପାଇଁ ଜାହାଜ ଦୁଇଟି ସେଠାରେ ରହିଛନ୍ତିୟକ୍ୟୋଡୋ ନ୍ୟୁଜ୍ ଅନୁଯାୟୀ, ଜାପାନକୁ ମଧ୍ୟ ଏନେଇ ପୂର୍ବରୁ ସୂଚିତ କରାଯାଇଥିଲା । କ୍ୟୋଡୋ ନ୍ୟୁଜ୍ ଅନୁଯାୟୀ, ଜାପାନକୁ ମଧ୍ୟ ଏନେଇ ପୂର୍ବରୁ ସୂଚିତ କରାଯାଇଥିଲା ।

## ନାଟୋ ସମ୍ମିଳନୀ ପୂର୍ବରୁ ୟୁକ୍ରେନ ଉପରେ ବାଲିଷ୍ଟିକ୍ ଆକ୍ରମଣ କଲା ରୁଷ

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):** ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାରି ବର୍ଷରୁ ଅଧିକ ସମୟ ଧରି ଜାରି ରହିଛି । ଉଭୟ ଦେଶ ପରସ୍ପର ଉପରେ ଲଗାତାର ଆକ୍ରମଣ କରୁଛନ୍ତି। ଜୁଲାଇ ୭ରେ ହେବାକୁ ଥିବା ନାଟୋ ସମ୍ମିଳନୀର ଠିକ୍ ଗୋଟିଏ ଦିନ ପୂର୍ବରୁ, ରୁଷ ମଧ୍ୟରାତ୍ରିରେ ରାଜଧାନୀ କିଭ୍ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଛି। ଆକ୍ରମଣରେ ୮ ଜଣ ଲୋକଙ୍କ ମୃତ୍ୟୁ ଲୋକଙ୍କ ଘଟିବା ସହିତ ୩୪ ଜଣ ଆହତ ହୋଇଛନ୍ତି । ସୋମବାର ମଧ୍ୟରାତିରେ ରୁଷ ରାଜଧାନୀ କିଭକୁ ଟାର୍ଗେଟ କରି ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଡ଼ କରିଥିଲା । ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନ୍ସକି ଅ ।ଉ ଏକ ବଡ଼ ଧରଣର ଆକ୍ରମଣ ଆସନ୍ନ ବୋଲି ଚେତାବନୀ ଦେବାର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି । ଆକ୍ରମଣ ପରେ, କିଭ୍ ମେୟର ଭିଟାଲି କ୍ଲିଟ୍ସକୋ କହିଛନ୍ତି ଯେ, ରାତି ଅଧିଆ ବୋମା ମାଡ଼ରେ କ୍ଷତିଗ୍ରସ୍ତ କୋଠାଗୁଡ଼ିକରୁ ଉଦ୍ଧାରକାରୀ ଦଳମାନେ ବାସିନ୍ଦାଙ୍କୁ ସ୍ଥାନାନ୍ତର କରୁଛନ୍ତି । କିଭ୍ରେ ସାତ ଜଣଙ୍କର ମୃତ୍ୟୁ ହୋଇଛି । ରାଜଧାନୀର ଉତ୍ତର-ପଶ୍ଚିମରେ ଥିବା ବୁଚା ଜିଲ୍ଲାରେ ମଧ୍ୟ ଜଣେ ବ୍ୟକ୍ତିଙ୍କ ମୃତ୍ୟୁଘଟିଛି ।କିଭ୍ ଅଞ୍ଚଳର ସାମରିକ ପ୍ରଶାସନର ମୁଖ୍ୟ ତୈମୁର ତକାଚେଙ୍କୋ କହିଛନ୍ତି, କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆପାର୍ଟମେଣ୍ଟ ଏବଂ ଅନ୍ୟାନ୍ୟ ଆବାସିକ କୋଠାଗୁଡ଼ିକୁ ଟାର୍ଗେଟ କରିଥିଲା । ଏକ ଶିଳ୍ପ କାରଖାନାରେ ନିଆଁ ଲାଗିଥିବା ସେ କହିଛନ୍ତି। ଆକ୍ରମଣରେ ପୋଡିଲସ୍କି ଜିଲ୍ଲାରେ ଏକ ଆବାସିକ କୋଠା ଆଂଶିକ ଭାବରେ ନଷ୍ଟ ହୋଇଯାଇଛି । ଡାର୍ନିସିଆ ଜିଲ୍ଲାରେ ଅନେକ ବହୁତଳ କୋଠା କ୍ଷତିଗ୍ରସ୍ତ ହୋଇଛି ଏବଂ ଅନେକ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି ବୋଲି ସେ କହିଛନ୍ତି। ମେୟର କ୍ଲିଟସ୍କୋ କହିଛନ୍ତି ଯେ ବାୟୁ ପ୍ରତିରକ୍ଷା ପ୍ରଣାଳୀ କାର୍ଯ୍ୟକ୍ଷମ ଅଛି। ସେ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଅନୁରୋଧ କରିଛନ୍ତି । ସୋମବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିବା ଏହି ଆକ୍ରମଣରେ ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ତଥା ଡ୍ରୋନ୍ ବ୍ୟବହାର କରାଯାଇଥିଲା । ସହର ସାରା ବିସ୍ଫୋରଣ ହୋଇଥିଲା । ସାଧାରଣ ନାଗରିକମାନେ ମେଟ୍ରୋ ଷ୍ଟେସନରେ ଆଶ୍ରୟ ନେଇଥିଲେ ।

## ମୋବାଇଲ୍ ରିଚାର୍ଜ ୧୫% ମହଙ୍ଗା ହେବ

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):**ଆସନ୍ତା ତିନିରୁ ଚାରି ମାସ ମଧ୍ୟରେ ମୋବାଇଲ୍ ରିଚାର୍ଜ ମୂଲ୍ୟ ବିବାକୁ ଯାଉଛି । ଟେଲିକମ୍ କମ୍ପାନିଗୁଡ଼ିକ ରିଚାର୍ଜ ଦାମ୍ ୧୨-୧୫ ପ୍ରତିଶତ ପର୍ଯ୍ୟନ୍ତ ବାଢ଼ିବା ଉପରେ ବିଚାର କରୁଥିବା ସମ୍ପର୍କରେ ସେଣ୍ଟ୍ରମ୍ ଇନଷ୍ଟିଚ୍ୟୁସନାଲ୍ ରିସର୍ଚ୍ଚ ଏକ ରିପୋର୍ଟରେ ଜଣାଇଛି । ବଜାରରେ ମିଶ୍ରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଏବେ ମାତ୍ର ୩ରୁ ୪ଟି ଟେଲିକମ୍ କମ୍ପାନି ରହିଯାଇଛି । ତେଣୁ ରିଚାର୍ଜ ଦାମ୍ ବାଢ଼ିବା ପାଇଁ ତାହା ଅନୁକୂଳ ପରିବେଶ ସୃଷ୍ଟି କରିଛି । ଆସନ୍ତା ତ୍ରୈମାସିକରେ ଟେଲିକମ୍ କମ୍ପାନିଗୁଡ଼ିକର ଗ୍ରାହକ ପିଛା ହାରାହାରି ରାଜସ୍ୱରେ ତିନିଟି ଟେଲିକମ୍ କମ୍ପାନି ୧-୧.୫ ପ୍ରତିଶତ ବୃଦ୍ଧି ଆଶା କରୁଛନ୍ତି । ୨ଜି ସେବା ବ୍ୟବହାର କରୁଥିବା ବହୁ ଗ୍ରାହକ ୪ଜି ଓ ୫ଜି ସେବା ଆଡ଼କୁ ମୁହାଁଇବେ ।ତାହାର ପ୍ରଭାବରେ କମ୍ପାନିଗୁଡ଼ିକର ଆୟ ବଢ଼ିବ । ରିପୋର୍ଟ ଅନୁସାରେ ଭୋଡାଫୋନ୍ ଆଇଡିଆ ତୁଳନାରେ ଭାରତୀ ଏୟାରଟେଲ୍ ଓ ରିଲାଏନ୍ସ ଜିଓ ଅଧିକ ଲାଭ ପାଇବେ। ଏହି ତିନି ମାସରେ ରିଲାଏନ୍ସ ଜିଓ ୭୦



ଲକ୍ଷ ଓ ଏୟାରଟେଲ୍ ୫୦ ଲକ୍ଷରୁ ଅଧିକ ଗ୍ରାହକ ଯୋଡ଼ିବେ । ସେହି ସମୟରେ ଭୋଡାଫୋନ୍ ଆଇଡିଆ ୨ ଲକ୍ଷ ଗ୍ରାହକ ହରାଇବ । ଦେଶର ୯୦ ପ୍ରତିଶତରୁ ଅଧିକ ଜିଲ୍ଲାରେ ଜିଓ ଓ ଏୟାରଟେଲର ୪ଜି/୫ଜି ନେଟ୍‌ୱର୍କ ରହିଛି । ଉଭୟ କମ୍ପାନି ନିଜର ୫ଜି ନେଟ୍‌ୱର୍କକୁ ଆହୁରି ସୁଦୃଢ଼ କରୁଛନ୍ତି । ତାହାର ପ୍ରଭାବରେ ଡାଟା ବ୍ୟବହାର ମଧ୍ୟ ଦୃଢ଼ ରହିବା ଆଶା କରାଯାଉଛି ବୋଲି ଏହି ବ୍ରୋକରେଜ୍ ସଂସ୍ଥା ପୂର୍ବାନୁମାନ କରିଛି । ଭୋଡାଫୋନ୍ ଆଇଡିଆ ମଧ୍ୟ ନିଜର ୫ଜି ନେଟ୍‌ୱର୍କକୁ ୧୦୦ରୁ ଅଧିକ ସହରରେ ପହଞ୍ଚାଇଛି ଓ ତାହାକୁ ଆହୁରି ଦ୍ରୁତ ଗତିରେ ବଢ଼ିବାକୁ ଯାଉଛି ।

## ଲଣ୍ଡନ ରାଜରାସ୍ତାରେ ପିଓକେର ସ୍ୱାଧୀନତା ଦାବି ନେଇ ସ୍ଲୋଗାନ

### ପାକିସ୍ତାନ ବିରୋଧରେ ପ୍ରବାସୀ କାଶ୍ମୀରୀଙ୍କ ଆକ୍ରୋଶ

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):**ବ୍ରିଟେନର ରାଜଧାନୀ ଲଣ୍ଡନର ରାଜରାସ୍ତା ସୋମବାର ଦିନ ପାକିସ୍ତାନ ବିରୋଧୀ ସ୍ଲୋଗାନରେ ପ୍ରକମ୍ପିତ ହୋଇ ଉଠିଛି । ଯୁକ୍ତରାଜ୍ୟରେ ରହୁଥିବା ହଜାର ହଜାର କାଶ୍ମୀରୀ 'ଲଣ୍ଡନ କାଶ୍ମୀର ମିଲିୟନ୍ ମାର୍ଚ୍ଚ' ମାଧ୍ୟମରେ ପାକିସ୍ତାନ ଅଧିକୃତ ଜମ୍ମୁ ଏବଂ କାଶ୍ମୀର (ପିଓଜେକେ)ରେ କରାଯାଉଥିବା ମାନବାଧିକାର ଉଲ୍ଲଂଘନ ଏବଂ ଦମନମୂଳକ ନୀତି ବିରୋଧରେ ସେମାନଙ୍କର କଡ଼ା ପ୍ରତିବାଦ ଜଣାଇଛନ୍ତି। ଏହି ବିଶାଳ ଶୋଭାଯାତ୍ରା ପାର୍ଲାମେଣ୍ଟ ସ୍କୋୟାରରୁ ଆରମ୍ଭ ହୋଇ ଲଣ୍ଡନରେ ଥିବା ପାକିସ୍ତାନୀ ହାଇକମିସନରେ ଶେଷ ହୋଇଥିଲା । ପ୍ରଦର୍ଶନକାରୀମାନେ ସ୍ୱାଧୀନତା ପାଇଁ ସ୍ଲୋଗାନ ଦେବା ସହ ପିଓଜେକେରେ ରାଜନୈତିକ କର୍ମୀଙ୍କ ଗିରଫଦାରୀ ଏବଂ ସ୍ଥାନୀୟ ଜନତାଙ୍କ ଉପରେ ସାମରିକ ବାହିନୀର ଅତ୍ୟାଚାରକୁ ନେଇ ପାକିସ୍ତାନୀ ସରକାରଙ୍କୁ ଅନ୍ତର୍ଜାତୀୟସ୍ତରରେ ନିନ୍ଦା କରିଛନ୍ତି। ଜମ୍ମୁ ଏବଂ କାଶ୍ମୀର ନ୍ୟାସନାଲ ଇଣ୍ଡିପେଣ୍ଡେନ୍ସ ଆଲାଏନ୍ସ (ଜେକେଏନଆଇଏ)ର ଅଧକ୍ଷ ମହମୁଦ କାଶ୍ମୀରୀ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ ଏବଂ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି । ପାକିସ୍ତାନୀ ହାଇକମିସନ ବାହାରେ ସମବେତ ହଜାର ହଜାର ଲୋକଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଆଜି ସାରା ବିଶ୍ୱରେ କାଶ୍ମୀରୀମାନେ ପାକିସ୍ତାନୀ ସେନା ବିରୋଧରେ ଏକଜୁଟ ହୋଇଛନ୍ତି। ଆମେ ଆମର ଅଧିକାର ହାସଲ ନ କରିବା ପର୍ଯ୍ୟନ୍ତ ଅତ୍ୟାଚାର ଏବଂ ଅନ୍ୟାୟ ବିରୋଧରେ ଆମର ସଂଘର୍ଷ ଜାରି ରଖିବୁ । ଆମେ କୌଣସି ପରିସ୍ଥିତିରେ ପାକିସ୍ତାନ ସରକାରଙ୍କ ଅନ୍ୟାୟ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ । ବିକ୍ଷୋଭକାରୀମାନେ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେଏଏସି)ର ମୁଖ୍ୟ ଶୌକତ ନୱାଜ ମୀର୍ ଏବଂ ଅନ୍ୟ କାଶ୍ମୀର ନେତାମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଥିଲେ । ଉଲ୍ଲେଖନୀୟ, କିଛି ଦିନ ଧରି, ଇସଲାମାବାଦ ଉପରେ ପିଓଜେକେରେ ସରକାର ବିରୋଧୀ ପ୍ରତିବାଦକୁ ଦମନ କରିବା ପାଇଁ କ୍ରମଶଃ ଅମାନବୀୟ ଏବଂ କଠୋର ପଦକ୍ଷେପ ଗ୍ରହଣ କରୁଥିବାର ଅଭିଯୋଗ ଆସିଛି । ପ୍ରତିବାଦ ସମୟରେ ଲୋକମାନେ ଏହି ଗିରଫଦାରୀଗୁଡ଼ିକୁ କାଶ୍ମୀରୀଙ୍କ ଗଣତାନ୍ତ୍ରିକ ସ୍ୱରକୁ ଦମନ କରିବାର ପ୍ରୟାସ ବୋଲି ନିନ୍ଦା କରିଥିଲେ । ଲଣ୍ଡନରେ 'ମିଲିୟନ ମାର୍ଚ୍ଚ' ସ୍ପଷ୍ଟ କରିଛି ଯେ, ପିଓଜେକେ ପ୍ରସଙ୍ଗ ଏବେ କେବଳ ଆଞ୍ଚଳିକ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରୁଛି।

# ନୀରବ ମୋଦିଙ୍କୁ ବଡ଼ ଝଟକା

**ନୂଆଦିଲ୍ଲୀ,୬ ।୭(ଏଜେନ୍ସି):**ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ୟୁରୋପୀୟ ମାନବାଧିକାର ଅଦାଲତ (ଇସିଏଚଆର)ଙ୍କ ଠାରୁ କଡ଼ା ଝଟକା ଲାଗିଛି । ସେ ନିଜର ଶେଷ ଆଇନଗତ ଲଢେଇ ମଧ୍ୟ ହାରି ଯାଇଛନ୍ତି। ଅନ୍ତିମ ଆଇନଗତ ଆବେଦନ ଖାରଜ ହେବା ପରେ ଏବେ ତାଙ୍କର ପ୍ରତ୍ୟର୍ପଣର ରାସ୍ତାରେ କୌଣସି ପ୍ରତିବନ୍ଧକ ରହି ନାହିଁ । ରିପୋର୍ଟ ଅନୁସାରେ , ବ୍ରିଟେନ ସରକାର ନୀରବ ମୋଦିଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବାର ପ୍ରଶାସନିକ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି ଏବଂ ଭାରତୀୟ ଅଧିକାରୀଙ୍କ ସହ କୂଟନୀତିକ ସମନ୍ୱୟ ଜାରି ରହିଛି। ନ୍ୟୁଜ୍-୧୮ର ରିପୋର୍ଟ ଅନୁସାରେ , ବ୍ରିଟେନର ସବୁ ଘରୋଇ ଅଦାଲତ ଗୁଡ଼ିକରେ ଅପିଲ ସମାପ୍ତ ହେବା ପରେ ନୀରବ ମୋଦି ଅପ୍ରେଲ ୨୦୨୬ରେ ଇସିଏଚଆରରେ ଅନ୍ତିମ ଆବେଦନ ଦାଖଲ କରି ଥିଲେ । ଅଦାଲତ ତାଙ୍କୁ କୌଣସି ଅନ୍ତରୀଣ ଆଶ୍ୱସ୍ତି କି ସ୍ଥଗିତାଦେଶ ଦେଇ ନାହାନ୍ତି। ଏହାସହ ପ୍ରତ୍ୟର୍ପଣକୁ ଚ୍ୟାଲେଞ୍ଜ ଦେବାର ଶେଷ ଆଇନଗତ ବିକଳ୍ପ ମଧ୍ୟ ଶେଷ ହୋଇ ଯାଇଛି। ଏହି ସ୍ଥିତିରେ କେବେ ବି ତାଙ୍କର ପ୍ରତ୍ୟର୍ପଣ ହୋଇ ପାରେ ।ନୀରବ ମୋଦି ମାର୍ଚ୍ଚ ୨୦୧୯ରୁ ଲଣ୍ଡନର ଏଚଏମପି ୱେଣ୍ଡସ୍ୱର୍ଥ ଜେଲରେ ବନ୍ଦୀ ଅଛନ୍ତି। ଏହି ସମୟରେ ସେ ବ୍ରିଟିଶ କୋର୍ଟରେ ଜାମିନ ଓ ପ୍ରତ୍ୟର୍ପଣ ରୋକିବା ପାଇଁ ଅନେକ ଆବେଦନ କରିଥିଲେ , କିନ୍ତୁ ପ୍ରତିଥର ବିଫଳ ହୋଇଛନ୍ତି। ଅପ୍ରେଲ ୨୦୨୧ରେ ତତ୍କାଳୀନ ଗୃହ ସଚିବ ପ୍ରୀତି ପଟେଲ ତାଙ୍କର ପ୍ରତ୍ୟର୍ପଣକୁ ମଞ୍ଜୁରୀ ଦେଇ ଥିଲେ । ମାର୍ଚ୍ଚ ୨୦୨୬ରେ ସେ ପୁଣି ଥରେ ପ୍ରତ୍ୟର୍ପଣ କାର୍ଯ୍ୟାନୁଷ୍ଠାନକୁ ରୋକିବା ପାଇଁ ପ୍ରୟାସ କରି ଥିଲେ ଏବଂ ଦାବି କରିଥିଲେ ଯେ, ଭାରତ ପଠାଗଲେ ତାଙ୍କ ସହ ନିର୍ଯାତନାର ବିପଦ ରହିଛି। ଏହି ପିଟିସନ ମଧ୍ୟ ଖାରଜ ହୋଇ ଯାଇଛି। ଏହାପରେ ଇସିଏଚଆରରେ ନିଷେଧାଜ୍ଞାର ଦାବି ପିଟିସନ ଦାଏର କରାଯାଇ ଥିଲା, ଯାହାକୁ ଏବେ ଖାରଜ କରି ଦିଆ ଯାଇଛି । ଉଲ୍ଲେଖନୀୟ ଯେ, ନୀରବ ମୋଦି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି)ର ପ୍ରାୟ ୨ ବିଲିୟନ ଆମେରିକୀୟ ଡଲାର ( ପ୍ରାୟ ୧୪,୦୦୦ କୋଟି ଟଙ୍କା)ର ଠକେଇ ଓ ମନି ଲଣ୍ଡରୀଂ ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ । ସିବିଆଇ ଓ ଇଡି ଦୀର୍ଘ ଦିନରୁ ତାଙ୍କର ପ୍ରତ୍ୟର୍ପଣ ଦାବି କରି ଆସୁଛନ୍ତି । ଅଭିଯୋଗ ଯେ, ନୀରବ ମୋଦି ଓ ତାଙ୍କ ମାମୁଁ ମେହୁଲ ଚୋକସି ବିନା ପର୍ଯ୍ୟାପ୍ତ ସିକ୍ୟୁରିଟିର ଲେଟର୍ସ ଅଫ୍ ଅଣ୍ଡରଟେକିଂ (ଏଲଓୟୁ) ଜାରି କରାଇ ବ୍ୟାଙ୍କର ବହୁତ କ୍ଷତି କରିଥିଲେ ଏବଂ ସେହି ଟଙ୍କାରେ ହୀରା ବ୍ୟବସାୟ କରିଥିଲେ । ଭାରତରେ ତାଙ୍କ ବିରୋଧରେ ଆଉ ତିନୋଟି ଅଲଗା ଅଲଗା ଅପରାଧିକ ମାମଲା ରୁଜୁ ହୋଇଛି। ପ୍ରତ୍ୟର୍ପଣ ମାମଲା ସହ ନୀରବ ମୋଦିଙ୍କୁ ଆଉ ଏକ ବାଣିଜ୍ୟିକ ବିବାଦରେ ମଧ୍ୟ ଝଟକା ଲାଗିଛି । ଲଣ୍ଡନରେ ହାଇକୋର୍ଟଙ୍କ ସର୍କିଟ କମର୍ସିଆଲ କୋର୍ଟଙ୍କ ବିଚାରପତି ସାଇମନ ଟିଙ୍କଲର ରାୟ ଶୁଣାଇ ଥିଲେ ଯେ, ନୀରିବ ମୋଦି ଦୁବାଇର ଫାୟରଷ୍ଟାର ଡାଇମଣ୍ଡ ଏଫଜେଡଇକୁ ଦିଆଯାଇ ଥିବା ଋଣର ବ୍ୟକ୍ତିଗତ ଗାରେଣ୍ଟି ଅନୁସାରେ ,ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ୧୧.୫ ମିଲିୟନ ଆମେରିକୀୟ ଡଲାର (ସୁଧ ସମେତ) ପରିଶୋଧ କରିବାକୁ ଦାୟୀ ।





## ଏଆଇ+ ସ୍ମାର୍ଟଫୋନ ପକ୍ଷରୁ ଫ୍ଲିପକାର୍ଟ ଗୋଟ ସେଲ୍ ଅଫର

**ଭୁବନେଶ୍ୱର, ୬।୭ (ନି.ପ୍ର) :** ଏଆଇ+ ସ୍ମାର୍ଟଫୋନ ଫ୍ଲିପକାର୍ଟରେ ବହୁପ୍ରତୀକ୍ଷିତ ଗୋଟ୍ ସେଲ ଅବସରରେ ଏହାର ସ୍ମାର୍ଟଫୋନ ଓ ଏଆଇଓଟି ପ୍ରଡକ୍ଟ ପୋର୍ଟଫୋଲିଓ ଉପରେ ଆକର୍ଷଣୀୟ ମୂଲ୍ୟ ଘୋଷଣା କରିଛି। ଫ୍ଲିପକାର୍ଟ ପ୍ଲସ ଗ୍ରାହକମାନେ ଜୁଲାଇ ୩ ତାରିଖରୁ ଅର୍ଲି ଆକ୍ସେସ ପାଇପାରିବେ ଏବଂ ଗୋଟ୍ ସେଲ ଜୁଲାଇ ୪ ତାରିଖରୁ ସମସ୍ତ ଗ୍ରାହକଙ୍କ ପାଇଁ ଆରମ୍ଭ ହେବ। ଚଳିତ ବର୍ଷର ଗୋଟ୍ ସେଲର ପ୍ରମୁଖ ଆକର୍ଷଣ ମଧ୍ୟରୁ ଗୋଟିଏ ହେଉଛି ଏଆଇ+ ପଲ୍ସ ୨ ଯାହା ୮୯୯୯ ଟଙ୍କାର ସ୍ୱତନ୍ତ୍ର ମୂଲ୍ୟରେ ଉପଲବ୍ଧ ହେବ। ଏହାବ୍ୟତୀତ ଗ୍ରାହକମାନେ ନୋଭା ସିରିଜ, ୱେୟାରେବୁଲ୍ସ ଅଡିଓ ପ୍ରଡକ୍ଟ ଓ ଟାବ୍ଲେଟଗୁଡ଼ିକ ଉପରେ ମଧ୍ୟ ଆକର୍ଷଣୀୟ ଅଫର ପାଇପାରିବେ। ପଲ୍ସ ୨ ବ୍ୟତୀତ ଗ୍ରାହକମାନେ ନୋଭା ୨, ନୋଭା ୨ ନିଓ, ନୋଭା ୨ ପ୍ରୋ ଓ ନୋଭା ୨ ଅଲ୍ଟ୍ରା ସମେତ ନୋଭା ସିରିଜ ଉପରେ ସ୍ୱତନ୍ତ୍ର ଅଫର ପାଇପାରିବେ। ଫ୍ଲିପକାର୍ଟ ଗୋଟ ସେଲ ସମୟରେ ଏଆଇ+ର ଏଆଇଓଟି ପୋର୍ଟଫୋଲିଓ ଉପରେ ମଧ୍ୟ ସ୍ୱତନ୍ତ୍ର ଅଫର ରହିବ ଯେଉଁଥିରେ ନୋଭାୱାଚ ଆକ୍ଟିଭ, ନୋଭାୱାଚ କିଡ୍ସ ୪ଜି, ନୋଭାୱାଚ ରୋଟେଟକ୍ୟାମ ୪ଜି, ଇୟରବଡ୍ସ, ନୋଭାପଡ୍ସ ଗୋ ଓ ପଲ୍ସ ଟ୍ୟାବ ସାମିଲ ରହିଛି। ଏହି ଘୋଷଣା ସମ୍ପର୍କରେ ଏଆଇ+ ସ୍ମାର୍ଟଫୋନର ସିଇଓ ଏବଂ ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିର ପ୍ରତିଷ୍ଠାତା, ମାଧବ ସେଠ କହିଛନ୍ତି, 'ଆମର ପ୍ରଡକ୍ଟ ପୋର୍ଟଫୋଲିଓ ନିରନ୍ତର ବିସ୍ତାର ହେଉଥିବା ବେଳେ ଅଧିକରୁ ଅଧିକ ଉପଭୋକ୍ତା ଯେପରି ସ୍ମାର୍ଟଫୋନ ଓ କନେକ୍ଟେଡ ଡିଭାଇସ ମାଧ୍ୟମରେ ଏଆଇ+ ଇକୋସିଷ୍ଟମର ଅନୁଭବ ପାଇପାରିବେ ଆମେ ତାହାର ଲକ୍ଷ୍ୟ ରଖୁଛୁ। ଫ୍ଲିପକାର୍ଟ ଗୋଟ ସେଲ ଆମକୁ ପଲ୍ସ ୨ ଉପରେ ବର୍ତ୍ତମାନର ସବୁଠାରୁ ବଡ ଅଫର ଦେବା ସହ ନୋଭା ସିରିଜ ଓ ଆମର ଏଆଇଓଟି ପୋର୍ଟଫୋଲିଓରେ ଆକର୍ଷଣୀୟ ମୂଲ୍ୟ ପ୍ରଦାନ କରିବାର ସୁଯୋଗ ଦେଇଛି। ପ୍ରତ୍ୟେକ ମୂଲ୍ୟ ବର୍ଗରେ ଭରସାଯୋଗ୍ୟ କାର୍ଯ୍ୟଦକ୍ଷତା, ସ୍ୱଚ୍ଛ ସଫ୍ଟୱେୟାର ଓ ଉତ୍କୃଷ୍ଟ ମୂଲ୍ୟ ପ୍ରଦାନ କରୁଥିବା ଉତ୍ପାଦ ଦେବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ।'




## ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ, ଭୁବନେଶ୍ୱର ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ୨୦ ବର୍ଷ ସଫଳତା ସହିତ ସମ୍ପୂର୍ଣ୍ଣ କରିଛି

**ଭୁବନେଶ୍ୱର, ୬।୭ (ନି.ପ୍ର):** ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ (ଏଲଭିପିଇଆଇ)ର ମିଠୁ ତୁଳସୀ ଚନରାଇ କ୍ୟାମ୍ପସର ୨୦ତମ ପ୍ରତିଷ୍ଠା ଦିବସ ୩ଜୁଲାଇ, ୨୦୨୬ରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆଂଚଳିକ ଚକ୍ଷୁ ଚିକିତ୍ସା ସମୁଦାୟର ପ୍ରାୟ ୨୫୦ ଜଣ ପ୍ରମୁଖ ଚକ୍ଷୁ ରୋଗ ବିଶେଷଜ୍ଞ, ଗବେଷକ, ଶିକ୍ଷାବିତ୍, ବିଶିଷ୍ଟ ଅତିଥି ଏବଂ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ସମାରୋହ ରୋଗୀ ସେବା, ଶିକ୍ଷା, ଗବେଷଣା ଏବଂ ସାମାଜିକ ସେବା କ୍ଷେତ୍ରରେ ଉତ୍କୃଷ୍ଟତା ବଜାୟ ରଖିବା ପାଇଁ ଏଲଭିପିଇଆଇର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।ଏହି ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରଫେସର ସି. ଏସ. ଭାସ୍କରନ ସ୍ମାରକୀ ବକ୍ତୃତାର ୨୦ ବର୍ଷ ପୂର୍ତ୍ତିକୁ ମଧ୍ୟ ପାଳନ କରାଯାଇଛି। ଦୁଇ ଦଶନ୍ଧି ଧରି ଚାଲିଆସିଥିବା ଏହି ସ୍ମାରକୀ ବକ୍ତୃତା ଶିକ୍ଷାଗତ ଉତ୍କୃଷ୍ଟତା ଏବଂ ବିଶ୍ୱସ୍ତରୀୟ ସହଯୋଗକୁ ପ୍ରତିପାଦିତ କରିଛି।ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ବଂଶାନୁକ୍ରମିକ ରେଟିନା ରୋଗ ୨୦୨୬ ଏବଂ ତା'ପରେ ବିଷୟବସ୍ତୁ ଉପରେ ଆଧାରିତ ସମ୍ମାନଜନକ ପ୍ରଫେସର ସି. ଏସ. ଭାସ୍କରନ ସ୍ମାରକୀ ବକ୍ତୃତା। ୟୁନିଭରସିଟି କଲେଜ ଲଣ୍ଡନର ରେଟିନାଲ ନ୍ୟୁରୋସାଇନ୍ସ ପ୍ରଫେସର ତଥା ମୁରଫିଲ୍ଡସ ଆଇ ହସ୍ପିଟାଲ, ଲଣ୍ଡନର ପରାମର୍ଶଦାତା ଚକ୍ଷୁ ରୋଗ ବିଶେଷଜ୍ଞ ପ୍ରଫେସର ଓମାର ମହରୁ ଏହି ବକ୍ତୃତା ପ୍ରଦାନ କରିଥିଲେ।

ଜଣେ ଅତିଥି ଅଧ୍ୟାପକ ଭାବରେ, ପ୍ରଫେସର ମହରୁ ଏଲଭିପିଇଆଇର ରେଟିନା ପରାମର୍ଶଦାତା, ଫେଲୋ, ଅପ୍ଟୋମେଟ୍ରିଷ୍ଟ ଏବଂ ପ୍ରଶାସକମାନଙ୍କ ସହ ମଧ୍ୟ ସମୟ ଅତିବାହିତ କରି ସେମାନଙ୍କ ସହ ଆଲୋଚନା କରିଥିଲେ। ଏହି ଶିକ୍ଷାଗତ ଅଧିବେଶନଗୁଡ଼ିକରେ ସେ ନିଜର ଅଭିଜ୍ଞତା ବାଂଟିବା ସହ ଜଟିଳ ରେଟିନା ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ରେଟିନା ଅସ୍ତ୍ରୋପଚାର ଓ ରୋଗୀ ପରିଚାଳନା ସମ୍ପର୍କରେ ବ୍ୟାବହାରିକ ପରାମର୍ଶ ଦେଇଥିଲେ।

ଏହି ସନ୍ଧ୍ୟାର ସ୍ମାରକୀ କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ - ଓଡ଼ିଶାର କେନ୍ଦ୍ରାପଡ଼ାର ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା; ଚନରାଇ ସମିଟ୍ ଗ୍ରୁପ୍ର ସହ-ମାଲିକ ଶ୍ରୀ ଜଗଦୀଶ ଚନରାଇ; ଏବଂ ପ୍ରତିଷ୍ଠିତ ଲେଖକ ତଥା ସାହିତ୍ୟ ସମୀକ୍ଷକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି। ଏହି ଉତ୍ସବରେ ସେମାନଙ୍କ ସହିତ ଏଲଭିପିଇଆଇର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ଗୁଲ୍ଲାପଲ୍ଲୀ ଏନ୍. ରାଓ, ଏଲଭିପିଇଆଇର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡକ୍ଟର ପ୍ରଶାନ୍ତ ଗର୍ଗ, ମିଠୁ ତୁଳସୀ ଚନରାଇ କ୍ୟାମ୍ପସର ମୁଖ୍ୟ ଡକ୍ଟର ଉମେଶ ଚନ୍ଦ୍ର ବେହେରା ଏବଂ ମିଠୁ ତୁଳସୀ ଚନରାଇ କ୍ୟାମ୍ପସର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇଥିଲେ।

ଏହି ସମାବେଶକୁ ସମ୍ବୋଧିତ କରି ବିଶିଷ୍ଟ ଅତିଥିମାନେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଏହି ସ୍ମାରକୀ ବକ୍ତୃତାର ଚମତ୍କାର ଯାତ୍ରା ବିଷୟରେ ଆଲୋଚନା କରିଥିଲେ। ଚକ୍ଷୁ ଚିକିତ୍ସା କ୍ଷେତ୍ରର ଅଗ୍ରଗତି ପାଇଁ ନିରନ୍ତର ନୂତନତ୍ୱ, ଶିକ୍ଷା, ଗବେଷଣା, ପାରସ୍ପରିକ ସହଯୋଗ ଏବଂ ସେବା ମନୋଭାବ ସହ ରୋଗୀ ସେବା ପ୍ରଦାନର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ। ଏଥିସହ, ଏହି ସମ୍ମାନଜନକ ବକ୍ତୃତା ସମାରୋହ ମାଧ୍ୟମରେ ଶିକ୍ଷାଗତ ଉତ୍କୃଷ୍ଟତାକୁ ପ୍ରୋତ୍ସାହିତ କରିବାରେ ଚନରାଇ ପରିବାରର ନିରନ୍ତର ଅବଦାନକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ।




## ଓପୋ ର ନୂତନ ରେନୋ୧୬ ସିରିଜ

**ଭୁବନେଶ୍ୱର, ୬।୭ (ନି.ପ୍ର) :** ଓପୋ ଇଣ୍ଡିଆ ପକ୍ଷରୁ ଆଜି ନୂଆ ରେନୋ୧୬ ସିରିଜର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ଭାରତର ପ୍ରଥମ ହୋଲୋଭର୍ସ ୩ଡି ଡିଜାଇନ, ଏକ ଏଆଇ ପୋର୍ଟ୍ରେଟ କ୍ୟାମେରା ସହ ୫୦ଏମପି ୩.୫ଏକ୍ସ ଟେଲିଫଟୋ ଲେନ୍ସ, ନ୍ୟାଚୁରାଲ ଟୋନ ଇମେଜିଂ ଓ ଅଲ୍ ଫୋକାଲ-ଲେନ୍ସ ୪କେ ୬୦ଏଫପିଏସ ଏଚଡିଆର ଭିଡିଓ ରେକର୍ଡିଙ୍ଗ ଭଳି ଫିଚର ଥିବା ରେନୋ୧୬ ଓ ରେନୋ୧୬ସି ୫ଜି ସ୍ମାର୍ଟଫୋନ ସାମିଲ ରହିଛି। ଏଆଇ ରିମିକ୍ସ କୋଲାଜ, ପପ୍ କ୍ୟାମ ଓ ପପ୍ଆଉଟ ୨.୦ ଭଳି ଏଆଇ-ପରିଚାଳିତ ଟୁଲ ରେନୋ୧୬ ସିରିଜ ଉପଭୋକ୍ତାଙ୍କୁ ସହଜରେ ସୃଷ୍ଟି କରିବା, ସଂଯୋଜିତ ହେବା ଓ ନିଜକୁ ବ୍ୟକ୍ତ କରିବା ପାଇଁ ସଶକ୍ତ କରୁଛି। ରେନୋ୧୬ ୫ଜିର ପ୍ରାରମ୍ଭିକ ମୂଲ୍ୟ ୬୧୯୯୯ ଟଙ୍କା ରହିଥିବା ବେଳେ ରେନୋ୧୬ସି ୫ଜିର ପ୍ରାରମ୍ଭିକ ମୂଲ୍ୟ ୪୬୯୯୯ ଟଙ୍କା ରହିଛି। ଓପୋ ରେନୋ୧୬ ସିରିଜ କ୍ରୟ ପାଇଁ ଆସ'। ଜୁଲାଇ ୯ ତାରିଖରୁ ଆମାଜନ, ଫ୍ଲିପକାର୍ଟ, ମେନଲାଇନ ରିଟେଲ ଆଉଟଲେଟ ଓ ଓପୋ ଇ-ଷ୍ଟୋରରେ ଉପଲବ୍ଧ ହେବ। ଏଥିସହିତ ଓପୋ ପକ୍ଷରୁ ଓପୋ ଏନ୍କୋ ଏୟାର୫ ଇୟରବଡ୍ର ମଧ୍ୟ ଉନ୍ମୋଚନ କରାଯାଇଛି ଯାହାର ମୂଲ୍ୟ ୩୨୯୯ ଟଙ୍କା ରହିଛି। ସେହିପରି ରେନୋ୧୬ ସିରିଜକୁ ସହ ଓପୋ ବବଲର ଶୁଭାରମ୍ଭ କରାଯାଇଛି ଯାହାକି ଓପୋର ପ୍ରଥମ ସ୍ମାର୍ଟ କ୍ୟାମେରା କମ୍ପାନିଅନ ଅଟେ। ଏଥିରେ ଏକ ୧.୭୩ ଆମୋଲେଡ ଡିସପ୍ଲେ ରହିଛି ଏବଂ ଏହାର ମୂଲ୍ୟ ୭୯୯୯ ଟଙ୍କା ରହିଛି।

ଏହାର ଶୁଭାରମ୍ଭ ସମ୍ପର୍କରେ ମତବ୍ୟକ୍ତ କରି ଓପୋ ଇଣ୍ଡିଆର ପିଆର ଓ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ, ଗୋଲ୍ଡି ପଟ୍ଟନାୟକ କହିଛନ୍ତି, 'ରେନୋ୧୬ ସିରିଜ ସବୁବେଳେ ଟ୍ରେଣ୍ଡସେଟିଂ ଡିଜାଇନ ଓ ଅର୍ଥପୂର୍ଣ୍ଣ ଉଦ୍ଭାବନର ସନ୍ଧିସ୍ଥଳରେ ଛିଡା ହୋଇଛି, ଯୁବ ଉପଭୋକ୍ତାଙ୍କ ସୃଷ୍ଟି କରିବା ଓ ସଂଯୋଗ ହେବାର ଶୈଳୀ ସହ ବିକଶିତ ହେଉଛି। ରେନୋ୧୬ ସିରିଜ ସହିତ ଆମେ ଆମର ସବୁଠାରୁ ଅଭିବ୍ୟକ୍ତିଶୀଳ ଡିଜାଇନ, ଆମର ସବୁଠାରୁ ବୁଦ୍ଧିମାନ କ୍ୟାମେରା ଅନୁଭୂତି ଓ ଦୈନନ୍ଦିନ ସୃଜନଶୀଳତାକୁ ଅଧିକ ସହଜ କରିବା ପାଇଁ ପୃଷ୍ଠଭୂମିରେ ପ୍ରାକୃତିକ ରୂପେ କାର୍ଯ୍ୟ କରୁଥିବା ଏଆଇକୁ ଏକାଠି କରିଛୁ। ପ୍ରତ୍ୟେକ ଉଦ୍ଭାବନକୁ ଉପଭୋକ୍ତାଙ୍କୁ ବାସ୍ତବ ମୁହୂର୍ତ୍ତଗୁଡ଼ିକୁ କ୍ୟାପଚର କରିବା, ଆତ୍ମବିଶ୍ୱାସର ସହ ନିଜକୁ ବ୍ୟକ୍ତ କରିବା ଏବଂ ନିଜର ଦୈନନ୍ଦିନ ଜୀବନରେ ସହଜରେ ଫିଟ ହେଉଥିବା ପ୍ରିମିୟମ ଅନୁଭୂତି ଉପଭୋଗ କରିବାରେ ସାହାଯ୍ୟ କରିବା ପାଇଁ ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଛି।




## ପ୍ରଥମ ତ୍ରୈମାସିକରେ ରେକର୍ଡସଂଖ୍ୟକ ଟ୍ରାକ୍ଟର ବିକ୍ରି କରିଛି ସୋନାଲିକା

**ଭୁବନେଶ୍ୱର, ୬।୭ (ନି.ପ୍ର) :** ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଏକ ରେକର୍ଡ ବ୍ରେକିଙ୍ଗ ପ୍ରଦର୍ଶନ ସହ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଶେଷ କରିଛି। ପ୍ରଥମ ତ୍ରୈମାସିକରେ କମ୍ପାନୀ ମୋଟ ୫୩,୬୬୧ଟି ଟ୍ରାକ୍ଟର ବିକ୍ରି କରିଛି। ଏଥିସହିତ କମ୍ପାନୀ ୨୩.୧%ର ସାମଗ୍ରିକ ଅଭିବୃଦ୍ଧି ସହିତ ସର୍ବୋଚ୍ଚ ୧ମ ତ୍ରୈମାସିକ ବିକ୍ରି ପୀକୃତ କରିଛି। କମ୍ପାନୀ ଏହି ତ୍ରୈମାସିକରେ ପ୍ରାୟ ୧୮.୩%ର ଶିଳ୍ପ ପ୍ରଦର୍ଶନକୁ ଅତିକ୍ରମ କରି ଘରୋଇ ବଜାରରେ ଅଗ୍ରଣୀ ବଜାର ଅଂଶ ହାସଲକାରୀ ଭାବେ ଉଭା ହୋଇଛି। ଏହି ନିରନ୍ତର ସଫଳତା ଏହାର ଅଭିନବ ଟ୍ରାକ୍ଟର ଟେକ୍ନୋଲୋଜି ଓ ଚମତ୍କାର ଗ୍ରାହକ ସନ୍ତୁଷ୍ଟିକରଣ ସହ 'ଜିତ୍ନେ କା ଦମ୍' ପ୍ରଦାନ କରିବାର ସ୍ଥାୟୀ ଆଗ୍ରହକୁ ପ୍ରତିଫଳନ କରୁଛି। ନୂଆ କରି ଲଂଚ ହୋଇଥିବା ସୋନାଲିକା ଗୋଲ୍ଡ ଟ୍ରାକ୍ଟର ଏହାର ସର୍ବବୃହତ ୩ ସିଲିଣ୍ଡର ୩୫୩୨ ସିସି ଇନ ଓ ପ୍ରଦର୍ଶନ-ଆଧାରିତ ଫିଚରଗୁଡ଼ିକ ପାଇଁ ସିରିଜ ଖରିଫ ଋତୁରେ ଗ୍ରାହକଙ୍କଠାରୁ ଉଲ୍ଲେଖନୀୟ ପ୍ରତିକ୍ରିୟା ହାସଲ କରୁଛି।

ଏହି ନୂଆ ମାନକ ପ୍ରଦର୍ଶନ ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, 'ଆମେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତିନି ମାସ ମଧ୍ୟରେ ୫୦୦୦୦ ଟ୍ରାକ୍ଟର ବିକ୍ରି ମାର୍କ ଅତିକ୍ରମ କରି ଏବଂ ୫୩୬୬୧ଟି ଟ୍ରାକ୍ଟରର ସର୍ବୋଚ୍ଚ ୧ମ ତ୍ରୈମାସିକ ବିକ୍ରି ରେକର୍ଡ ହାସଲ କରି ଗର୍ବିତ ଅନୁଭବ କରୁଛୁ। ଏକ ଉଲ୍ଲେଖନୀୟ ୨୩.୧%ର ସାମଗ୍ରିକ ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହୋଇ ଆମେ ଶିଳ୍ପ ପ୍ରଦର୍ଶନ (ପ୍ରାୟ ୧୮.୩%)କୁ ଅତିକ୍ରମ କରିଛୁ ଏବଂ ଘରୋଇ ବଜାରରେ ଏକ ଅଗ୍ରଣୀ ବଜାର ଅଂଶ ହାସଲକାରୀ ଭାବେ ଉଭା ହୋଇଛୁ। ଆମେ ଆମର 'ଜିତ୍ନେ କା ଦମ୍' ଦର୍ଶନ ସହ ନୂଆ ପ୍ରଦର୍ଶନ ମାନଦଣ୍ଡ ଗଠନ କରିବା ପାଇଁ ପାରମ୍ପରିକ ବିଚାର ଶୈଳୀକୁ ନିରନ୍ତର ଆହ୍ୱାନ ଦେଇଆସୁଛୁ ଏବଂ ଆମର ନିର୍ଭରଯୋଗ୍ୟ ଓ ଶକ୍ତିଶାଳୀ ଟ୍ରାକ୍ଟରଗୁଡ଼ିକ ସହିତ ଗଭୀର ଭାବେ ଜଡିତ କୃଷକଙ୍କ ବିଶ୍ୱାସକୁ ମଜବୁତ କରିଛୁ। ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଭାରତୀୟ କୃଷି କ୍ଷେତ୍ରରେ ନିରନ୍ତରଭାବେ ମାନଦଣ୍ଡ ବୃଦ୍ଧି କରିବା ଓ ଭାରତୀୟ ନିର୍ମାଣକୁ ଆନ୍ତର୍ଜାତୀୟ ମଂଚରେ ପହଂଚାଇବା। ୨୦୨୬-୨୭ର ୨ୟ ତ୍ରୈମାସିକ ଆରମ୍ଭ ହୋଇଥିବାରୁ ଆମେ କୃଷକଙ୍କ ନିରନ୍ତର ଅଭିବୃଦ୍ଧି ପାଇଁ ଦକ୍ଷ ଓ ବାଧାମୁକ୍ତ କୃଷି ପରିଚାଳନା ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତ ରହିଛୁ। 'କମ୍ପାନୀର ଏହି ସଫଳତା ସୋନାଲିକାର ବିଶ୍ୱର ସର୍ବବୃହତ ଇଂଟିଗ୍ରେଟେଡ ଟ୍ରାକ୍ଟର ପ୍ଲାଂଟ ଦ୍ୱାରା ପରିଚାଳିତ ଏବଂ ଆନ୍ତର୍ଜାତୀୟ ଆରଆଣ୍ଡଡି କ୍ଷମତା ଓ ଅତ୍ୟାଧୁନିକ ନିର୍ମାଣ କ୍ଷେତ୍ରରେ ସ୍ଥାୟୀ ନିବେଶ ଦ୍ୱାରା ସମର୍ଥିତ।



## ଆମାଜନ ଇଣ୍ଡିଆ ପକ୍ଷରୁ ୧୦ମ ପ୍ରାଇମ ଡେ ଉତ୍ସବ ଆରମ୍ଭ

**ଭୁବନେଶ୍ୱର, ୬।୭ (ନି.ପ୍ର) :** ଆମାଜନ ଇଣ୍ଡିଆ ପ୍ରାଇମ୍ ଡେ'ର ୧୦ମ ସଂସ୍କରଣ ପାଇଁ ପ୍ରସ୍ତୁତ ହୋଇଛି, ଯାହା ଜୁଲାଇ ୦୪ ରୁ ଆରମ୍ଭ ହୋଇ ଜୁଲାଇ ୦୬ ରାତି ୧୧:୫୯ ପର୍ଯ୍ୟନ୍ତ ଚାଲିବ। ଗ୍ରାହକମାନେ ଏହି ସମୟରେ ସ୍ମାର୍ଟଫୋନ୍, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଓ ବିୟୁଟି, ହୋମ ଆଣ୍ଡ କିଚେନ, ଗ୍ରୋସରୀ ଏବଂ ଅନ୍ୟାନ୍ୟ ବର୍ଗରେ ୭୨ ଘଂଟାର ସର୍ବୋତମ ଡିଲ୍, ବ୍ଲକବଷ୍ଟର ଲଂଚ ଏବଂ ସବୁଠାରୁ ଦ୍ରୁତତମ ଡେଲିଭରି ସୁବିଧା ପାଇପାରିବେ। ଏହି ମାଇଲଷ୍ଟୋନକୁ ସ୍ମରଣୀୟ କରିବା ପାଇଁ, ଆମାଜନ ନୂତନ ସଦସ୍ୟମାନଙ୍କୁ ବାର୍ଷିକ ପ୍ରାଇମ୍ ସଦସ୍ୟତା ଉପରେ ମାତ୍ର ୯୯୯ ଟଙ୍କାରେ ଫ୍ଲାଟ୍ ୫୦୦ ଟଙ୍କା ରିହାତି ପ୍ରଦାନ କରୁଥିବା ବେଳେ ସପିଂ ଏଡିସନ ବାର୍ଷିକ ୨୯୯ ଟଙ୍କାରୁ ଓ ପ୍ରାଇମ ଲାଇଟ ଏଡିସନ ବାର୍ଷିକ ୫୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହି ସମୟରେ ପ୍ରାଇମ ସଦସ୍ୟମାନେ ଏସବିଆଇ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ, ଆକ୍ସିସ୍ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଇଏମଆଇ ଟ୍ରାନ୍ସକ୍ସନ ଉପରେ ଅତିରିକ୍ତ ୧୦% ପର୍ଯ୍ୟନ୍ତ ସଂଚୟ କରିପାରିବେ ଏବଂ ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ସହିତ ଅସୀମିତ ୫% କ୍ୟାସବ୍ୟାକ୍ ସହିତ ୧୦ମ ବାର୍ଷିକୀ ଡିଲ୍ ପାଇଁ ଆକ୍ସେସ୍ ପାଇବେ। ଏହାବ୍ୟତୀତ ଆମାଜନ୍ ପେ ଲ୍ୟାଟର୍ର ୩ଟି କିସ୍ତିରେ ପେମେଂଟ ସହ ଗ୍ରାହକମାନେ ୧୫୦୦ ଟଙ୍କାରୁ ଅଧିକ ମୂଲ୍ୟର କ୍ରୟ ଉପରେ ସୁଧମୁକ୍ତ ଇଏମଆଇ ସୁବିଧା ପାଇବେ।

## ୯ରେ ଖୋଲିବ ଲେଜର ପାୱାର୍ ଆଣ୍ଡ୍ ଇନ୍ଫ୍ରା ଲିମିଟେଡ୍ର ୭୪୨ କୋଟିର ଆଇପିଓ

### ୫୪୨ କୋଟି ଟଙ୍କାର ନୂତନ ଇକ୍ୱିଟି ଇସ୍ୟୁ ଏବଂ ୨୦୦ କୋଟି ଟଙ୍କାର ଅଫର୍ ଫର୍ ସେଲ୍

**ଭୁବନେଶ୍ୱର, ୬।୭ (ନି.ପ୍ର):** ଶକ୍ତି ପରିବହନ ଓ ବଣ୍ଟନ ଶିଳ୍ପ ପାଇଁ ପାୱାର୍ କେବୁଲ୍, କଣ୍ଡକ୍ଟର୍ ଏବଂ ବିଶେଷ ଉତ୍ପାଦ ତିଆରି କରୁଥିବା ସମନ୍ୱିତ ଉତ୍ପାଦନ କମ୍ପାନୀ ଲେଜର ପାୱାର୍ ଆଣ୍ଡ୍ ଇନ୍ଫ୍ରା ଲିମିଟେଡ୍ ର ପ୍ରାରମ୍ଭିକ ସାର୍ବଜନିକ ଶେୟର ବିକ୍ରୟ (ଆଇପିଓ) ଜୁଲାଇ ୯, ୨୦୨୬ (ଗୁରୁବାର) ରେ ଖୋଲିବ ଏବଂ ଜୁଲାଇ ୧୩, ୨୦୨୬(ସୋମବାର) ରେ ବନ୍ଦ ହେବ।କୋଲକାତା ମୁଖ୍ୟାଳୟଭିତ୍ତିକ କମ୍ପାନୀର ଏହି ଆଇପିଓର ୫୪୨ କୋଟି ଟଙ୍କାର ନୂତନ ଇକ୍ୱିଟି ଇସ୍ୟୁ ଏବଂ ପ୍ରମୋଟରମାନଙ୍କ ପକ୍ଷରୁ ୨୦୦ କୋଟି ଟଙ୍କାର ଅଫର୍ ଫର୍ ସେଲ୍ ରହିଛି। ଅଫର୍ ଫର୍ ସେଲ୍ ଅନ୍ତର୍ଗତ ଦୀପକ ଗୋଏଲ, ରାଖୀ ଗୋଏଲ୍ ଏବଂ ଦେବେଶ ଗୋଏଲ୍ କ୍ରମଶଃ ୧୧୨.୫ କୋଟି ଟଙ୍କା, ୨୫ କୋଟି ଟଙ୍କା ଏବଂ ୬୨.୫ କୋଟି ଟଙ୍କା ମୂଲ୍ୟର ଇକ୍ୱିଟି ଶେୟର ବିକ୍ରୟ କରିବେ। ନୂତନ ଇସ୍ୟୁରୁ ମିଳୁଥିବା ନେଟ୍ ରାଶିରୁ ୪୯୦ କୋଟି ଟଙ୍କା ଋଣର ପୂର୍ବ ପରିଶୋଧ କିମ୍ବା ପରିଶୋଧନ ଏବଂ ଅବଶିଷ୍ଟ ରାଶି ସାଧାରଣ କର୍ପୋରେଟ୍ ଉଦ୍ଦେଶ୍ୟରେ ବ୍ୟୟ କରାଯିବ। କମ୍ପାନୀ ମାନୁଫାକ୍ଚରିଂ ଏବଂ ଇପିସି -ଏହି ଦୁଇଟି ପ୍ରମୁଖ ବ୍ୟବସାୟ ଖଣ୍ଡରେ କାର୍ଯ୍ୟରତ। ଏହା ଯୁକ୍ତରାଷ୍ଟ୍ର ଭିତ୍ତିକ ଟିଏସ କଣ୍ଡକ୍ଟରର ଲାଇସେନ୍ସପ୍ରାପ୍ତ ଷ୍ଟ୍ରାଣ୍ଡିଂ ସହଯୋଗୀ। ଏହି ସହଯୋଗିତା ମାଧ୍ୟମରେ କମ୍ପାନୀ ଉନ୍ନତ କ୍ଷମତାସମ୍ପନ୍ନ କଣ୍ଡକ୍ଟର୍ ଦଶେରେ ନିର୍ମାଣ କରୁଛି, ଯାହା ଆମଦାନୀ ଉପରେ ନିର୍ଭରଶୀଳତା କମାଏ ଏବଂ ଅଧିକ କ୍ଷମତାସମ୍ପନ୍ନ ବିଦ୍ୟୁତ ପରିବହନ ସମାଧାନ ଯୋଗାଇଥାଏ। ପଶ୍ଚିମବଙ୍ଗର ଧୁଲାଗଡ଼ରେ ଦୁଇଟି ଏବଂ ଖଡ଼ଗପୁରରେ ଗୋଟିଏ ସହିତ କମ୍ପାନୀର ମୋଟ ତିନୋଟି ଉତ୍ପାଦନ କାରଖାନା ରହିଛି। ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସେଗୁଡ଼ିକର ମିଳିତ ବାର୍ଷିକ ଉତ୍ପାଦନ କ୍ଷମତା ୮୫,୪୪୮ ମେଟ୍ରିକ୍ ଟନ୍। ୨୦୨୫-୨୬ ଆର୍ଥିକ ବର୍ଷରେ କମ୍ପାନୀର କାର୍ଯ୍ୟରୁ ଆୟ ୨,୩୨୬ କୋଟି ଟଙ୍କା ଏବଂ କର ପରବର୍ତ୍ତୀ ଲାଭ ୧୫୧ କୋଟି ଟଙ୍କା ରହିଥିଲା। ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା କମ୍ପାନୀର ଅର୍ଡର ବୁକ୍ ୩,୨୪୩ କୋଟି ଟଙ୍କା ଥିଲା। କମ୍ପାନୀର ଗ୍ରାହକମାନଙ୍କ ମଧ୍ୟରେ ଭାରତୀୟ ରେଳ, ଟିପିସିଓଡ଼ିଏଲ, ଟିପିଡବ୍ଲୁଓଡ଼ିଏଲ, ଟିପିଏସଓଡ଼ିଏଲ, ଟିପିଏନଓଡ଼ିଏଲ ସହିତ ମୋଣ୍ଟେକାରଲୋ ଲିମିଟେଡ୍ ଏବଂ କେଆରଉଆଇଏଫଏସ ପାୱାର କମ୍ପୋନେଣ୍ଟ ଲିମିଟେଡ୍ ପରି ବେସରକାରି ଇପିସି କମ୍ପାନୀ ଅନ୍ତର୍ଭୁକ୍ତ। କ୍ରିଜିଲର ଆକଳନ ଅନୁଯାୟୀ, ଭିତ୍ତିଭୂମି ବିକାଶ, ନିର୍ମାଣ କାର୍ଯ୍ୟର ବୃଦ୍ଧି, ଡିଜିଟାଲ୍ ସଂଯୋଗ, ରେଳ ବିଦ୍ୟୁତୀକରଣ, ସ୍ମାର୍ଟ ଗ୍ରିଡ୍ରେ ବିନିଯୋଗ ଏବଂ ରପ୍ତାନି ଚାହିଦା ଯୋଗୁଁ ୨୦୨୫ର ୧,୪୦୮ ବିଲିୟନ୍ ଟଙ୍କାରୁ ୨୦୩୦ ସୁଦ୍ଧା ଭାରତର କେବୁଲ୍ ଏବଂ ୱାୟାର୍ ବଜାର ୨,୫୫୦ ବିଲିୟନ ଟଙ୍କାକୁ ପହଞ୍ଚିବ ବୋଲି ଆଶା କରାଯାଉଛି।

## ୭୭ତମ ବନଖଣ୍ଡ ସ୍ତରୀୟ ବନ ମହୋତ୍ସବ ପାଳନ



**କୁଚିଣ୍ଡା,୦୬।୦୭(ନି.ପ୍ର.):** ବନ ମହୋତ୍ସବ ସପ୍ତାହ ଅବସରରେ ବାମରା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ୫ ଜୁଲାଇ ୨୦୨୬ ତାରିଖରେ ଲାଇଡ଼ାଗୁଣା ପି.ଆରଏଫ୍. (ଫଟାଟାଙ୍ଗର) ଠାରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ,ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗର ମାନ୍ୟବର ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ପରିବେଶ ସୁରକ୍ଷା ସହିତ ବନୀକରଣ ର ଆବଶ୍ୟକତା ଉପରେ ଉଦବୋଧନ ଦେଇଥିଲେ।ଉକ୍ତ କାର୍ଯ୍ୟକ୍ରମରେ ଆର.ସି.ସି.ଏଫ୍, ସମ୍ବଲପୁର ସର୍କଲ,କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସ,ବାମରା ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍ଓ ବିକ୍ରମ ଦେବ ପଟ୍ଟନାୟକ,କେନ୍ଦୁପତ୍ର ବନଖଣ୍ଡର ଡିଏଫ୍ଓ,କୁଚିଣ୍ଡା ଏସ୍.ଡି.ପି.ଓ. ପ୍ରଦିପ କୁମାର ଦାଶ,ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ,ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟରାଜ କିଷାନ,କୁଚିଣ୍ଡା ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରମୋଦ କୁମାର ସ୍ୱାଇଁ,ଏନସିସି ପ୍ରୋଗ୍ରାମ ଅଫିସର ରୋଶନ କୁଲ୍ଲୁ,ଖୁର୍ସିଦଆରା ବେଗମ, କାହ୍ନୁଚରଣ ମୁନ୍ନା,ରେଡକ୍ରସ୍ କୋଡିନେଟର୍ ସୁଷମା କର, ଭିକାରୀ ଓରାମ,ଡ଼ ଦିଲ୍ଲିପ କୁମାର ନନ୍ଦ ପ୍ରମୁଖ ସାମିଲ ହୋଇଥିବାବେଳେ, ଏନ୍ ସିସି,ଏନ୍ଏସ୍ଏସ୍ ଏବଂ ରେଡକ୍ରସ୍ ର ସମସ୍ତ ସ୍ୱେଚ୍ଛାସେବୀ ଙ୍କ ସମେତ ଅନେକ ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ।

## ବେଦାନ୍ତ ଆଲୁମିନିୟମ୍ ଝାରସୁଗୁଡାରେ ପ୍ଲାଂଟ ମକ୍ ଡ୍ରିଲ୍ ମାଧ୍ୟମରେ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିଛି

**ଝାରସୁଗୁଡା, ୬।୭ (ନି.ପ୍ର):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଏହାର ଦୃଢ଼ ସୁରକ୍ଷା ପରିଚାଳନା ଢାଂଚାର ଅଂଶ ଭାବରେ, ଝାରସୁଗୁଡାରେ ଏହାର ପାୱାର ପ୍ଲାଂଟ କାର୍ଯ୍ୟ ମଧ୍ୟରେ ଅବସ୍ଥିତ ହାଇଡ୍ରୋଜେନ୍ ପ୍ଲାଂଟରେ ଏକ ବ୍ୟାପକ ଅନସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଆୟୋଜନ କରିଥିଲା। ନିୟମିତ ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟରେ ଘଟୁଥିବା ହାଇଡ୍ରୋଜେନ୍ ଗ୍ୟାସ୍ ଲିକେଜ୍ ର ପରିସ୍ଥିତିକୁ ସିମୁଲେଟ୍ କରି, ପ୍ଲାଂଟର ଜରୁରୀକାଳୀନ ପ୍ରତିକ୍ରିୟା ପ୍ରୋଟୋକଲ୍, ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ନିୟନ୍ତ୍ରିତ ପରିସ୍ଥିତିରେ କାର୍ଯ୍ୟକ୍ଷମ ପ୍ରସ୍ତୁତିକୁ ପରୀକ୍ଷା କରିଥିଲା।

ଜରୁରୀକାଳୀନ ଅଭ୍ୟାସ ଏକ ସିମୁଲେଟ୍ ହାଇଡ୍ରୋଜେନ୍ ଲିକ୍ ଏବଂ ଟେକ୍ନିସିଆନ୍ ଆଘାତ ପରିସ୍ଥିତି ମାଧ୍ୟମରେ ପ୍ରତିକ୍ରିୟା ଦଳଗୁଡ଼ିକର ପ୍ରସ୍ତୁତିକୁ ପରୀକ୍ଷା କରିଥିଲା। ଜରୁରୀକାଳୀନ କର୍ମଚାରୀମାନେ ସିମୁଲେଟ୍ ହୋଇଥିବା ଘଟଣାକୁ ଧାରଣ କରିବା ଏବଂ ଏହାକୁ 'ସମସ୍ତ ସ୍ୱଚ୍ଛ' ଘୋଷଣା କରିବା ପୂର୍ବରୁ ଅଂଚଳକୁ ସୁରକ୍ଷିତ ରଖିବା ପାଇଁ ସୁରକ୍ଷା ଗିଅର୍ ଏବଂ ଅଗ୍ନି ନିର୍ବାପନ ଉପକରଣ ବ୍ୟବହାର କରି ତୁରନ୍ତ ପ୍ରତିକ୍ରିୟା ଦେଇଥିଲେ। ବେଦାନ୍ତ ଆଲୁମିନିୟମ ଏବଂ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ଏହି ଅଭ୍ୟାସ ଦେଖାଯାଇଥିଲା, ଯେଉଁଥିରେ ସମ୍ବଲପୁର ଡିଭିଜନର ଫ୍ୟାକ୍ଟ୍ରିଜ୍ ଏବଂ ବଏଲର୍ସର ଉପ ନିର୍ଦ୍ଦେଶକ ସ୍ୱରୂପ ଜେନା; ଝାରସୁଗୁଡା ଜୋନର ଫ୍ୟାକ୍ଟ୍ରିଜ୍ ଆଣ୍ଡ୍ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ, ଜିଲ୍ଲା ପ୍ରୋଜେକ୍ଟ ଅଫିସର୍ ଓଏସଡିଏମଏଣ୍ଡ ସି. ଲାକ୍ରା, ଅଗ୍ନିଶମ ଅଧିକାରୀ, ଝାରସୁଗୁଡା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ପଦକ୍ଷେପ ବିଷୟରେ ନିଜର ମତାମତ ଦେଇ ବେଦାନ୍ତ ଆଲୁମିନିୟମ - ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, 'ସୁରକ୍ଷା ହେଉଛି ମୂଳଦୁଆ ଯାହା ଉପରେ ଆମର କାର୍ଯ୍ୟକ୍ଷମ ଉତ୍କର୍ଷତା ନିର୍ମିତ। ନିୟମିତ ଜରୁରୀକାଳୀନ ପ୍ରସ୍ତୁତି ଅଭ୍ୟାସ ଆମକୁ ଆମର ସୁରକ୍ଷା ବ୍ୟବସ୍ଥାର ମୂଲ୍ୟାଙ୍କନ ପ୍ରତିକ୍ରିୟା କ୍ଷମତାକୁ ମଜବୁତ ଏବଂ ଏକ ସଂସ୍କୃତିକୁ ସକ୍ଷମ କରିଥାଏ ଯେଉଁଠାରେ ପ୍ରତ୍ୟେକ କର୍ମଚାରୀ ଜଟିଳ ପରିସ୍ଥିତିରେ ଆତ୍ମବିଶ୍ୱାସର ସହିତ ପ୍ରତିକ୍ରିୟା ଦେବା ପାଇଁ ସଜ୍ଜିତ ହୁଅନ୍ତି। ଏହିପରି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷମ ଅଖଣ୍ଡତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖି ଆମର ଲୋକଙ୍କୁ, ଆମର ସମ୍ପତି ଏବଂ ଆମ ଚାରିପାଖରେ ଥିବା ସମ୍ପ୍ରଦାୟକୁ ସୁରକ୍ଷା ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମ୍ବଲପୁର ଡିଭିଜନର ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସର ଉପ ନିର୍ଦ୍ଦେଶକ ସ୍ୱରୂପ ଜେନା କହିଛନ୍ତି, 'ମକ୍ ଡ୍ରିଲ୍ ସିମୁଲେଟେଡ୍ ଜରୁରୀକାଳୀନ ପରିସ୍ଥିତିରେ ଶିଳ୍ପ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ତନ୍ତ୍ରର ମୂଲ୍ୟାଙ୍କନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ। ବେଦାନ୍ତ ଆଲୁମିନିୟମର କାର୍ଯ୍ୟରେ ଆୟୋଜିତ ଅଭ୍ୟାସ ଦଳଗୁଡ଼ିକ ମଧ୍ୟରେ ଦୃଢ଼ ସମନ୍ୱୟ ଏବଂ ପ୍ରତିଷ୍ଠିତ ସୁରକ୍ଷା ପ୍ରକ୍ରିୟା ପାଳନ ପ୍ରଦର୍ଶନ କରିଥିଲା। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ସଂଗଠନଗୁଡ଼ିକ ସେମାନଙ୍କର ସାମଗ୍ରିକ ସୁରକ୍ଷା ସଂସ୍କୃତିକୁ ମଜବୁତ କରୁଛନ୍ତି। ଜରୁରୀକାଳୀନ ମକ୍ ଡ୍ରିଲ୍ ବେଦାନ୍ତ ଆଲୁମିନିୟମର ସୁରକ୍ଷା ପରିଚାଳନା ଢାଂଚାର ଏକ ଅବିଚ୍ଛେଦ୍ୟ ଅଂଶ ଗଠନ କରିଛି ଏବଂ ବିଭିନ୍ନ ପ୍ରକାରର ଜରୁରୀକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ଏହାର କାର୍ଯ୍ୟଗୁଡ଼ିକରେ ସମୟ ସମୟରେ ପରିଚାଳନା କରାଯାଏ। ବିଶ୍ୱର ଦ୍ୱିତୀୟ ସର୍ବବୃହତ ଆଲୁମିନିୟମ ପ୍ଲାଂଟ, ଝାରସୁଗୁଡାର ବେଦାନ୍ତ ଆଲୁମିନିୟମରେ, ଏହି ଅଭ୍ୟାସଗୁଡ଼ିକ ନିର'ର ସୁରକ୍ଷା ତାଲିମ, ଆଚରଣ-ଆଧାରିତ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆର ଏଫ), ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ) ଏବଂ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ, ଓଡ଼ିଶା ସହିତ ନିୟମିତ ସହଯୋଗ ଦ୍ୱାରା ପରିପୂରକ। ଏକତ୍ର, ଏହି ପଦକ୍ଷେପଗୁଡ଼ିକ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ମଜବୁତ କରିବାରେ, ବୈଧାନିକ ଅନୁପାଳନକୁ ମଜବୁତ କରିବାରେ ଏବଂ ଏକ ଶୂନ୍ୟ କ୍ଷତିକାରକ କାର୍ଯ୍ୟକ୍ଷେତ୍ର ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ।



## ରିଜିଓନାଲ ଏଆଇଏମ ସମ୍ବାଦ-ଇଷ୍ଟ ଚାପ୍ଟର ଆୟୋଜିତ

**ଭୁବନେଶ୍ୱର, ୬।୭ (ନି.ପ୍ର) :** ଭୁବନେଶ୍ୱରର ଓ-ହବ୍ଠାରେ ଗତ ଜୁଲାଇ ୩ ତାରିଖରେ ଅଟଳ ଇନୋଭେଶନ ମିଶନ (ଏଆଇଏମ), ନିତି ଆୟୋଗ, ଭାରତ ସରକାରଙ୍କ ପକ୍ଷରୁ ଏକ ପ୍ରମୁଖ ଅଭିଯାନ ରିଜିଓନାଲ ଏଆଇଏମ ସମ୍ବାଦ-ଇଷ୍ଟ ଚାପ୍ଟର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବ ଭାରତର ଉଦ୍ଭାବନ ଓ ଉଦ୍ୟୋଗିକତା କ୍ଷେତ୍ରର ହିତାଧିକାରୀଙ୍କୁ ଏକତ୍ରିତ କରିପାରିଛି। ଏହାର ଉଦ୍ଘାଟନୀ ଅଧିବେଶନରେ ଓଡିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଆଇଏଏସ ଶ୍ରୀମତି ଚିତ୍ରା ଅରୁମୁଗମ୍ ଯୋଗଦେଇ ମୁଖ୍ୟ ଅଭିଭାଷଣରେ ଭାରତର ଉଦ୍ଭାବନ କ୍ଷେତ୍ରରେ ପୂର୍ବାଂଚଳର ବର୍ଦ୍ଧିତ ମହତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଷ୍ଟାର୍ଟଅପ ଇକୋସିଷ୍ଟମକୁ ମଜବୁତ କରିବା ଏବଂ ରାଜ୍ୟରେ ଉଦ୍ଭାବନ-ଭିତ୍ତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସହଭାଗୀ ଇକୋସିଷ୍ଟମ, ଆନୁଷ୍ଠାନିକ ସହଭାଗିତା ଓ ନୀତି-ଚାଳିତ ହସ୍ତକ୍ଷେପର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉଦ୍ଘାଟନୀ ସମାରୋହରେ ଅଟଳ ଇନୋଭେଶନ ମିଶନର ପ୍ରୋଗ୍ରାମ ଡାଇରେକ୍ଟର ପ୍ରମିତ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏଆଇଏମର ମିଶନ ଡାଇରେକ୍ଟର ଡଃ ଦୀପକ ବାଗ୍ଲା ଏକ ଭର୍ଚୁଆଲ ବାର୍ତ୍ତା ମାଧ୍ୟମରେ ମଜବୁତ ଆଂଚଳିକ ଉଦ୍ଭାବନ କ୍ଷେତ୍ରକୁ ବିକଶିତ କରିବା ଏବଂ ବ୍ୟାପକ ସ୍ତରରେ ଉଦ୍ୟୋଗିକତାକୁ ପ୍ରୋତ୍ସାହିତ କରିବା ଦିଗରେ ଏଆଇଏମର ଦୃଷ୍ଟିକୋଣ ବାଂଟିଥିଲେ। ସମ୍ମିଳନୀର ଏକ ପ୍ରମୁଖ ହାଇଲାଇଟ ଥିଲା ଏଆଇଏମ ଓଡିଶା ଚାପ୍ଟରର ଶୁଭାରମ୍ଭ, ଯାହା ଇକୋସିଷ୍ଟମ ସଂଯୋଗକୁ ଶକ୍ତିଶାଳୀ କରିବା ଏବଂ ରାଜ୍ୟରେ ଉନ୍ନତ ସହଭାଗିତାକୁ ସକ୍ଷମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି। ଏହି ଇଭେଂଟରେ ପୂର୍ବ ଭାରତର ଷ୍ଟାର୍ଟଅପ, ଇନ୍କ୍ୟୁବେଟର, ଏକାଡେମିକ ଇନଷ୍ଟିଚ୍ୟୁଶନ, ଶିଳ୍ପ ପ୍ରତିନିଧି, ନୀତିନିର୍ମାତା ଓ ଇକୋସିଷ୍ଟମ ସକ୍ଷମକାରୀଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପାର୍ଟନର ଇନ୍କ୍ୟୁବେଟରଙ୍କ ମଧ୍ୟରେ ଓଡିଶା, ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ଅଟଳ ଇନ୍କ୍ୟୁବେଶନ ସେଂଟର (ଏଆଇସି) ଓ ଅଟଳ କମ୍ୟୁନିଟି ଇନୋଭେଶନ ସେଂଟର (ଏସିଆଇସି)ଗୁଡିକ ସାମିଲ ଥିଲେ ଯିଏକି ପୂର୍ବାଂଚଳରେ ଉଦ୍ଭାବନ ଓ ଉଦ୍ୟୋଗିକତାକୁ ଶକ୍ତିଶାଳୀ କରିବା ଦିଗରେ ସାମୂହିକ ଯୋଗଦାନ ଦେଉଛନ୍ତି। ଏହି ଦିନିକିଆ ସମ୍ମିଳନୀରେ 'ପୂର୍ବୋଦୟ-ବିଲ୍ଡିଂ ଆନ ଇକୋସିଷ୍ଟମ ଫର ସନ୍ରାଇଜ ସେକ୍ଟର୍ସ' ଅଧିନରେ ନୀତି ବିବରଣୀ, ଶିଳ୍ପ ଆଲୋଚନା, ଇକୋସିଷ୍ଟମ ସମୂହ ଓ ପ୍ରାସଙ୍ଗିକ ଉପସ୍ଥାପନା ଅ'ଭୁକ୍ତ ଥିଲା। ଏଭଳି ପଦକ୍ଷେପଗୁଡିକ ଉତ୍ସାହପୂର୍ଣ୍ଣ ଉଦ୍ଭାବନ ଇକୋସିଷ୍ଟମ ବିକଶିତ କରିବା ଏବଂ ଦେଶର ଷ୍ଟାର୍ଟଅପ, ଉଦ୍ଭାବକ ଓ ଉଦ୍ୟୋଗୀଙ୍କ ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା ଦିଗରେ ଏଆଇଏମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

# ଜେଏସ ଡବ୍ଲୁ / ପୋସ୍କୋ ପ୍ରେମରେ ରାଜ୍ୟ ସରକାର, ଆଦିବାସୀଙ୍କ ସ୍ୱାର୍ଥ ପଦଦଳିତ - ଯୁବ କଂଗ୍ରେସ

ଭୁବନେଶ୍ୱର ୬।୭(ନି.ପ୍ର.): : ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଯୁବ କଂଗ୍ରେ ସଭାପତି ରଞ୍ଜିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ ଯେ ଶିଳ୍ପାୟନ ନାମରେ ମୋହନ ସରକାର ଆଦିବାସୀ, ଦଳିତ, ଓବିସି ଓ ବନବାସୀ ମାନଙ୍କର ସର୍ବସ୍ୱାନ୍ତ କରିବାକୁ ଚକ୍ରାନ୍ତ କରିଛନ୍ତି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିକାଶ ତ ହେଉନାହିଁ କି ସେମାନଙ୍କର ସମସ୍ୟାର ସମାଧାନ ହେଉନାହିଁ, ମାତ୍ର ସେ ଅଞ୍ଚଳରେ ଦ୍ରୁତ ଖଣି ଖନନ ଓ ଶିଳ୍ପାୟନ କରି ସେମାନଙ୍କର ଜୀବିକା, ପୈତୃକ ସମ୍ପତ୍ତି ବାସସ୍ଥାନ ସେମାନଙ୍କ ଠାରୁ ଜୋର ଜବରଦସ୍ତ ଛଡ଼ାଇ ନିଆଯାଉଛି। ସେମାନଙ୍କୁ ଅମାନୁଷିକ ଆକ୍ରମଣ କରି ଲହୁଲୁହାଣ କରାଯାଉଛି, ହତ୍ୟା କରାଯାଉଛି ଓ ସେମାନଙ୍କ ନାମରେ ମିଥ୍ୟା ମୋକଦ୍ଦମା ଜୋଡ଼ି ଦିଆଯାଉଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଦିବାସୀ ଏବଂ ଓଡ଼ିଶାର ଆଦିବାସୀ ମହିଳା ଭାରତର ରାଷ୍ଟ୍ରପତି ହୋଇଥିଲେ ବି ଓଡ଼ିଶାର ଆଦିବାସୀ ଓ ବନବାସୀ ସବୁଠାରୁ ଲୁଣ୍ଠିତ ଓ ଅତ୍ୟାଚାରିତ। ଆମେ ଏଠି କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକରେ କିପରି ଆଦିବାସୀ, ଦଳିତ ଓ ବନବାସୀଙ୍କୁ ଶିଳ୍ପାୟନ ନାମରେ ଅତ୍ୟାଚାର କରାଯାଉଛି ତାର ଚିତ୍ର ପ୍ରଦାନ କରୁଛୁ। ପୂର୍ବ ସରକାରରେ ପାଟଣା ବ୍ଲକରେ ମିତଲ ଷ୍ଟିଲପ୍ଲାଣ୍ଟ ସ୍ଥାପନ ହେବାପାଇଁ ସମସ୍ତ ବ୍ୟବସ୍ଥା କରୁଥିବା ସତ୍ୱେ ପାଟଣା ଓ କେନ୍ଦୁଝର ଜିଲ୍ଲାରଲୋକଙ୍କ ଦୃଢ଼ ପ୍ରତିବାଦ ଯୋଗୁଁ ମିତଲ ୨୦୧୩ ମସିହାରେ ତାର ନିଷ୍ପତ୍ତିରୁ ଓହରି ଯାଇଥିଲା। ମାତ୍ର ଏବେ ମୋହନ ସରକାର ପାଟଣା ବ୍ଲକର ଯମୁନାପସି ଓ ଚେମଣା ପଞ୍ଚାୟତର ୧୪୬୫ ଏକର ୯୨ ଡିସିମିଲ ଜାଗା ନେଇ ଜେଏସଡବ୍ଲୁ /ପସ୍କୋ ର ଷ୍ଟିଲପ୍ଲାଣ୍ଟ ସ୍ଥାପନ କରିବାପାଇଁ ଯୋଜନା କରିଛି। ଏବେ ଶୁଣିବାକୁ ମିଳୁଛି ସେହି ଅଞ୍ଚଳର ୯୯ ଏକର ଜମି ସରକାର ଆମ ଅଜଣାତରେ କାଗଜପତ୍ରରେ କମ୍ପାନୀକୁ ଦେଇ ସାରିଲେଣି। ଯେଉଁ ଦୁଇଟି ପଞ୍ଚାୟତକୁ ନେଇ ଏହି କମ୍ପାନୀ ପ୍ରତିଷ୍ଠା ହେବ ସେଠାରେ ପାଖାପାଖି ୧୫ ହଜାର ଅଧିବାସୀ ପ୍ରଭାବିତ ହେବେ। ସଠିକ ଭାବେ ଗ୍ରାମସଭା କରାଯାଉ ନାହିଁ। ସେଠିକାର ଅଧିବାସୀମାନଙ୍କର ସ୍ୱାର୍ଥ ଓ ଅଧିକାରକୁ ପଦଦଳିତ କରି କମ୍ପାନୀ ପ୍ରତିଷ୍ଠା କରିବାପାଇଁ ସିଦ୍ଧାନ୍ତ କରାଯାଇଛି।

ଏହି ପ୍ରତିପ୍ରେକ୍ଷୀରେ ପିସିସି ସାଧାରଣ ସମ୍ପାଦକ ଯାସିର ନୱାଜ କହିଲେ ଯେ -ମୋହନ ସରକାରରେ ଆଦିବାସୀମାନେ ସବୁଠାରୁ ଅଧିକ ଅତ୍ୟାଚାରିତ ହେଉଛନ୍ତି। ପାଟଣାଗଡ଼ ବ୍ଲକର ଯମୁନାପସି ପଞ୍ଚାୟତର ଯମୁନାପସି, କୋଡ଼ଖମଣ, ଗୋଡ଼ି ପୋଖରୀ, ବରୁନିପସି ଏବଂ ଚେମଣା ପଞ୍ଚାୟତର ଅଙ୍ଗିକଳା, ଚିଲିନ୍ଦା, ରେଙ୍ଗାଲବେଡ୍ଡା, ଚେମଣା, ବାରଡାଙ୍ଗୁଆ, ଧର୍ମୁଞ୍ଜୟପୁର, ଭୃଙ୍ଗରାଜପସି, ବଳିଆପସି ପ୍ରଭୃତି ୧୨ଟି ଗ୍ରାମ ଏହି କମ୍ପାନୀ ହେଲେ ମରୁଭୂମିରେ ପରିଣତ ହେବ। ଏହି କମ୍ପାନୀ ପ୍ରତିଷ୍ଠା ହେଲେ ଗ୍ରାମ୍ୟ ଜଙ୍ଗଲ, ଜଳାଶୟ, ଜଙ୍ଗଲ, ଝରଣା, ସ୍ମଶାନ, ଗୋଚର, ଖେଳପଡ଼ିଆ, ମନ୍ଦିର ଓ ଗ୍ରାମ୍ୟ ଠାକୁରାଣୀ ପ୍ରଭୃତି ଧ୍ୱଂସ ହୋଇଯିବ। ବିଶେଷ କରି ଏଠିକାର ସୁନ୍ଦର ପରିବେଶ, ଉର୍ବର ଚାଷଜମି, ଘରବାଡ଼ି ଓ ଲୋକଙ୍କର ଜୀବିକା, ପରମ୍ପରା ଓ ସ୍ୱାଭିମାନ, ଧର୍ମୀୟ ଅନୁଷ୍ଠାନ ଓ ଭାବନ ସବୁକିଛି କମ୍ପାନୀ ଛଡ଼େଇ ନେବ ଏବଂ ଧ୍ୱଂସ କରିଦେବ।

# ଦୈନିକ ଚାଲିବ ବ୍ରହ୍ମପୁର-ଉଧ୍ନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ, ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ

### ଗୁଜୁରାଟ ସହ ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଆହୁରି ନିବିଡ଼ ହେବ- ମୁଖ୍ୟମନ୍ତ୍ରୀ

### ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ କରିବା ପାଇଁ ଖର୍ଚ୍ଚ ହେବ ୩୦୦ କୋଟି - ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର ୬।୭(ନି.ପ୍ର.): ଓଡ଼ିଶାର ବିକାଶ ଯାତ୍ରାରେ ଆଜି ଏକ ନୂତନ ଫର୍ଦ୍ଧ ଯୋଡ଼ି ହୋଇଯାଇଛି। ରେଶମ ସହର ବ୍ରହ୍ମପୁରରୁ ବାହାରି ପଶ୍ଚିମ ଓଡ଼ିଶା ଦେଇ ଗୁଜୁରାଟର ଉଧ୍ନା (ସୁରଟ) ପର୍ଯ୍ୟନ୍ତ ଚାଲୁଥିବା ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଆଜିଠାରୁ ନୈନିକ ଟ୍ରେନ ରୂପେ ନିଜର ଯାତ୍ରା ଆରମ୍ଭ କରିଛି।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀ, ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏହାକୁ ଓଡ଼ିଶାର ବିକାଶ ଲାଗି ଏକ ଐତିହାସିକ ଦିନ ବୋଲି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁରଟ ସହ ଓଡ଼ିଶାର ଭାବଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଅତି ନିବିଡ଼। ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ ଓ ବ୍ୟବସାୟୀ ଭାଇମାନେ ସୁରଟରେ ରହି ସେଠାକାର ଟେକ୍ସଟାଇଲ ଓ ଡାଇମଣ୍ଡ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

ପୂର୍ବରୁ ସାପ୍ତାହିକ ଟ୍ରେନ ଯୋଗୁ ଯାତାୟତରେ ଅନେକ ଅସୁବିଧା ହେଉଥିଲା। ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଏହି ସେବାକୁ ନୈନିକ କରିଥିବାରୁ, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ଟ୍ରେନ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଭାଇଭଉଣୀଙ୍କ ପାଇଁ ନିରାପଦ, ଶସ୍ତା ଓ ଦ୍ରୁତ ଯାତ୍ରାର ସୁବିଧା ପ୍ରଦାନ କରିବ। ଏହାଦ୍ୱାରା ଗୁଜୁରାଟ ସହ ଓଡିଶାର ସମ୍ପର୍କ ଆହୁରି ନିବିଡ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଭିତ୍ତିଭୂମି ଓ ଅର୍ଥନୈତିକ ପ୍ରଗତି ଉପରେ ଆଲୋକପାତ କରି କହିଛନ୍ତି ଯେ ଗତ ଦୁଇ ବର୍ଷ ମଧ୍ୟରେ ୩.୧୧ ଲକ୍ଷ



କୋଟି ଟଙ୍କାର ୧୫୨ଟି ଶିଳ୍ପ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ସହ ଆଗାମୀ ଦିନରେ ବାହୁଦା ଠାରେ ଏକ ବୃହତ୍ ବନ୍ଦର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁର ସହରକୁ 'ଗ୍ରେଟର ବ୍ରହ୍ମପୁର ସିଟି' ଭାବେ ବିକଶିତ କରିବା ସହ ବ୍ରହ୍ମପୁର-ଜୟପୁରକୁ ସଂଯୋଗ କରୁଥିବା ଏକ ୬-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

କେନ୍ଦ୍ର ରେଳ, ଇଲୋକ୍ଟ୍ରୋନିକ୍ସ ଓ ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଅତୀତରେ ସୁରଟ ଠାରେ ଗୋଟିଏ ସଭାରେ ଯୋଗଦେଇଥିବା ଅବସରରେ ସୁରଟରୁ ବ୍ରହ୍ମପୁର ଯାଏ ନିୟମିତ ରେଳ ଚଳାଚଳ ପାଇ ଯେଉଁ ଅନୁରୋଧ କରାଯାଇଥିଲା, ଆଜି ତାହା ପୂରଣ କରାଯାଇଛି । ବର୍ତ୍ତମାନ ସମୟର ଖବଷ୍ଠରଖ୍ଗଷ୍ଠ ଝରମଷଭକ୍ଷକ୍ଷଶଙ୍କ ର ଟ୍ରେନ୍ ଅମୃତ ଭାରତ ଏକ୍ସପ୍ରେସ ବର୍ତ୍ତମାନ ଠାରୁ ପ୍ରତିଦିନ ବ୍ରହ୍ମପୁରରୁ ସୁରଟ ଅଭିମୁଖେ ଚଳାଚଳ କରିବ । ସେ ଆହୁରି ଘୋଷଣା କରିଥିଲେ ଯେ ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ ରେଳ ଷ୍ଟେସନ କରିବା ପାଇ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଓ ଏହାର କାମ ଖୁବ୍ ଶୀଘ୍ର ଆରମ୍ଭ ହେବ । ଏହି ଶୁଭାରମ୍ଭ ଉତ୍ସବରେ ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁରର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସ୍କାର ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ, ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ୍ ଙ୍କ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକଗଣ, ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ପୂର୍ବ ତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଳବନ୍ଦି ସମସ୍ୟାକୁ ଦୂର କରିବାରେ ପୌର ପରିଷଦ ସମ୍ପୂର୍ଣ୍ଣ ଫେଲ- ନରସିଂହ



ବଲାଙ୍ଗିର,୬।୭(ନି.ପ୍ର.): ଅତ୍ୟଧିକ ବର୍ଷା ଯୋଗୁଁ ବଲାଙ୍ଗିର ର ତଳି ଅଂଚଳ ସହିତ ମୁଖ୍ୟ ରାସ୍ତା, ମନ୍ଦିର ଏ ସବୁ ଜଳବନ୍ଦିରେ ରହିବା ପ୍ରଥମ ଥର ପାଇଁ ହୋଇନାହିଁ । କ୍ରମାଗତ ଭାବେ ବର୍ଷ ବର୍ଷ ଧରି ଏ ସମାନ ସମସ୍ୟା ଉପୁଜୁଛି । ବର୍ଷା ପୂର୍ବରୁ ପ୍ରତ୍ୟେକ ବର୍ଷ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକ ବସେ କିନ୍ତୁ ଦୁଃଖର ବିଷୟ ଲୋକଙ୍କୁ ବର୍ଷାର ବିପ୍ୟାତ ରୁ ରକ୍ଷା କରିବା ପାଇଁ କୌଣସି ପ୍ରକାର ପ୍ରସ୍ତାବ ଉପରେ ଆଲୋଚନା ହୁଏନାହିଁ । ମୁଁ ବିଧାୟକ ଥିବା ବେଳେ ବାରମ୍ବାର ବଲାଙ୍ଗିର ର ସ୍ୱେରେଜ ସିଷ୍ଟମ ପାଇଁ ସରକାରଙ୍କ ଆଗରେ ୫୦୦ କୋଟି ଟଙ୍କାର ଦାବି କରିଛି କିନ୍ତୁ ପୂର୍ବ ସରକାର ଏ ସବୁ କୁ ହେୟଜ୍ଞାନ କରିଛନ୍ତି । ଏ ବର୍ଷ ବୈଠକରେ ମଧ ଜଳବନ୍ଦି ସମସ୍ୟାରୁ ମୁକୁଳିବା ପାଇଁ ଦରକାର ହେଉଥିବା ପୌର ପରିଷଦ, ପୂର୍ତ୍ତ ବିଭାଗ ଓ ଏନ୍ଏଚ୍ ବିଭାଗ ମଧ୍ୟରେ ଏହାର ପ୍ରସ୍ତୁତି ଓ ପ୍ରତିଷେଧକ ପାଇଁ କୌଣସି ପ୍ରକାର ସମନ୍ୱୟ ବୈଠକ ହୋଇନାହିଁ । ଏଥି ପାଇଁ ଦାୟୀ କିଏ କେବଳ ଗୋଟିଏ ବିଭାଗ ଅନ୍ୟ ବିଭାଗକୁ ଦୋଷ ଦେଇଦେଲେ ଲୋକଙ୍କ ଦୁଃଖ ଯିବ ନାହିଁ ତେଣୁ ପୌର ପରିଷଦର ଦାୟିତ୍ୱ ପୂର୍ତ୍ତ ଓ ଏନ୍ଏଚ୍ ବିଭାଗକୁ ନେଇ ତିନି ମାସ ପୂର୍ବରୁ ଏହାର ପ୍ରତିଷେଧକ ପାଇଁ ଆଲୋଚନା କରିବାର ଦରକାର ଥିଲା । କେବଳ ଲୋକେ ଦୁରଦ୍ଦଶା ଭୋଗିଲେ ଜେସିବି ମାଧ୍ୟମରେ ଜଳବନ୍ଦି ଏରିଆକୁ ନାଳ ଟିକିଏ କରିଦେଲେ ଲୋକଙ୍କର ଦୁଃଖ ଯିବ ନାହିଁ । ତେଣୁ ମୁଁ ନିଶ୍ଚିତ ଭାବରେ ଜିଲ୍ଲା ପ୍ରଶାସନ, ପୌର ପରିଷଦ ଅଧିକାରୀଙ୍କୁ କହିବି ଯେ ସାମୟିକ ବ୍ୟବସ୍ଥା କୁ ଅସ୍ତ୍ର ନ କରି ବର୍ଷା ଦିନରେ ଲୋକେ ଭୋଗୁଥିବା ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ ବୋଲି ଆଜି ବଲାଙ୍ଗିର ର ବର୍ଷା ବିପ୍ୟାତ ଅଂଚଳକୁ ଲୋକଙ୍କ ସମସ୍ୟା ବୁଝିବାକୁ ଯାଇ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟା ରେ କହିଛନ୍ତି । ଶ୍ରୀ ମିଶ୍ର ଆଜି ପୌରାଞ୍ଚଳର ୩ ନମ୍ବର ୱାର୍ଡର ଗୋଶାଳା ପଛପଟ ତଥା ୧୮ ନଂ. ୱାର୍ଡର ମ୍ୟୁନିସିପାଲିଟି କଲୋନି ଅଂଚଳକୁ ଯାଇ ଜଳବନ୍ଦି ସମସ୍ୟାରେ ଥିବା ଲୋକଙ୍କୁ ଭେଟିଥିଲେ । ସେମାନଙ୍କର ଅଭିଯୋଗ ଥିଲା ପ୍ରତ୍ୟେକ ବର୍ଷ ସେମାନେ ସମାନ ଅଭିଯୋଗ ଜିଲ୍ଲା ପ୍ରଶାସନ ତଥା ପୌର ପରିଷଦ କୁ ଜଣାଉଛନ୍ତି କିନ୍ତୁ କେହି କର୍ଣ୍ଣପାତ କରୁନାହାନ୍ତି । ବର୍ଷା ହେଲେ କେବଳ ଜେସିବି ରେ ଟିକିଏ ପାଣିକୁ ରାସ୍ତା ଦେଖାଇ ବାହା ବାହା ନେଉଛନ୍ତି ବୋଲି ପିଡିତ ଲୋକେ ଅଭିଯୋଗ କରିଥିଲେ । ସେମାନେ ଆହୁରି ମଧ କହିଥିଲେ ଯେ ରାସ୍ତା ତିଆରି କଲାବେଳେ ଯୋଜନାବଦ୍ଧ ଭାବରେ ଜଳସ୍ତରକୁ ଦେଖି ଡ୍ରେନ ତିଆରି କରୁନାହାନ୍ତି ଏପରିକି ମ୍ୟୁନିସିପାଲିଟି କଲୋନି ରେ ନା ରାସ୍ତା ଅଛି ନା ଡ୍ରେନ ଅଛି । ଗୋଶାଳା ପଛ ପଟେ ରହୁଥିବା ଲୋକେ ଡ୍ରେନ ନ ଥିବାରୁ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସମସ୍ତ ଅଂଚଳରୁ ପାଣି ଆସି ସେହି ଜାଗାରେ ଜମିବା ଦ୍ୱାରା ଲୋକଙ୍କର ନାହିଁ ନ ଥିବାର ଅସୁବିଧା ହେଉଛି । ଆହୁରି ମଧ ବିଜୁଳି ଖୁଣ୍ଟ ରେ ବତି ନ ଥିବାରୁ ଅସାମାଜିକ ଲୋକଙ୍କର ଦୈରାତ୍ମ୍ୟ ବଢୁଛି ବୋଲି ମହିଳାମାନେ ଅଭିଯୋଗ କରିଥିଲେ । ଉଭୟ ଅଂଚଳରେ ଅଭିଯୋଗ ଶୁଣିଲା ପରେ ଶ୍ରୀ ମିଶ୍ର ଜିଲ୍ଲା ପ୍ରଶାସନ ଓ ପୌର ଅଧିକାରୀଙ୍କ ସହ ଏହି ସମସ୍ୟାକୁ ନେଇ ନିଶ୍ଚିତ ଭାବରେ ଆଲୋଚନା କରିବେ ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ବର୍ଷା ପ୍ରଭାବିତ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ ।

# ଚିଠା ଭୋଟର ତାଲିକା ପ୍ରକାଶ ଅବସରରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ




ଅନୁଗୋଳ ୬।୭(ନି.ପ୍ର.): : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଝକ୍ତ୍ରରମସବକ୍ଷ ଓଭଷ୍ଠରଭଷ୍ଠସଙ୍ଗର ଜରଙ୍ଗସଷ୍ଠସକ୍ଟଭ-୨୦୨୬) କାର୍ଯ୍ୟକ୍ରମ ଅନ୍ତର୍ଗତ ଆଜି ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ପ୍ରତିନିଧିମାନଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ର ଉଦ୍ଦେଶ୍ୟ, ଚିଠା ଭୋଟର ତାଲିକା ପ୍ରକାଶ, ଦାବି ଓ ଆପରି ଆବେଦନର ସମୟସୀମା, ଭୋଟର ତାଲିକାରେ ନାମ ସଂଯୋଗ, ବିଲୋପ, ସଂଶୋଧନ ଓ ସ୍ଥାନାନ୍ତର ସମ୍ବନ୍ଧୀୟ ପ୍ରକ୍ରିୟା, ବୁଥ୍ ସ୍ତରୀୟ ଏଜେଣ୍ଟ (ଇଖଇ)ଙ୍କ ଭୂମିକା ଏବଂ ରାଜନୈତିକ ଦଳମାନଙ୍କ ସହଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଜିଲ୍ଲା ନିର୍ବାଚନ ଅଧିକାରୀ ଉପସ୍ଥିତ ପ୍ରତିନିଧୁମାନଙ୍କୁ ଚିଠା ଭୋଟର ତାଲିକାକୁ ଯତ୍ନର ସହ ଯାଞ୍ଚ କରି କୌଣସି ତ୍ରୁଟି, ଅଯୋଗ୍ୟ ନାମ କିମ୍ବା ବାଦ ପଡ଼ିଥିବା ଯୋଗ୍ୟ ମତଦାତାଙ୍କ ସମ୍ପର୍କରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପରି ଦାଖଲ କରିବାକୁ ଅନୁରୋଧ କରିଥିଲେ। ସମସ୍ତ ଦାବି ଓ ଆପରିକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସ୍ୱଚ୍ଛ ଓ ନିରପେକ୍ଷ ଭାବରେ ବିଚାର କରାଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ରାଜନୈତିକ ଦଳମାନଙ୍କୁ ଯୁବ ମତଦାତା, ମହିଳା, ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନିଜର ନାମ ଯାଞ୍ଚ କରିବା ସହ ଆବଶ୍ୟକସ୍ଥଳେ ଦାବି ଓ ଆପରି ଦାଖଲ କରିବା ପାଇଁ ସଚେତନ କରିବାକୁ ଆହ୍ୱାନ କରାଯାଇଥିଲା ଓ ପରିଶେଷରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ପ୍ରତିନିଧିଙ୍କୁ ଚିଠା ଭୋଟର ତାଲିକାର ମୁଦ୍ରିତ ବହି ପ୍ରଦାନ କରାଯାଇଥିଲା। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧାକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ, ଅନୁଗୋଳ ୬୧- ଅନୁଗୋଳ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅନୁଗୋଳ, ଡେପୁଟୀ କଲେକ୍ଟର (ନିର୍ବାଚନ) ଓ ଅନ୍ୟାନ୍ୟ ନିର୍ବାଚନ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆମେରିକାରେ ଓଡ଼ିଆ ପରମ୍ପରାକୁ ପ୍ରଶଂସା

## ୫୭ତମ 'ଓସା' ସମ୍ମିଳନୀରେ ଯୋଗଦେଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର,୬।୭(ନି.ପ୍ର.): : ଆମେରିକାରେ ଓଡ଼ିଆମାନେ ବସବାସ କରୁଥିଲେ ମଧ ଓଡ଼ିଆ ପରମ୍ପରାକୁ ଭୁଲିନାହାନ୍ତି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଆମେରିକାରେ ରହୁଥିଲେ ମଧ ବେଶ ଗୁରୁତ୍ୱ ଦେଉଥିବାରୁ




ଓଡ଼ିଶା ଆସୋସିଏସନ୍ ଇନ୍ ଆମେରିକା (ଓସା)କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଉଚ୍ଚ ପ୍ରଶଂସା କରିଛନ୍ତି। ଶନିବାର ମିନିଆପୋଲିସରେ ଓସାର ୫୭ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ଶ୍ରୀ ସାମନ୍ତ କହିଲେ, ଓସା ପକ୍ଷରୁ କରାଯାଇଥିବା ମିଳନ ପର୍ବ ବାସ୍ତବରେ ଏକ ବିରଳ ଅନୁଭୂତି। ଏହି ମୁହୂର୍ତ୍ତକୁ ଅନେକ ଓଡ଼ିଆ ଆମେରିକା ଓ ଓଡ଼ିଶାର ଲୋକମାନେ ଅପେକ୍ଷା କରିଥାନ୍ତି।

ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶାର ବିକାଶରେ ଏହି ସଂଗଠନର ଅବଦାନ ସହିତ ଓଡ଼ିଆ ପରିଚୟ ଏବଂ ସଂସ୍କୃତିକୁ ସଂରକ୍ଷଣ କରିବାରେ ଏହାର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ।

ସମ୍ମିଳନୀରେ ସମବେତ ୧ହଜାରରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ପରିବାରକୁ ସମ୍ବୋଧିତ କରି ତାଙ୍କୁ ନିମନ୍ତ୍ରଣ କରିଥିବାରୁ ଆୟୋଜକମାନଙ୍କୁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କିଟ୍-କିସ୍ କିଭଳି ଆମେ ଆମେରିକା ଏବଂ ଏହାର ଅନେକ ଶିକ୍ଷାନୁଷ୍ଠାନ ସହିତ ଦୃଢ଼ ସଂପର୍କ ତିଆରି କରିଛି ସେ ସମ୍ପର୍କରେ ସୂଚନା ଦେବା ସହ ପ୍ରତିବର୍ଷ ବିଭିନ୍ନ ଆମେରିକୀୟ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ରିସୋର୍ସ ପର୍ସନ ନିୟମିତ ଭାବରେ କିଟ୍-କିସ ପରିଦର୍ଶନ କରି ବକ୍ତୃତା ପ୍ରଦାନ ସହ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରନ୍ତି ସେ ବିଷୟରେ ମଧ କହିଥିଲେ।

ଏହି ଅବସରରେ କିଟ୍-କିସ୍ ଓ ଓସା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ କିଟ୍-କିସ୍ ପକ୍ଷରୁ ଅଚ୍ୟୁତ ସାମନ୍ତ ଓ ଓସା ପକ୍ଷରୁ ଏହାର ସଭାପତି ନାଗେଶ୍ୱର ରଜନଲା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଦିଗରେ କାର୍ଯ୍ୟ କରିବେ। ଏହା ସହ ଏହି ବୁଝାମଣାପତ୍ର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ, ଷ୍ଟାର୍ଟଅପ୍ ଇନକ୍ୟୁବେଟର, ନବସର୍ଜନା ପ୍ରୟୋଗଶାଳା ଏବଂ ବୃତ୍ତିଗତ ବିନିମୟ କାର୍ଯ୍ୟକ୍ରମରେ ସହଯୋଗ ପାଇଁ ବ୍ୟବସ୍ଥା କରିଛି ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ହସ୍ପିଟାଲର ପ୍ରତିଷ୍ଠାତା ଡା ସୀତାକାନ୍ତ ଦାଶ; ଚିକାଗୋରେ ଭାରତର କନସଲ ଜେନେରାଲ ସୋମନାଥ ଘୋଷ, ଡ ଓମକାର ନାଥ ମହାନ୍ତି; ଓସା ସଭାପତି ନାଗେଶ୍ୱର ରାଜନଲା; ଉପସଭାପତିଉତ୍କଳ ନାୟକ; ସମ୍ପାଦକ ସ୍ନିଗ୍ଧା ହୋତା; କୋଷାଧ୍ୟକ୍ଷ ସଞ୍ଜୀବ ରାଉତଙ୍କ ସମେତ ଯୁକ୍ତରାଷ୍ଟ୍ର ଓ କାନାଡାର ବହୁ ବିଶିଷ୍ଟ ପ୍ରବାସୀ ଓଡ଼ିଆ ଉପସ୍ଥିତ ଥିଲେ।

# ଉତ୍ତର ଓଡ଼ିଶା ପାଇଁ ନୂତନ ଟ୍ରେନ୍ ସେବା ଘୋଷଣା

ଭୁବନେଶ୍ୱର,,୬।୭(ନି.ପ୍ର.):: କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି ଯେ ଉତ୍ତର ଓଡ଼ିଶା ପାଇଁ ଏକ ନୂତନ ଟ୍ରେନ୍ ସେବା ପ୍ରଚଳନ କରାଯିବ, ଯାହା ସମଗ୍ର ରାଜ୍ୟରେ ରେଳ ସଂଯୋଗୀକରଣକୁ ଆହୁରି ସୁଦୃଢ଼ କରିବ ।ଉତ୍ତର ଓଡ଼ିଶାକୁ ରେଳ ସଂଯୋଗୀକରଣରେ ସୁଧାର ଆଣିବା ପାଇଁ ହୋଇଥିବା ଅନୁରୋଧର ଉତ୍ତରରେ ଏହି ଘୋଷଣା କରାଯାଇଛି। ମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ, ଯେପରି ପଶ୍ଚିମ, ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାରେ ରେଳ ସେବାକୁ ବିସ୍ତାର କରାଯାଇଛି, ସେହିପରି ଉତ୍ତର ଓଡ଼ିଶାର ସଂଯୋଗୀକରଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଗାଇ ଦିଆଯିବ ।ସମଗ୍ର ଓଡ଼ିଶାରେ ରେଳ ନେଟୱର୍କର କ୍ରମାଗତ ସମ୍ପ୍ରସାରଣ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଶ୍ରୀ ବୈଷ୍ଣବ ଦୋହରାଇଛନ୍ତି, ଯାହା ଦ୍ୱାରା ପ୍ରତ୍ୟେକ ଅଞ୍ଚଳ ଉନ୍ନତ ସଂଯୋଗୀକରଣ ଏବଂ ବିକଶିତ ଯାତ୍ରୀ ସେବାର ସୁବିଧା ପାଇପାରିବେ। ବିଶେଷ ଟିପ୍ପଣୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାର ସମସ୍ତ ଅଞ୍ଚଳରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରି ଏବଂ ଯାତ୍ରୀମାନଙ୍କ ଯାତ୍ରାକୁ ସୁଗମ କରି ଆଞ୍ଚଳିକ ବିକାଶରେ ସନ୍ତୁଳନ ରକ୍ଷା କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ସମ୍ବେଦନଶୀଳ ସ୍ଥାନରେ ଖୋଲୁଛି ମଦ ଦୋକାନ

କୋରାପୁଟ,୬।୭(ନି.ପ୍ର.): ଏକ ସମ୍ବେଦନଶୀଳ ସ୍ଥାନରେ ମଦ ଦୋକାନ ଖୋଲିବା ନେଇ ଅବକାରି ବିଭାଗ ଜାଣି ଅଜଣା ଅଭୀନୟ କରୁଥିବା ଜଣା ଯାଇଛି । ନ ଖୋଲିବା ନେଇ ଅଭିଯୋଗ ସ୍ଥାନୀୟ ଲୋକ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦାରସ୍ତ ହୋଇଥିବ ଅଭିଯୋଗ କାରିମାନେ କହିଛନ୍ତି । କିଛି କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ଆଗାମି ଦିନରେ ଜନ ଆନ୍ଦୋଳନ ତ୍ରୀବ ରୂପ ନେବବୋଲି ଅଭିଯୋଗକାରି କହିଛନ୍ତି । ଅପର ପକ୍ଷରେ ଅଭିଯୋଗ ଆସିଲେ ଦୋକାନି ବିରୁଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ କହି ଦାୟିତ୍ୱ ତୁଲାଇଦେବାରେ ପାରିଆପଣ ଅବକାରି ବିଭାଗ ଦେଖାଉଛି ।

ଘଟଣା କୋରାପୁଟ ଜିଲ୍ଲାର ସେମିଳିଗୁଡା ସହର ଅତି ସମ୍ବେଦନଶୀଳ ସ୍ଥାନ ଯଥା ଜାତୀୟ ରାଜପଥ ୨୬ କଡରେ ଖୋଲା ଯାଉଥିବା ନୂତନ ପଞ୍ଜିକରଣ ମଦଦୋକାନର ଅତି ନିକଟ ପାର୍ଶ୍ୱରେ ମନ୍ଦିର, ଶିକ୍ଷାନୁଷ୍ଠାନ, ଜନବସତି ବାସସ୍ଥାନ ରହିଛି । ଯାହା ଦ୍ୱାରା ଏହି ବ୍ୟବସାୟ ସମାଜରେ ଆଗାମି ଭବିଷ୍ୟତ ପିଢିପାଇଁ କୁ ପ୍ରଭାବ ପକାଇବ। ନିକଟରେ ଥିବା ଘରୋଇ ଶିକ୍ଷାନୁଷ୍ଠାନର ମୁଖିଆ ଓ ଶତାଧିକସ୍ଥାନୀୟ ବାସିନ୍ଦାମାନେ ପ୍ରସ୍ତାବିତ ପଞ୍ଜିକରଣ ବିଦେଶିମଦ ଦୋକାନ ଖୋଲାବାକୁ ବିରୋଧ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି । ଅଭିଯୋଗ ନେଇ କୋରାପୁଟ ଜିଲ୍ଲାପାଳଙ୍କୁ ସୁନାବେଡା ପୌରପାଳିକାର ୨୨ ନମ୍ବର ୱାର୍ଡ କାଉନସିଲରଙ୍କ ସହ ସ୍ଥାନୀୟ ବାସିନ୍ଦା ଟୁକୁନ ରାଉତ, ମନୋଜ ପରିଡା,ଅମିତ କୁମାର ପ୍ରମୁଖଙ୍କ ସ୍ୱାକ୍ଷରିତ ଏକଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିବା ଜଣାପଡିଛି । ଅଭିଯୋଗ ପତ୍ରରେ ମଦ ଦୋକାନ ଖୋଲିବା ସ୍ଥାନ ଠାରୁ ମାତ୍ର ୫୦ ମିଟର ଦୂରତାରେ ଏକ ଶିକ୍ଷାନୁଷ୍ଠାନ, ୫୦ ମିଟରରୁ କମ ଦୂରତାରେ ଧାର୍ମିକ ଅନୁଷ୍ଠାନ ମନ୍ଦିର,ସରକାରି ଉନ୍ନୟନମୂଳକ କାର୍ଯ୍ୟାଳୟ ରହିଥିବା ଦର୍ଶାଇ ଏହା ତୁରନ୍ତ ବନ୍ଦ କରିବା ନେଇ ଅଭିଯୋଗ ହୋଇଛି ! ପରିତାପର ବିଷୟ ଯେ, ରାଜ୍ୟ ସରକାର ଗୋଟିଏ ପଟେ ମଦମୁକ୍ତ ଅଭୀଯାନ କରି ଲୋକଙ୍କୁ ସଚେତନ କରିବା ଯୋଜନା କରୁଥିବା ବେଳେ ଏହି ଭଳି ଏକ ସମ୍ବଦେନଶୀଳ ସ୍ଥାନରେ ମଦ ଦୋକାନ ଖୋଲିବା ନେଇ ଅନୁମତି ଦେବା କେତେଦୂର ଯଥାଥ ରାଜ୍ୟ ସରକାର ଏହିଭଳି ଲୋକଙ୍କୁ ନାନା ଅସୁବିଧାରେ ପକାର ରାଜସ୍ୱ ଆଦାୟ କରିବା ଲକ୍ଷରେ ରହିଥିବା ଜଣାପଡିଛି !ଅଭିଯୋଗ ର କାର୍ଯ୍ୟାନୁଷ୍ଠାନ ନ ହେଲେ ରାସ୍ତାରେ ଆନ୍ଦୋଳନ ହେବା ସହ ଜନ ଆନ୍ଦୋଳନର ରୂପ ନେବ ବୋଲି ଲିପ୍ସା ରାଣି ଜେନା,ଭାରତୀ ପରିଡା ଓ ଭାନୁଲତା ଜେନା ପ୍ରମୁଖ କହିଛନ୍ତି । ଅନ୍ୟ ପକ୍ଷରେ କୁନ୍ଦୁଲି ଠାରେ ମଦ ଦୋକାନ ଖୋଲିବା ଆରମ୍ଭ ହେଉ ହେଉ ସେଠାରେ କୋଚିଆ ବ୍ୟବସାୟ ଆରମ୍ଭ ସହ ବୋତଲ ପିଛା ଗ୍ରାହାକଙ୍କ ଠାରୁ ୨୦ ରୁ ଅଧିକ ଟଙ୍କା ଆଦାୟ କରୁଛନ୍ତି। ଅଭିଯୋଗ କଲେ ଗ୍ରାହାକମାନଙ୍କୁ ଭୟଭିତ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜିଲ୍ଲା ଅବକାରି ନୀରିକ୍ଷକ ଅରୁଣ ପାଢିଙ୍କୁ ପଚାରିବାରେ ସେ କହିଥିଲେ ଯେ, ଅଭିଯୋଗ ଆସିଲେ ତଦନ୍ତ୍ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ।

। ଅଭିଯୋଗ ମୁତାବକ ସରକାର ସ୍ଥାନୀୟ ଅଞ୍ଚଳର ସର୍ବକ୍ଷଣ ନକରି ମଦ ଦୋକାନ ଅନୁମତି ଦେବା ଭୁଲ୍ ଦର୍ଶାଇଛନ୍ତି । ଯାହା ସରକାରଙ୍କ ନିୟମର ସିଧାସଳଖ ଉଲ୍ଲଂଘନ ବୋଲି ଦର୍ଶାଯାଇଛି । ସେମାନଙ୍କ ଅଭିଯୋଗ ମୁତାବକ ମଦ ଦୋକାନ ଖୋଲିବା ସ୍ଥାନଠାରୁ ମାତ୍ର ୫୦ ମିଟର ଦୂରତାରେ ଏକ ଶିକ୍ଷା ଅନୁଷ୍ଠାନ, ୫୦ ମିଟର ରୁ କମ୍ ଦୂରତାରେ ମନ୍ଦିର ରହିଥିବା ବେଳେ ସଂମ୍ପୃକ୍ତ ଦୋକାନ ଠାରୁ ମାତ୍ର କେଇହାତ ଦୂରତାରେ ଦୁଇଟି ଘରୋଇ ଟିଉସନ୍ ସ୍ଥାନ ରହିଥିବା ଜଣା ପଡିଛି। ଏପରି ଏକ ସ୍ଥାନରେ ସରକାର କିପରି ମଦ ଦୋକାନ ଖୋଲିବାକୁ ଅନୁମତି ଦେଇଛନ୍ତି ବୋଲି ହେମଲତା ରାଉତ, ଭାରତୀ ପରିଡା ଓ ଲପସା ରାଣୀ ଜେନା ପ୍ରଶ୍ନ କରିଛନ୍ତି । ସରକାର ଗୋଟେପଟେ ନିଶାମୁକ୍ତ ଅଭିଯାନ ଚଳାଇବାକୁ ପ୍ରବର୍ତ୍ତାଉ ଥିବାବେଳେ,ଅନ୍ୟପଟେ କିପରି ଧର୍ମୀୟ ଓ ଶିକ୍ଷା ଅନୁଷ୍ଠାନ ନିକଟରେ ଏପରି ନିଶା କାରବାର କରିବାକୁ ସ୍ୱୀକୃତି ଦେଉଛନ୍ତି ଯାହା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

ସଂମ୍ପୃକ୍ତ ଦୋକାନ ଯଦି ଉଚ୍ଛେଦ ନହୁଏ ତେବେ ରାଜରାସ୍ତାରେ ଆନ୍ଦୋଳନ ହେବାନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଅଞ୍ଚଳର ଲିପ୍ସାରାଣୀ ଜେନା, ଭାରତୀ ପରିଡା, ଭାନୁଲତା ଜେନା ପ୍ରମୁଖ । ସେହିପରି କୁନ୍ଦିଲି ଠିପି ବନ୍ଦ ମଦ ଦୋକାନ ଖୋଲିବା ପୂର୍ବରୁ ସେଠାରେ କୋଚିଆ ବେପାରରେ ମାତିବା ସହ ଚଢା ଦରରେ ମଦ ବିକ୍ରି ହେଉଥିବାରୁ ଗ୍ରାହକ ଅସନ୍ତୋଷ ଦେଖାଦେଇଛି ।ଏସମ୍ପର୍କରେ ଜିଲ୍ଲା ଅବକାରୀ ସୁପାରିନଟେଣ୍ଡେଣ୍ଟ ଅରୁଣ ପାଢ଼ୀଙ୍କୁ ପଚାରିବାରୁ ଇନିସପେକ୍ଟରଙ୍କୁ ଫିଲଡ ଭିଜିଟ କରାଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏଥିସହ କୁନ୍ଦୁଲି ମଦ ଦୋକାନର ମଧ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ